

ସାଇ ସୁଦର୍ଶନଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-297 ♦SATURDAY ♦25 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୯୭ ♦ଶନିବାର ♦୨୫ ଏପ୍ରିଲ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଏଥର ସଅଳ ମୌସୁମୀ

## ଆଷାଢ଼ ପୂର୍ବରୁ ଆସିବ ବର୍ଷା

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ଚଳିତ ବର୍ଷ ଭାରତରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏକ ଆଶ୍ୱସ୍ତିକର ଖବର ଆସିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତରେ ପହଞ୍ଚିବା ନେଇ ପାଣିପାଗ ବିଭାଗ ସଙ୍କେତ ଦେଇଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ସ୍ୱାଭାବିକ ସମୟ ପୂର୍ବରୁ ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ମେ ୧୮ ରୁ ୨୫ ମଧ୍ୟରେ ମୌସୁମୀ ପ୍ରଥମେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଛୁଇଁବାର ସମ୍ଭାବନା ରହିଛି। ମେ ୨୫ ରୁ ଜୁନ୍ ୧ ମଧ୍ୟରେ ମୌସୁମୀ ବାୟୁ କେରଳ ଉପକୂଳରେ ପହଞ୍ଚିବାର ପୂର୍ବାନୁମାନ କରାଯାଇଛି। ଏହି ସମୟରେ କେରଳ ଏବଂ ଦକ୍ଷିଣ ତାମିଲନାଡୁରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ଦେବେନ୍ଦ୍ର ତ୍ରିପାଠୀଙ୍କ ଏନେଇ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ମୌସୁମୀ ଆସିବା ବେଳକୁ 'ଏଲ୍ ନିନୋ' ଶେଷ ହେଉଥିବାରୁ ଏହାକୁ ବର୍ଷା ପାଇଁ ଅନୁକୂଳ ବୋଲି ସେ କହିଛନ୍ତି। ସେପଟେ ଭାରତ ମହାସାଗରୀୟ ଦ୍ୱିମେରୁ ମୌସୁମୀକୁ ସକ୍ରିୟ କରିବାରେ ସହାୟକ ହେବ ବୋଲି ଆଶା ସଞ୍ଚାର ହୋଇଛି। ବର୍ତ୍ତମାନ ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୩-୪୪ ଡିଗ୍ରୀ ସେଲସିୟସ ରହୁଥିବାରୁ ଏହା ସମୁଦ୍ରରୁ ଆର୍ଦ୍ର ବାୟୁକୁ ଶୀଘ୍ର ଟାଣିବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି। ବର୍ଷାର ଆଗୁଆ ଆଗମନ ହେଲେ ଗ୍ରୀଷ୍ମ ତାପରେ ଅତିଷ୍ଠ ହେଉଥିବା କୋଟି କୋଟି ଭାରତୀୟଙ୍କ ପାଇଁ ଏବଂ ବିଶେଷ କରି କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବା ଚାଷୀଙ୍କ ପାଇଁ ବହୁତ ଲାଭଦାୟକ ହେବ। ଯଦି ବାୟୁମଣ୍ଡଳୀୟ ପରିସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ ନହୁଏ, ତେବେ ମେ ୨୫ ବେଳକୁ ଦକ୍ଷିଣ ଭାରତରେ ବର୍ଷା ଋତୁ ଆରମ୍ଭ ହୋଇଯିବ ବୋଲି ସମ୍ଭାବନା ଦେଖାଦେଇଛି।



ମେ' ଶେଷ ସୁଦ୍ଧା ମିଳିବ ପ୍ରଚଣ୍ଡ ଖରାରୁ ଆଶ୍ୱସ୍ତି

# ୨୩ ଯୋଜନା ମୁଣ୍ଡରେ ଖଣ୍ଡା

## ଅନୁଦାନ ମିଳୁ ନ ଥିବା ଯୋଜନାକୁ ବନ୍ଦ ଲାଗି ବିଚାର

### ତାଲିକା ପ୍ରସ୍ତୁତ କରିବାକୁ ଉନ୍ନୟନ କମିସନରଙ୍କ ଚିଠି

### ଯୋଜନା ବନ୍ଦ ପଛରେ ରାଜନୈତିକ ଅଭିସନ୍ଧି ସନ୍ଦେହ

■ ଭୁବନେଶ୍ୱର, ୨୪।୪ (ସମିସ): ପୂର୍ବ ସରକାରଙ୍କ ଦ୍ୱାରା ରାଜ୍ୟବାସୀଙ୍କ ପାଇଁ ପ୍ରବର୍ତ୍ତିତ ହୋଇଥିବା ଅନେକ ଜନମଙ୍ଗଳକାରୀ ଯୋଜନା ଏବେ ବନ୍ଦ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଗୁରୁତର ସହ ବିଚାର କରୁଥିବା ଜଣାପଡ଼ିଛି। ସରକାର ସମସ୍ତ ରାଜ୍ୟ ପ୍ରବର୍ତ୍ତିତ ଯୋଜନା ଗୁଡ଼ିକୁ ସେଗୁଡ଼ିକର ପ୍ରଭାବ/ପ୍ରାଥମିକତା ଭିତ୍ତିରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ଗତ ତିନିରୁ ଚାରି ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇ ନ ଥିବା ବା ନାମମାତ୍ର ବରାଦ ହୋଇଥିବା ଯୋଜନାଗୁଡ଼ିକୁ ବନ୍ଦ କରିବା ନେଇ ବିଚାର କରାଯାଇପାରେ ବୋଲି ସରକାରଙ୍କ ସୂତ୍ରରୁ ସୂଚନା ମିଳିଛି।

ପୂର୍ବରୁ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ପ୍ରଚଳିତ ଅନେକ ଯୋଜନାର ନାମ ନୂଆ ସରକାର ପରିବର୍ତ୍ତନ କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଆଦି ପ୍ରାୟ ୧୫ଟି ଯୋଜନାର ନାମ ଓ ଢ଼ାଞ୍ଚା ପରିବର୍ତ୍ତନ କରାଯାଇଛି। ଏହାବ୍ୟତୀତ ଗତ ୨ ବର୍ଷ ହେଲା ଅନୁଦାନ ବନ୍ଦ ଯୋଗୁଁ ତତ୍କାଳୀନ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ଯୋଜନା ଏବେ ମୁମୂର୍ଷୁ ଅବସ୍ଥା ଦେଇ ଗତିକରୁଛି। ବର୍ତ୍ତମାନ ଏହି ଯୋଜନାଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତତ୍କାଳୀନ ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ନବୋଦୟ ଉତ୍ଥାନ ଯୋଜନା, ଉତ୍କର୍ଷ ଯୋଜନା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରଚଳିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା, ଭୂଚେତନା, ମହିଳା କୃଷକଙ୍କ ନିମନ୍ତେ ମାଗଣା ସ୍ମାର୍ଟଫୋନ୍ ଯୋଜନା, ପରିବହନ ବିଭାଗ ଦ୍ୱାରା ପରିଚାଳିତ ବିଜୁ ଗାଡ଼ିଚାଳକ ବୀମା ଯୋଜନା, ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଚଳିତ ଉନ୍ନତି ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରଚଳିତ ବିଜୁ ଶିଶୁ ସୁରକ୍ଷା ଯୋଜନା, ବାଣିଶ୍ରୀ ଯୋଜନା, କିଶୋରୀ ଶକ୍ତି ଯୋଜନା, ବିଜୁ କନ୍ୟାରତ୍ନ ଯୋଜନା, ମହିଳା ସଶକ୍ତୀକରଣ ଯୋଜନା, ଆଇନବିଭାଗ ଦ୍ୱାରା ପ୍ରଚଳିତ ମଧୁବାବୁ ଆଇନ ସହାୟତା ଯୋଜନା, ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ କଳିଙ୍ଗ ଶିକ୍ଷାସାଥୀ ଯୋଜନା, ଜନଜାତି ବିକାଶ ବିଭାଗ ଦ୍ୱାରା ପ୍ରଚଳିତ ଅନ୍ୱେଷା ଯୋଜନା, ଆକାଂକ୍ଷୀ ଯୋଜନା, ପରିବହନ ବିଭାଗର ବିଜୁ ଗାଁ ଗାଡ଼ି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା, ରାଜସ୍ୱ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବସୁନ୍ଧରା ଯୋଜନା, ହସ୍ତତନ୍ତ ବିଭାଗ ଦ୍ୱାରା ପ୍ରଚଳିତ ମହାତ୍ମାଗାନ୍ଧୀ ବୁଣାକାର ବୀମା ଯୋଜନା , ରାଜସ୍ୱ ବିଭାଗର ମୋ ଜମି-ମୋ ଡ଼ିହ ଭଳି ଯୋଜନାଗୁଡ଼ିକ ଉପରେ ଡ଼େମୋକ୍ଲିସ ଖଣ୍ଡା ଝୁଲୁଛି।

ଉନ୍ନୟନ କମିସନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ପୂର୍ବ ସରକାରଙ୍କ ପ୍ରାୟ ୨୩ଟି ଯୋଜନାକୁ ବୈଠକରେ ସମୀକ୍ଷା କରାଯାଇଛି। ଏହାପରେ ଉନ୍ନୟନ କମିସନର ଏନେଇ ରାଜ୍ୟର ସମସ୍ତ ଅତିରିକ୍ତ ମୁଖ୍ୟ ▶ପୃଷ୍ଠା-୭

# ବିଜେପିରେ ମିଶିଲେ ଆପ୍‌ର ୭ ରାଜ୍ୟସଭା ସାଂସଦ




### କେଜ୍ରିୱାଲଙ୍କ ବିରୋଧରେ ବିଦ୍ରୋହ

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜାତୀୟ ରାଜନୀତି ବେଶ ସରଗରମ ରହିଛି। ଏହି ସମୟରେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରେ ରାଜ୍ୟସଭାର ୭ ଜଣ ସାଂସଦ ବିଦ୍ରୋହ କରିଛନ୍ତି। ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଡ଼୍ଢାଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହରେ ସାତ ଜଣ ସାଂସଦ ଆପ୍‌ରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେବାକୁ ଘୋଷଣା କରିଛନ୍ତି। ଆପ୍‌ର ଉପନେତା ପଦରୁ ଚଡ଼୍ଢାଙ୍କୁ ହଟାଇ ଅଶୋକ ମିତ୍ତଲଙ୍କୁ ଉପନେତା କରାଯାଇଥିବା ବେଳେ ସେ ମଧ୍ୟ ବିଦ୍ରୋହରେ ସାମିଲ ହୋଇଛନ୍ତି। ଏହାଫଳରେ ରାଜ୍ୟସଭାରେ ଆପ୍ ସଭ୍ୟ ସଂଖ୍ୟା ୧୦ରୁ ୩କୁ ହ୍ରାସ ପାଇଛି। ଦଳବଦଳ ଆଇନ ଅନୁଯାୟୀ ଦୁଇ ତୃତୀୟାଂଶରୁ ଅଧିକ ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିବାରୁ ସେମାନଙ୍କର ସଭ୍ୟପଦ କାଏମ ରହିବ। ଚଡ଼୍ଢା ଓ ମିତ୍ତଲଙ୍କ ସମେତ ଅନ୍ୟ ଯେଉଁମାନେ ଆପ୍ ଛାଡ଼ିଛନ୍ତି ସେମାନେ ହେଲେ ସନ୍ଦୀପ ପାଠକ, ପୂର୍ବତନ କ୍ରିକେଟର ହରଭଜନ ସିଂହ, ସ୍ୱାତୀ ମାଲିୱାଲ, ରାଜେନ୍ଦ୍ର ଗୁପ୍ତା ଏବଂ ବିକ୍ରମ ସାହନୀ। ସେମାନେ ବିଜେପିରେ ଯୋଗଦେବା ଲାଗି ଲିଖିତ ଭାବେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଜଣାଇଛନ୍ତି ବୋଲି ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଚଡ଼୍ଢା। ସାମ୍ବାଦିକ ସମ୍ମିଳନୀ ପରେ ଚଡ଼୍ଢାଙ୍କ ସହିତ ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ ବିଜେପି ସଭାପତି ନୀତୀନ ନବୀନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିଲେ। ଚଡ଼୍ଢା କହିଲେ ଯେ ଆପ୍ ନିଜର ମୂଳ ନୀତି ଏବଂ ଆଦର୍ଶରୁ ବିଚ୍ୟୁତ ହୋଇଛି। ଅନ୍ୟପଟେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ଚଡ଼୍ଢାଙ୍କ କହିବା ଅନୁଯାୟୀ, ରାଜ୍ୟସଭାରେ ଆପ୍‌ର ଦୁଇ-ତୃତୀୟାଂଶ ସଦସ୍ୟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଜେପି ସହିତ ମିଶ୍ରଣ ହେବାକୁ ▶ପୃଷ୍ଠା-୭

## ରାଜଧାନୀ ରାଜରାସ୍ତାରେ ତାତିର କର୍ଫ୍ୟୁ



# ଆକାଶରୁ ବର୍ଷୁଛି ନିଆଁ

## ସିଝୁଛି ପଶ୍ଚିମ ଓଡ଼ିଶା: ଝାରସୁଗୁଡ଼ାରେ ତାପମାତ୍ରା ୪୪.୮ ଡିଗ୍ରୀ

### ୧୮ ସହରରେ ପାରଦ ୪୦ ଡିଗ୍ରୀ ଉପରେ

### ଆଜିଠାରୁ ବଢ଼ିବ କାଳବୈଶାଖୀର ପ୍ରଭାବ

■ ଭୁବନେଶ୍ୱର, ୨୪।୪ (ସମିସ): ଗୁରୁବାର ଅପେକ୍ଷା ଶୁକ୍ରବାର ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଥିଲେ ହେଁ ଅସହ୍ୟ ତାତି ଏବଂ ଗୁଳୁଗୁଳିରେ ସନ୍ତୁଳି ହୋଇଛି ଓଡ଼ିଶା। ଆକାଶରୁ ନିଆଁ ପିଣ୍ଡୁଳା ବର୍ଷିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ୧୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ଝାରସୁଗୁଡ଼ାରେ ତାତି ରାଜ୍ୟର ସର୍ବାଧିକ ୪୪.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତାକାଲିଠାରୁ ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାତିରୁ କିଛି ପରିମାଣରେ ଆଶ୍ୱସ୍ତି ମିଳିପାରେ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ଅନୁଗୋଳ ଓ ଟିଟିଲାଗଡ଼ରେ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଲାଙ୍ଗୀରରେ ୪୩ ଡିଗ୍ରୀ, ହୀରାକୁଦରେ ୪୩.୪ ଡିଗ୍ରୀ, ସମ୍ବଲପୁରରେ ୪୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭବାନୀପାଟଣା, ନୂଆପଡ଼ା ଓ ରାଉରକେଲାରେ ପାରଦ ୪୨.୬ ଡିଗ୍ରୀ ରହିଥିବା ବେଳେ ତାଳଚେରରେ ୪୨.୫ ଡିଗ୍ରୀ, ସୋନପୁରରେ ୪୨.୮ ଡିଗ୍ରୀ, ▶ପୃଷ୍ଠା-୭

## ୨୭ରୁ ସ୍କୁଲରେ ଖରାଛୁଟି

■ ଭୁବନେଶ୍ୱର, ୨୪।୪ (ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରା ଛୁଟି ଘୋଷଣା କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସରକାରୀ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ମାତ୍ର ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ ବୋଲି କୁହାଯାଇଛି। ଅର୍ଥାତ୍ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ନ ଗଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଦ୍ୟାଳୟ ଯାଇ କାର୍ଯ୍ୟ କରିବେ।

## ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

### ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ହେବ ଆଲୋଚନା

■ ଭୁବନେଶ୍ୱର, ୨୪।୪ (ସମିସ): ଆସନ୍ତା ୩୦ ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଅଧିବେଶନରେ ଦିବସବ୍ୟାପୀ ଆଲୋଚନା ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ଗୁରୁବାର ସୂଚନା ପ୍ରଦାନ କରାଯାଇଛି।

ନିକଟରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ବିଜେପି ଏହାକୁ ରାଜନୈତିକ ପ୍ରସଙ୍ଗ କରିଛି। ଦେଶବ୍ୟାପୀ ବିଜେପି ପକ୍ଷରୁ ଜନ ଆକ୍ରୋଶ ସମାବେଶ କରାଯିବା ସହ ବିଲ୍ ପାରିତ ନ ହେବା ନେଇ ବିରୋଧୀଙ୍କୁ ଦୋଷ ଦିଆଯାଉଛି। ଅପରପକ୍ଷେ ମହିଳା ସଂରକ୍ଷଣ ବିଲ୍ ଆଳରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣି ଏହାକୁ ପାରିବାକୁ ବିଜେପି ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ କରି ବିରୋଧୀ କଡ଼ା ସମାଲୋଚନା କରୁଛନ୍ତି। ୨୦୨୩ ମସିହାରେ ସଂସଦରେ ମହିଳା ସଂରକ୍ଷଣ ▶ପୃଷ୍ଠା-୭

### ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ବଲାଙ୍ଗିରରେ ହେବ ଚିନି କଳ, ଟେକ୍ସଟାଇଲ୍ ପାର୍କ




ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

■ ବଲାଙ୍ଗୀର, ୨୪।୪ (ସମିସ): ବଲାଙ୍ଗିରରେ ହେବ ଚିନିକଳ, ସ୍ଥାପନ ହେବ ଟେକ୍ସଟାଇଲ୍ ପାର୍କ। ବଲାଙ୍ଗିରଠାରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚିନ୍ତାଧାରା ହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବ ଓ ଏହା ମାଧ୍ୟମରେ ସମସ୍ତେ ଘର ପାଇବେ। ଜଳଜୀବନ ମିସନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

# ଚାକିରି ଖାଉଛି ଏଆଇ

## ମେଟା, ଓରାକଲ୍, ମାଇକ୍ରୋସଫ୍ଟରୁ ମାସକରେ ୪୬,୭୫୦ ଛଟେଇ



### ୪ ମାସରେ ୭୩ ହଜାରରୁ ଅଧିକ କର୍ମଚାରୀ ବିଦା

### ଚାକିରି ଛାଡ଼ିବାକୁ କର୍ମଚାରୀଙ୍କୁ ଅର୍ଥ ଅଫର କରୁଛି ମାଇକ୍ରୋସଫ୍ଟ

■ ନୂଆଦିଲ୍ଲୀ, ୨୪।୪ (ଏଜେନ୍ସି): ୨୦୨୬ ଆଇଟି ଶିଳ୍ପ ପାଇଁ ସବୁଠାରୁ କଠିନ ବର୍ଷ ପ୍ରମାଣିତ ହେବାକୁ ଯାଉଛି। କାରଣ ଏଆଇ ଯୁଗରେ ଟେକ୍ନୋଲୋଜି ଶିଳ୍ପରେ ଏକ ବଡ଼ ନିଯୁକ୍ତି ସଙ୍କଟ ଦେଖାଦେଇଛି। ଚଳିତବର୍ଷ ଆଇଟି ଶିଳ୍ପରେ ବ୍ୟାପକ ଛଟେଇ ଜାରି ରହିଛି। ୨୦୨୬ରେ ଏ ପର୍ଯ୍ୟନ୍ତ ଶିଳ୍ପରେ ୭୩,୦୦୦ ରୁ ଅଧିକ କର୍ମଚାରୀ ଛଟେଇ ହୋଇଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଟୋମେସନ୍ ଏହାର ଏକ ପ୍ରମୁଖ କାରଣ। ବର୍ତ୍ତମାନ ଟେକ୍ କମ୍ପାନୀଗୁଡ଼ିକ ଖର୍ଚ୍ଚ କାଟ୍ ଉପରେ ଧ୍ୟାନ ଦେଉଛନ୍ତି। ଆହୁରିମଧ୍ୟ ଗତ ମାସକ ଭିତରେ ଟେକ୍ କମ୍ପାନୀଗୁଡ଼ିକରେ ଅନେକ ପରିବର୍ତ୍ତନ ହୋଇଛି। କମ୍ପାନୀଗୁଡ଼ିକ ଏଆଇ ଟେକ୍ନୋଲୋଜିରେ କୋଟି କୋଟି ଅର୍ଥ ନିବେଶ କରୁଥିବାବେଳେ ଶ୍ରମବଳ ହ୍ରାସ କରୁଛନ୍ତି। ଓରାକଲ୍, ମେଟା ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀ ଗତ ମାସକ ମଧ୍ୟରେ ୪୬,୭୫୦ କର୍ମଚାରୀ ଛଟେଇ କରିଛନ୍ତି। କମ୍ପାନୀଗୁଡ଼ିକର ଲାଭ ବି ସେହି ଅନୁସାରେ ହେଉଛି। ହେଲେ ଟେକ୍ନୋଲୋଜିର ଅବାଧ ପ୍ରବେଶ ଲୋକଙ୍କ ଚାକିରି ଖାଇଯାଉଛି।

ଆଇଟି ଶିଳ୍ପରେ ବର୍ତ୍ତମାନର ଛଟେଇ କୋଭିଡ୍-୧୯ ମହାମାରୀ ସମୟରେ ନିଯୁକ୍ତି ବୃଦ୍ଧି ପରେ କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ପୁନଃସେଟର ଏକ ଅଂଶ ଭାବରେ ଦେଖାଯାଉଛି। ସବୁଠାରୁ ବଡ଼ କାରଣ ହେଉଛି, ଏଆଇ ଦ୍ୱାରା ପରିଚାଳିତ ସାଂରଚନିକ ପରିବର୍ତ୍ତନ, ଯେଉଁଠାରେ କମ୍ପାନୀଗୁଡ଼ିକ ପୁରୁଣା ମଡେଲଗୁଡ଼ିକରୁ ଦୂରେଇ ଯାଇ ଏକ ନୂତନ ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ଦେଉଛନ୍ତି। ଏଆଇ ବ୍ୟବହାର ଯୋଗୁ ପୂର୍ବରୁ ମେଟା ହଜାର ହଜାର କର୍ମଚାରୀ ଛଟେଇ କରିସାରିଥିବା ବେଳେ ଏବେ ପୁଣି ନୂଆ ଛଟେଇ କରିବାକୁ ପ୍ରସ୍ତୁତ ହେଉଛି। ଏଥର କମ୍ପାନୀ ୮ ହଜାର କର୍ମଚାରୀ ଛଟେଇ କରିବ, ଯାହା ଏହାର ମାନବ ସମ୍ବଳର ୧୦% ବୋଲି କୁହାଯାଉଛି। କେବଳ ସେତିକି ନୁହେଁ, ଓପନ ରୋଲ୍ସ ପାଇଁ କମ୍ପାନୀ ପୂର୍ବରୁ ନିଯୁକ୍ତି ଦେବାକୁ ଯେଉଁ ଘୋଷଣା କରିଥିଲା, ତାହା ବି ଆଉ କରିବନାହିଁ। କାରଣ ମେଟା ଏଥର ଏଆଇରେ ୧୩୫ ବିଲିଅନ ଡଲାର ନିବେଶ କରିବାକୁ ଯୋଜନା କରୁଛି। ଟେକ୍ନୋଲୋଜୀ କମ୍ପାନୀ ଓରାକଲ ନିକଟରେ ୩୦ ହଜାର କର୍ମଚାରୀ ଛଟେଇ କରିଛି। ଭାରତ ସମେତ ବିଭିନ୍ନ ଦେଶରୁ ଏହି ଛଟେଇ ହୋଇଛି। ସବୁଠାରୁ ▶ପୃଷ୍ଠା-୭

# ପଶ୍ଚିମବଙ୍ଗରେ ରେକର୍ଡ ମତଦାନ କାହା ସପକ୍ଷରେ

କୋଲକାତା, ୨୪।୪: ଗତକାଲି ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ତାମିଲନାଡୁର ସମସ୍ତ ୨୩୪ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଛି । ଉଭୟ ରାଜ୍ୟରେ ରେକର୍ଡ ମତଦାନ ହୋଇଛି । ପଶ୍ଚିମବଙ୍ଗରେ ୯୨.୯ ପ୍ରତିଶତ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ୮୪.୨୯ ପ୍ରତିଶତ ମତଦାନ ହୋଇଛି । ସ୍ୱାଧୀନ ଭାରତ ଇତିହାସରେ ଏହି ଦୁଇ ରାଜ୍ୟରେ ଏମିତି ରେକର୍ଡ ମତଦାନ କେବେ ହୋଇନଥିଲା । ତାମିଲନାଡୁରେ ମୁଖ୍ୟ ମୁକାବିଲା କ୍ଷମତାସୀନ ଡିଏମକେ ଓ ଆନ୍ନାଡିଏମକେ ତଥା ଅଭିନେତା ବିଜୟଙ୍କ ଟିଭିକେ ମଧ୍ୟରେ ହେଉଥିବା ବେଳେ ପଶ୍ଚିମ ବଙ୍ଗରେ ବିଜେପି ଏବଂ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ମଧ୍ୟରେ ତୀବ୍ର ମୁକାବିଲା ହେଉଛି । ଏହି ଦୁଇଟି ରାଜ୍ୟରେ ରେକର୍ଡ ମତଦାନ କାହା ସପକ୍ଷରେ ଯାଇଛି? ଏହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର ଧରିଛି । ଏକ ସମୟରେ ୫ଟି ରାଜ୍ୟରେ ନିର୍ବାଚନ ହୋଇଥିବା ବେଳେ ସମସ୍ତଙ୍କର ନଜର ରହିଛି ପଶ୍ଚିମ ବଙ୍ଗ ଉପରେ । ରାଜ୍ୟରେ କ୍ରମାଗତ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଉଦ୍ୟମ ଚଳାଇଥିବା ବେଳେ ପ୍ରଥମ ଥର ଲାଗି କ୍ଷମତା ଦଖଲ ଲାଗି ସମସ୍ତ ଶକ୍ତି ଖଟାଇଛି ବିଜେପି । ବିବାଦୀୟ ଏସଆଇଆର ମଧ୍ୟରେ ହୋଇଥିବା ଏହି ନିର୍ବାଚନର ଫଳାଫଳ କଣ ହେବ ତାହା ଉପରେ ସମସ୍ତଙ୍କର ନଜର ରହିଛି । ତେବେ ରେକର୍ଡ ହାର ମତଦାନକୁ ନେଇ ଉଭୟ ଟିଏମସି ଏବଂ ବଜେପି ନିଜ ନିଜ ସପକ୍ଷରେ ଦାବି ଜଣାଇଛନ୍ତି । ମମତା କହୁଛନ୍ତି ଯେ ଟିଏମସି ଜିତିବ ଏବଂ ବିଜେପି ନେତା କହୁଛନ୍ତି ସେମାନଙ୍କ ପାର୍ଟି ଜିତିବ ।



ସାଧାରଣତଃ ବିଶ୍ୱାସ କରାଯାଏ ଯେ ଅତ୍ୟଧିକ ଭୋଟ ପଡ଼ିଲେ ଏହା ସରକାର ବିରୋଧରେ ଯାଏ । ଏହି ଧାରା ଜାରି ରହିଲେ ମମତା ସରକାର ଯିବା ନିଶ୍ଚିତ । କାରଣ ନିର୍ବାଚନ କମିସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ପଶ୍ଚିମବଙ୍ଗରେ ୨୦୧୧ରେ ସର୍ବାଧିକ ମତଦାନ ୮୪.୭୨ ପ୍ରତିଶତ ରେକର୍ଡ କରାଯାଇଥିଲା । ଏଥିରେ ବାମପନ୍ଥୀ ସରକାରକୁ ଗାଦିଚ୍ୟୁତ କରି ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହାପରେ ହୋଇଥିବା ନିର୍ବାଚନରେ ମତଦାନ ହାର କମିବାକୁ ଲାଗିଥିଲା । ୨୦୧୬ରେ ୮୩.୦୨ ମତଦାନ ହୋଇଥିବା ବେଳେ ୨୦୨୧ରେ ୮୨.୩୦ ପ୍ରତିଶତକୁ ଖସି ଆସିଥିଲା । କିନ୍ତୁ ଏଥର ନିର୍ବାଚନରେ ଭୋଟିଂ ହାର ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତ ହୋଇଛି । ଏହାକୁ ନେଇ ଉତ୍ସାହିତ ଥିବା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ମଧ୍ୟରୁ ବିଜେପିକୁ ମିଳିବ ୧୨୫ ଆସନ । ଅନ୍ୟପକ୍ଷରେ ମମତା କହିଛନ୍ତି ଯେ ତାଙ୍କ ଦଳ ପ୍ରଥମ ପର୍ଯ୍ୟାୟ ଜିତି ସାରିଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବିଜେପିକୁ ଚୂରମାର କରିଦେବ । ଉଭୟ ଦଳର ନେତା ବିଜୟ ଦାବି କରୁଥିଲେ

- ଏସ୍‌ଆଇଆର୍‌କୁ ନେଇ ଆତଙ୍କିତ ଭୋଟର
- ନାମ କଟିଯିବା ଭୟରେ ମତଦାନ କେନ୍ଦ୍ରରେ ଭିଡ଼
- ବିହାରରେ ବି ବଢ଼ିଥିଲା ୧୦% ମତଦାନ ହାର

ମଧ୍ୟ ସେମାନଙ୍କ କଥାରେ ସେଭଳି ଦମ୍ଭ ଥିଲା ଭଳି ମନେହେଉନି । ସେମାନେ ବି ଦ୍ୱନ୍ଦ୍ୱରେ ଅଛନ୍ତି । ନିର୍ବାଚନ ଉପରେ ତୀକ୍ଷ୍ଣ ନଜର ରଖୁଥିବା ରାଜନୀତି ବିଶେଷଜ୍ଞମାନେ ମଧ୍ୟରେ ଦ୍ୱନ୍ଦ୍ୱରେ । ରେକର୍ଡ ମତଦାନ କାହା ସପକ୍ଷରେ ଯାଇଛି, ତାହା ସେମାନେ ମଧ୍ୟ ନିଶ୍ଚିତ ହୋଇ ଆକଳନ କରିପାରୁ ନାହାନ୍ତି । ତେବେ ରେକର୍ଡ ମତଦାନର ଦୁଇଟି ପ୍ରମୁଖ କାରଣ ରହିଛି । ପ୍ରଥମଟି ହେଲା ଏସଆଇଆର ପରେ ପ୍ରଥମ ଥର ହୋଇଥିବା ନିର୍ବାଚନରେ ୨୦୨୪ ଲୋକସଭା ନିର୍ବାଚନ ଅପେକ୍ଷା ଭୋଟରଙ୍କ ସଂଖ୍ୟା ୯୧ ଲକ୍ଷ କମିଛି । ଦ୍ୱିତୀୟ କାରଣଟି ହେଉଛି ଭୋଟର ତାଲିକାରେ ନିଜର ନାମ ବଜାୟ ରଖିବା ଲାଗି ରାଜ୍ୟ ବାହାରେ ଥିବା ଦାଦନ ଶ୍ରମିକ କାମଧନ୍ଦା ଛାଡ଼ି ବହୁସଂଖ୍ୟାରେ ଫେରି ଆସିଛନ୍ତି । ଏସ୍‌ଆଇଆରକୁ ନେଇ ଭୋଟରମାନଙ୍କ ମଧ୍ୟରେ ଭୟ ସଂଚାର ହୋଇଛି ଯେ ୨୦୨୬ରେ ମତଦାନ କରିନପାରିଲେ ସେମାନଙ୍କର ନାଗରିକତା କଟିଯିବ । ଏହି କାରଣରୁ ଅଧିକରୁ ଅଧିକ ଲୋକ ଭୋଟ୍ ଦେଇଛନ୍ତି ।

ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ଏସୱାଇ କୁରେସୀଙ୍କ ମତରେ ବଙ୍ଗରେ ମତଦାନରେ ବିଶେଷ ପରିବର୍ତ୍ତନ ହୋଇନାହିଁ । ରାଜ୍ୟରେ ଏସଆଇଆର ଯୋଗୁଁ ୯୧ ଲକ୍ଷଙ୍କ ନାମ କଟିଛି । ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୦ ଲକ୍ଷ ଲୋକଙ୍କ ନାମ କଟିଛି । ସେମାନଙ୍କର ନାମ କଟିନଥିଲେ ମତଦାନ ହାର ୮୩ ପ୍ରତିଶତ ହୋଇଥାଆନ୍ତା । ନିର୍ବାଚନ ବିଶେଷଜ୍ଞ ରାଜଦୀପ ସରଦେଶାଇ କହିଛନ୍ତି ଯେ ମତଦାନ ହାର ବଢ଼ିଲେ ଶାସକ ଦଳ ପରାଜିତ ହେବାର ଧାରଣା ଭୁଲ୍ । ବିହାରର ଉଦାହରଣ ଦେଇ ସେ କହିଛନ୍ତି ଯେ ୨୦୨୦ରେ ବିହାରରେ ୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୨୫ରେ ଏହି ହାର ୬୭ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଏଥିରେ କ୍ଷମତାସୀନ ମେଣ୍ଟ ଅଧିକ ଆସନ ପାଇ ବିଜୟୀ ହୋଇଥିଲା । ତେଣୁ ମତଦାନ ହାରରୁ ଜୟ ପରାଜୟର ଆକଳନ କରାଯିବା ଠିକ୍ ନୁହେଁ ।

## ମଣିପୁରରେ ପୁଣି ହିଂସା: ଗୁଳିକାଣ୍ଡରେ ୩ ମୃତ

ଇମ୍ଫାଲ, ୨୪।୪(ଏଜେନ୍ସି): ମଣିପୁରର ଉଖରୁଲ ଜିଲ୍ଲାରେ ମୁଲ୍ଲମ ଗ୍ରାମ ଏବଂ ସିନାକେଇଥେଇ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଦୁଇଟି ପୃଥକ ପୃଥକ ସଂଘର୍ଷରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଏଲ୍. ସିଟଲୋଉ, ପି. ହାଓଲାଇ ଏବଂ ୨୯ ବର୍ଷୀୟ ଏଚ୍. ଜାମାଙ୍ଗ । ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ହୋଇଥିବା ଏହି ଗୁଳି ବିନିମୟ ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ବିନିମୟ ଏବଂ ଅତର୍କିତ ଆକ୍ରମଣ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ଘଟିବା ସହ କିଛି ଘର ଜଳାଇ ଦିଆଯାଇଛି । ସକାଳ ପ୍ରାୟ ୫:୩୦ ସମୟରେ ପ୍ରଥମେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ସୁରକ୍ଷା ବଳ ମୁଲ୍ଲମ ଗ୍ରାମ ନିକଟରୁ ଉଦ୍ଧାର କରିଥିବା ଦୁଇଟି ମୃତଦେହ ଛଦ୍ମବେଶୀ ପୋଷାକ ପିନ୍ଧିଥିବା ଜଣାପଡ଼ିଛି । ଏପ୍ରିଲ ୧୮ ତାରିଖରେ ଏକ ସାଧାରଣ ନାଗରିକ କନଭୟ ଉପରେ ଆକ୍ରମଣ କରି ଦୁଇଜଣ ଟାଙ୍ଗଖୁଲ ନାଗାଙ୍କୁ ହତ୍ୟା କରାଯିବା ପରଠାରୁ ଏହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ, ମୁଲ୍ଲମ ଗ୍ରାମରେ ହୋଇଥିବା ଗୁଳିକାଣ୍ଡରେ କିଛି ଘରକୁ ମଧ୍ୟ ସଶସ୍ତ୍ର ଗୋଷ୍ଠୀ ଜଳାଇ ଦେଇଛନ୍ତି । କୁକି ଅର୍ଗାନାଇଜେସନ୍ ଫର୍ ହ୍ୟୁମାନ ରାଇଟ୍ସ ଟ୍ରଷ୍ଟ ଏହି ଘଟଣାକୁ ନିନ୍ଦା କରିବା ସହ ଦୁଇଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କ ହତ୍ୟା ପାଇଁ ତୁରନ୍ତ ତଦନ୍ତ ଦାବି କରିଛି । ଅନ୍ୟପଟେ, ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ସର୍ବୋଚ୍ଚ ସଂସ୍ଥା ଟାଙ୍ଗଖୁଲ ନାଗା ଲଙ୍ଗ ଅଭିଯୋଗ କରିଛି ଯେ, କୁକି କ୍ୟାଡରମାନଙ୍କ ଗତିବିଧି ବଢ଼ିବା ପରେ ପାଟ୍ରୋଲିଂ କରୁଥିବା ନାଗା ଗ୍ରାମରକ୍ଷୀଙ୍କ ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ଜାମାଙ୍ଗଙ୍କ ମୃତ୍ୟୁ ଘଟିଛି । ଟାଙ୍ଗଖୁଲ ସଂଗଠନଗୁଡ଼ିକ ଏହି ଆକ୍ରମଣ ପାଇଁ କୁକି ଆତଙ୍କବାଦୀଙ୍କୁ ଦାୟୀ କରୁଥିବା ବେଳେ କୁକି ସଂଗଠନଗୁଡ଼ିକ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ଜ୍ଞାନେଶଙ୍କୁ ବହିଷ୍କାର ପାଇଁ ପୁଣି ନୋଟିସ୍

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ପୁଣି ଅଭିଯାନ ଆରମ୍ଭ କରିଛନ୍ତି ବିରୋଧୀ ଦଳ । ତାଙ୍କୁ ବହିଷ୍କାର ନିମନ୍ତେ ଆଜି ରାଜ୍ୟସଭାରେ ନୋଟିସ ଦାଖଲ କରାଯାଇଛି । କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳର ପ୍ରାୟ ୭୩ ଜଣ ସାଂସଦ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି । ସେମାନଙ୍କ ମଧ୍ୟରେ କଂଗ୍ରେସ, ଟିଏମସି, ଡିଏମକେ, ଏନସିପି (ଶରଦ), ଶିବ ସେନା (ଉଦ୍ଧବ), ଆରଜେଡି ଏବଂ ସମାଜବାଦୀ ପାର୍ଟି ରହିଛନ୍ତି । ରାଜ୍ୟସଭାରେ ଦାଖଲ କରାଯାଇଥିବା ଏହି ନୋଟିସରେ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ପକ୍ଷପାତପୂର୍ଣ୍ଣ ଆଚରଣ ଏବଂ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନକରିବା ଭଳି ଗୁରୁତର ଅଭିଯୋଗ ଅଣାଯାଇଛି । ବିହାର ଏବଂ ଅନ୍ୟାନ୍ୟ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏଏସ୍‌ଆଇଆର୍) ସମୟରେ ଜ୍ଞାନେଶ କୁମାର ବିଭେଦପୂର୍ଣ୍ଣ ଏବଂ ପକ୍ଷପାତମୂଳକ ଆଚରଣ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ ଜୟରାମ ରମେଶ ସମାଜିକ ଗଣମାଧ୍ୟମ ଏକ୍ସରେ କହିଛନ୍ତି ଯେ, ଗତ ମାର୍ଚ୍ଚ ୧୫ରେ ନିର୍ବାଚନ ଘୋଷଣା ହେବା ପରଠାରୁ ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ସମ୍ବିଧାନ ବିରୋଧୀ ରହିଛି । ତାଙ୍କ ବିରୋଧରେ ୯ଟି ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇଛି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ମାର୍ଚ୍ଚ ୧୨ରେ ମଧ୍ୟ ୧୯୩ ଜଣ ସାଂସଦଙ୍କ ସ୍ୱାକ୍ଷରିତ ଏକ ବହିଷ୍କାର ପ୍ରସ୍ତାବ ଆଗତ କରାଯାଇଥିଲା, କିନ୍ତୁ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ଖାରଜ କରିଦେଇଥିଲେ । ବର୍ତ୍ତମାନ ବିରୋଧୀ ଦଳଗୁଡ଼ିକ ପ୍ରାୟ ୨୦୦ରୁ ଅଧିକ ସାଂସଦଙ୍କ ସମର୍ଥନ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ଆଗାମୀ ଦିନରେ ଏକ ବଡ଼ ରାଜନୈତିକ ସଂଘର୍ଷର ସଙ୍କେତ ଦେଇଛି ।





## ମମତା ବାନାର୍ଜୀ-ଅମିତ ଶାହ ମୁହାଁମୁହିଁ


କୋଲକାତା, ୨୪।୪: ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହ । ଅମିତ ଶାହ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ମତଦାନରୁ ସଙ୍କେତ ମିଳିସାରିଛି ଯେ ମମତା ଦିଦି କ୍ଷମତା ହରାଇଛନ୍ତି । ୧୫୨ ଆସନରୁ ବିଜେପି ୧୧୫ ଆସନ ଜିତିବା ନିଶ୍ଚିତ । ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ମମତା କହିଛନ୍ତି ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ଟିଏମସି ନିଶ୍ଚିତ ଜିତିବ । ବିଜେପି ହାରିବା ଥୟ । ପଶ୍ଚିମବଙ୍ଗ ପରେ ଦିଲ୍ଲୀ ଉପରେ ତାଙ୍କର ନଜର ରହିଛି । ଦିଲ୍ଲୀରେ ସେ ବିଜେପିର ଶାସନ କ୍ଷମତାକୁ ଦୋହଲାଇ ଦେଲେ ।

## ବର୍ଲିନରେ ଇରାନର ନିର୍ବାସିତ ଯୁବରାଜଙ୍କୁ କେଚ୍‌ଅପ୍ ମାଡ଼

ଜର୍ମାନୀ, ୨୪।୪(ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଜଣେ ବ୍ୟକ୍ତି ଇରାନର ନିର୍ବାସିତ ଯୁବରାଜ ରେଜା ପହଲଭିଙ୍କ ଉପରକୁ ଟମାଟୋ କେଚଅପ୍ ଫିଙ୍ଗି ଆକ୍ରମଣ କରିଥିବା ସୂଚନା ମିଳିଛି । ଇରାନର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ଦ୍ୱାରା ପ୍ରସାରିତ ଏକ ୪୭ ସେକେଣ୍ଡର ଭିଡିଓରେ ଏହା ଦେଖିବାକୁ ମିଳିଛି । ପହଲଭି ଏକ କୋଠାରୁ ବାହାରି ଗାଡ଼ି ଆଡ଼କୁ ଯାଉଥିବା ବେଳେ ଜଣେ ବ୍ୟକ୍ତି ତାଙ୍କ ପିଠିରେ ପଛପଟୁ କେଚଅପ୍ ଫିଙ୍ଗିଥିଲେ । ତୁରନ୍ତ ସୁରକ୍ଷା କର୍ମୀମାନେ ଆକ୍ରମଣକାରୀଙ୍କୁ କାବୁ କରିନେଇଥିବା ବେଳେ ପହଲଭିଙ୍କୁ ସୁରକ୍ଷିତ ଭାବେ ଏକ କାର୍ ମଧ୍ୟକୁ ନିଆଯାଇଥିଲା । ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଅନେକ ଲୋକ ଇରାନର ପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା । ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମର୍ଜଙ୍କ ସହ ଆଲୋଚନା କରିବା ପାଇଁ ପହଲଭି ବର୍ଲିନ ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ୟୁରୋପୀୟ ନେତାମାନଙ୍କୁ ତେହେରାନ ଶାସନ ବିରୋଧରେ କଠୋର ପଦକ୍ଷେପ ନେବାକୁ ଏବଂ ଆଲୋଚନା ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି । ୟୁରୋପୀୟ ନେତାମାନଙ୍କୁ ତେହେରାନ ଉପରେ ଚାପ ପକାଇ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ଏବଂ ମୃତ୍ୟୁଦଣ୍ଡ ବନ୍ଦ କରିବା ପାଇଁ ସେ ନିବେଦନ କରିଛନ୍ତି । ନିର୍ବାସିତ ଯୁବରାଜ ପହଲଭି ହେଉଛନ୍ତି ଇରାନର ଶେଷ ଶାହଙ୍କ ପୁଅ । ୧୯୭୯ ଇସଲାମିକ୍ ବିପ୍ଳବ ତାଙ୍କ ପରିବାରକୁ କ୍ଷମତାରୁ ବହିଷ୍କାର କରିଥିଲା । ତାଙ୍କ ପରିବାରର ଶାସନ ପତନ ପୂର୍ବରୁ ସେ ୧୭ ବର୍ଷ ବୟସରେ ପାଇଲଟ୍ ତାଲିମ ପାଇଁ ଚାଲିଯାଇଥିଲେ । ସେବେଠାରୁ ବିଦେଶରେ ମୁଖ୍ୟତଃ ଆମେରିକାରେ ସେ ରହୁଛନ୍ତି । ଇରାନରେ ଧର୍ମନିରପେକ୍ଷ ଗଣତନ୍ତ୍ର ପାଇଁ ସମର୍ଥନ କରିଆସୁଛନ୍ତି ।

## ଶକ୍ତିଶାଳୀ ସୌରଝଡ଼ରେ ରେଡ଼ିଓ ଯୋଗାଯୋଗ ବିଚ୍ଛିନ୍ନ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ସୂର୍ଯ୍ୟରୁ ନିର୍ଗତ ହୋଇଥିବା ଏକ ଅତି ଶକ୍ତିଶାଳୀ 'ଏକ୍ସ-କ୍ଲାସ୍' ସୌରଝଡ଼ ଯୋଗୁଁ ଶୁକ୍ରବାର ପୃଥିବୀର ସୂର୍ଯ୍ୟାଲୋକ ପଡୁଥିବା ଅଞ୍ଚଳରେ ବ୍ୟାପକ ରେଡିଓ ବ୍ଲାକଆଉଟ୍ ବା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବୈଜ୍ଞାନିକମାନଙ୍କ ଅନୁସାରେ, ଏହା ବର୍ତ୍ତମାନ ସୁଦ୍ଧା ସୂର୍ଯ୍ୟରୁ ନିର୍ଗତ ହୋଇଥିବା ସବୁଠାରୁ ଶକ୍ତିଶାଳୀ ବିକିରଣ ମଧ୍ୟରୁ ଅନ୍ୟତମ । ଏହି ବିକିରଣ ସିଧାସଳଖ ପୃଥିବୀର ବାୟୁମଣ୍ଡଳକୁ ପ୍ରଭାବିତ କରିଛି । ଏକ୍ସ କ୍ଲାସ୍ ସର୍ଟୱେଭ୍ ରେଡିଓ ଯୋଗାଯୋଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି । ସୂର୍ଯ୍ୟର ପୃଷ୍ଠରେ ଘଟିଥିବା ଏହି ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ପୃଥିବୀର ବିମାନ ଚଳାଚଳ, ନୌସେନା ଏବଂ ଜରୁରୀକାଳୀନ ସେବା ପ୍ରଦାନକାରୀମାନେ ପ୍ରଭାବିତ ହୋଇଛନ୍ତି । ପୃଥିବୀର ସୂର୍ଯ୍ୟାଲୋକ ପଡୁଥିବା ଅଂଶରେ ଏହାର ପ୍ରଭାବ ସର୍ବାଧିକ ଦେଖିବାକୁ ମିଳିଛି । ସୂର୍ଯ୍ୟଙ୍କ ପୃଷ୍ଠରେ ଥିବା 'ସନ୍‌ସ୍ପଟ୍' ନିକଟରେ ଚୁମ୍ବକୀୟ କ୍ଷେତ୍ରର ହଠାତ୍ ପରିବର୍ତ୍ତନ ଯୋଗୁଁ ପ୍ରବଳ ଶକ୍ତି ଓ ବିକିରଣ ହୋଇ ପୃଥିବୀ ଆଡ଼କୁ ଆସିବା ଫଳରେ ଏହି ସ୍ଥିତି ଉପୁଜିଛି । ସୂର୍ଯ୍ୟର ପୃଷ୍ଠରୁ ଏହି ବିକିରଣ ମାତ୍ର ୮ ମିନିଟ୍ ମଧ୍ୟରେ ପୃଥିବୀର ଉପର ବାୟୁମଣ୍ଡଳରେ ପହଞ୍ଚିଥିଲା । ଏହା ବାୟୁମଣ୍ଡଳର ଆୟୋନୋସ୍ଫିୟର୍‌ରେ ଥିବା ଡି-ଲେୟାରକୁ ଅତ୍ୟଧିକ ଚାର୍ଜ କରିଦେଇଥିଲା । ଫଳରେ ସାଧାରଣତଃ ଦୂର ସ୍ଥାନକୁ ଯୋଗାଯୋଗ ପାଇଁ ବ୍ୟବହୃତ ହେଉଥିବା ରେଡିଓ ତରଙ୍ଗଗୁଡ଼ିକ ପ୍ରତିଫଳିତ ହେବା ପରିବର୍ତ୍ତେ ବାୟୁମଣ୍ଡଳରେ ଶୋଷି ହୋଇ ରହିଗଲା । ଏହି କାରଣରୁ ପାଇଲଟ୍ ଏବଂ ସାମୁଦ୍ରିକ ଜାହାଜ ମଧ୍ୟରେ ହେଉଥିବା ଯୋଗାଯୋଗରେ ବିଭ୍ରାଟ ଦେଖାଦେଇଥିଲା । ବିଶେଷଜ୍ଞଙ୍କ ଅନୁସାରେ, ଏହି ସୌରଝଡ଼ ପରେ ଏକ କରୋନାଲ୍ ମାସ୍ ଇଜେକ୍ସନ ପୃଥିବୀ ଅଭିମୁଖେ ଆସିବାର ସମ୍ଭାବନା ରହିଛି । ଯଦି ଏହା ଘଟେ, ତେବେ ଆଗାମୀ ୧ ରୁ ୩ ଦିନ ମଧ୍ୟରେ ପୃଥିବୀରେ ଜିଓମ୍ୟାଗ୍ନେଟିକ ଝଡ଼ ସୃଷ୍ଟି ହୋଇପାରେ, ଯାହା ସାଟେଲାଇଟ୍, ଜିପିଏସ୍ ଏବଂ ବିଦ୍ୟୁତ୍ ଗ୍ରିଡ୍‌କୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି । ବର୍ତ୍ତମାନ ପାଇଁ ରେଡିଓ ବ୍ଲାକଆଉଟ୍ ସ୍ଥିତି କିଛି ମିନିଟ୍‌ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ରହିପାରେ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ମୋଜତାବା ଖାମେନେଇଙ୍କ ମୁହଁ ପୋଡ଼ିଯାଇଛି, ହୋଇପାରେ ପ୍ଲାଷ୍ଟିକ ସର୍ଜରୀ

ତେହେରାନ, ୨୪।୪(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି । ସେ ଗୁରୁତର ଭାବେ ଆହତ ହୋଇଥିବା ଦି ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟରେ ପ୍ରକାଶ ପାଇଛି । ନିଜ ପିତାଙ୍କ ମୃତ୍ୟୁ ପରେ ଦାୟିତ୍ୱ ଗ୍ରହଣ କରିଥିବା ମୋଜତାବା ଏବେ ଏକ ଗୁପ୍ତ ସ୍ଥାନରେ ରହି ଚିକିତ୍ସିତ ହେଉଛନ୍ତି । ସୂତ୍ର ଅନୁଯାୟୀ, ମୋଜତାବାଙ୍କ ମୁହଁ ଏବଂ ଓଠ ଗୁରୁତର ଭାବେ ପୋଡ଼ି ଯାଇଛି । ଫଳରେ ତାଙ୍କୁ କଥା କହିବାରେ ପ୍ରବଳ କଷ୍ଟ ହେଉଛି । ଏଥିପାଇଁ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ପଡ଼ିପାରେ ବୋଲି କୁହାଯାଉଛି । ଇସ୍ରାଏଲର ଆକ୍ରମଣ ଆଶଙ୍କାରେ ମୋଜତାବା କୌଣସି ସର୍ବସାଧାରଣ ସ୍ଥାନକୁ ଆସୁନାହାଁନ୍ତି । ସେ ନିଜକୁ ଦୁର୍ବଳ ଭାବେ ପ୍ରଦର୍ଶିତ କରିବାକୁ ଚାହୁଁନାହାଁନ୍ତି । ତାଙ୍କ ସହ ଯୋଗାଯୋଗ କେବଳ ହାତଲେଖା ଚିଠି ମାଧ୍ୟମରେ କରାଯାଉଛି । ମୋଜତାବା ଶାରୀରିକ ଭାବେ ଅସୁସ୍ଥ ଥିବାରୁ ଇରାନର ଶାସନ ବ୍ୟବସ୍ଥାରେ ସେନା ବର୍ତ୍ତମାନ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

## ଟ୍ରମ୍ପଙ୍କୁ ଇରାନର ଜବାବ: ଭାରତର ସଂସ୍କୃତି ଓ ସୌନ୍ଦର୍ଯ୍ୟ ଦେଖିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଭାରତକୁ 'ନର୍କ ସଦୃଶ' ଭାବେ ବର୍ଣ୍ଣନା କରୁଥିବା ଏକ ବିବାଦୀୟ ମନ୍ତବ୍ୟକୁ ଡୋନାଲ୍ଡ ଟ୍ରମ୍ପ ସମର୍ଥନ କରିଛନ୍ତି । ଏହାପରେ ଭାରତରେ ଥିବା ଇରାନର କୂଟନୈତିକ ମିଶନଗୁଡ଼ିକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି । ଇରାନ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଭାରତର ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ପ୍ରଶଂସା କରାଯାଇ ଟ୍ରମ୍ପଙ୍କୁ ପରିହାସ କରାଯାଇଛି । ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଟ୍ରୁଥ ସୋସିଆଲ ଆକାଉଣ୍ଟରେ ମାଇକେଲ ସାଭେଜଙ୍କ ଏକ ପୋଡକାଷ୍ଟ ମନ୍ତବ୍ୟକୁ ପୁନଃ-ପୋଷ୍ଟ କରିଥିଲେ । ସାଭେଜଙ୍କ ପୋଡକାଷ୍ଟରେ ଭାରତ ଏବଂ ଚୀନକୁ ନର୍କ ସଦୃଶ ଭାବେ ସମ୍ବୋଧିତ କରାଯାଇଥିଲା । ଏଥିସହିତ ଭାରତୀୟ ଏବଂ ଚୀନ ପ୍ରବାସୀଙ୍କୁ 'ଲାପଟପ୍ ଧାରୀ ଗ୍ୟାଙ୍ଗଷ୍ଟର' ବୋଲି ମଧ୍ୟ ଆକ୍ଷେପ କରାଯାଇଥିଲା । ମୁମ୍ବାଇରେ ଥିବା ଇରାନର କନ୍‌ସୁଲେଟ ଏହାର ଜବାବରେ ଟ୍ରମ୍ପଙ୍କୁ ଏକ ସାଂସ୍କୃତିକ ଡିଟକ୍ସର ଆବଶ୍ୟକତା ଅଛି ବୋଲି କହିଛନ୍ତି । ଅର୍ଥହୀନ ବାଜେ କଥା କହିବା ଅପେକ୍ଷା ଟ୍ରମ୍ପ ଭାରତ ଆସି ଏହାର ବାସ୍ତବତା ଦେଖନ୍ତୁ । ହାଇଦ୍ରାବାଦରେ ଥିବା ଇରାନର ଦୂତାବାସ ମଧ୍ୟ ଭାରତର ଖାଦ୍ୟପେୟ ଏବଂ ଦକ୍ଷିଣ ଭାରତର ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ଏହାକୁ 'ସ୍ୱର୍ଗ' ସହ ତୁଳନା କରିଛନ୍ତି । ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ମନ୍ତବ୍ୟକୁ ଅଜ୍ଞତାପୂର୍ଣ୍ଣ, ଅଶୋଭନୀୟ ଏବଂ ନିମ୍ନରୁଚିର ବୋଲି କହି କଡ଼ା ନିନ୍ଦା କରିଛି । ରଣଧୀର ଜୈସୱାଲ କହିଛନ୍ତି ଯେ, ଏହି ପ୍ରକାରର ମନ୍ତବ୍ୟ ଭାରତ ଏବଂ ଆମେରିକା ମଧ୍ୟରେ ଥିବା ପାରସ୍ପରିକ ସମ୍ମାନ ଓ ସୁସମ୍ପର୍କର ପ୍ରତିଫଳନ ନୁହେଁ ।

## ଇରାନ ଯୁଦ୍ଧ: ଶେଷ ହେଉଛି ଆମେରିକାର ଅସ୍ତ୍ରଶସ୍ତ୍ର

ୱାଶିଂଟନ, ୨୪।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଇରାନ ବିରୋଧରେ ସାମରିକ ଅଭିଯାନ ଜାରି ରହିଛି । ଏଥିରେ ଆମେରିକାର ଅତ୍ୟାଧୁନିକ ଏବଂ ବହୁମୂଲ୍ୟ ଯୁଦ୍ଧ ସାମଗ୍ରୀ ଦ୍ରୁତ ଗତିରେ ଶେଷ ହେବାରେ ଲାଗିଛି । ପେଣ୍ଟାଗନର ଆଭ୍ୟନ୍ତରୀଣ ଆକଳନ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ ଆମେରିକାର ଯୁଦ୍ଧ କରିବାର କ୍ଷମତା ଏବଂ ସାମରିକ ପ୍ରସ୍ତୁତି ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି । ଇରାନ ସହ ଚାଲିଥିବା ଦୀର୍ଘ ସଂଘର୍ଷ ଯୋଗୁଁ ଆମେରିକା ନିଜର ସମର ଭଣ୍ଡାର ବ୍ୟବହାର କରିବାକୁ ବାଧ୍ୟ ହୋଇଛି । ଏହି ଯୁଦ୍ଧ ସାମଗ୍ରୀ ମୁଖ୍ୟତଃ ଚୀନ୍ ଏବଂ ରୁଷିଆ ଭଳି ଶକ୍ତିଶାଳୀ ପ୍ରତିପକ୍ଷଙ୍କ ମୁକାବିଲା ପାଇଁ ସଂରକ୍ଷିତ ରଖାଯାଇଥିଲା । ବ୍ୟୟବହୁଳ ମିସାଇଲ୍ ଏବଂ ପ୍ରତିରକ୍ଷା ପ୍ରଣାଳୀର ଅତ୍ୟଧିକ ବ୍ୟବହାର ଯୋଗୁଁ ଆଗାମୀ ଦିନରେ ଅନ୍ୟ କୌଣସି ବଡ଼ ଯୁଦ୍ଧ ପାଇଁ ଆମେରିକାର ପ୍ରସ୍ତୁତି ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ନୀତି ଯୋଗୁଁ ଆମେରିକୀୟ ସେନା ଏହି ସଙ୍କଟର ସମ୍ମୁଖୀନ ହୋଇଛି । ପେଣ୍ଟାଗନର ତଥ୍ୟ ଅନୁଯାୟୀ, ଇରାନରେ ପ୍ରାୟ ୧୩, ୦୦୦ ଲକ୍ଷ୍ୟସ୍ଥଳକୁ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି । ଏଥିସହିତ, ଜେନେରାଲ୍ ଏବଂ ପ୍ରତିରକ୍ଷା ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ସ୍ଥିତି ନାଟୋର ପୂର୍ବ ଭାଗ ଏବଂ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଆମେରିକାର ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି । ଫେବୃଆରୀ ମାସର ଶେଷ ଭାଗରୁ ଇରାନରେ ଏହି ଯୁଦ୍ଧ ଆରମ୍ଭ ହୋଇଛି । ଦୀର୍ଘ ୩୮ ଦିନ ଧରି ଚାଲିଥିବା ଏହି ସଂଗ୍ରାମ ଯୋଗୁଁ ମଧ୍ୟପ୍ରାଚ୍ୟରେ ଆମେରିକାର ସାମରିକ ଗତିବିଧି ବୃଦ୍ଧି ପାଇଛି । ପରିଣାମ ସ୍ୱରୂପ ୟୁରୋପ ଏବଂ ଏସିଆରୁ ସାମରିକ ଉପକରଣଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି । ଅସ୍ତ୍ରଶସ୍ତ୍ରର ବ୍ୟବହାର ଏହାର ଉତ୍ପାଦନ ହାର ତୁଳନାରେ ବହୁତ ଅଧିକ ରହିଛି । ଏହି ଯୁଦ୍ଧରେ ପ୍ରାୟ ହଜାରରୁ ଅଧିକ ଜାସମ୍-ଇଆର୍ କ୍ରୁଜ୍ ମିସାଇଲ୍, ଟୋମାହକ୍ ମିସାଇଲ ଓ ପାଟ୍ରିଅଟ୍ ଇଣ୍ଟରସେପ୍ଟର ମିସାଇଲ୍ ବ୍ୟବହାର କରାଯାଇଛି । ଏହି ମିସାଇଲଗୁଡ଼ିକ ବାର୍ଷିକ ଉତ୍ପାଦନର ୧୦ ଗୁଣ ଅଧିକ ବ୍ୟୟ ହେଉଛି । ଗୋଟିଏ ଗୋଟିଏ ଟୋମାହକ୍ ଓ ପାଟ୍ରିଅଟ ମିସାଇଲର ମୂଲ୍ୟ ହାରାହାରି ପ୍ରାୟ ୩୪ରୁ ୩୮ କୋଟି ଟଙ୍କା ରହିଛି । ଏହି ଯୁଦ୍ଧରେ ପ୍ରତିଦିନ ପ୍ରାୟ ୧ ବିଲିୟନ ଡଲାର ବା ୯, ୪୨୪ କୋଟି ଟଙ୍କା ଖର୍ଚ୍ଚ ହେଉଥିବା କୁହାଯାଇଛି । ଏଯାଏଁ ମୋଟ ଖର୍ଚ୍ଚ ୨୮ ରୁ ୩୫ ବିଲିୟନ ଡଲାର ମଧ୍ୟରେ ରହିଥିବା ଅନୁମାନ କରାଯାଉଛି । ସିନେଟର ଜ୍ୟାକ୍ ରିଡ୍‌ଙ୍କ ଅନୁଯାୟୀ, ବର୍ତ୍ତମାନର ଉତ୍ପାଦନ ହାରରେ ଏହି ଶେଷ ହୋଇଯାଇଥିବା ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ପୁଣି ଭରିବା ପାଇଁ ଅନେକ ବର୍ଷ ଲାଗିବ ।

**ସାମରିକ ପ୍ରସ୍ତୁତି ନେଇ ବଢୁଛି ଚିନ୍ତା**



## ନେତନ୍ୟାହୁଙ୍କ ଇରାନ ଯୁଦ୍ଧ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଥିଲେ ଓବାମା, ବାଇଡେନ

ନୂଆଦିଲ୍ଲୀ, ୨୪।୪(ଏଜେନ୍ସି): ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ରଣନୀତିକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଆମେରିକାର ପୂର୍ବତନ ବୈଦେଶିକ ସଚିବ ଜନ୍ କେରି ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି । ତାଙ୍କ କହିବା ଅନୁସାରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଇରାନ ବିରୋଧୀ ଯୁଦ୍ଧ ଯୋଜନାକୁ ପୂର୍ବରୁ ତିନିଜଣ ଆମେରିକୀୟ ରାଷ୍ଟ୍ରପତି ଯଥା ଜର୍ଜ ଡବ୍ଲ୍ୟୁ ବୁଶ୍, ବାରାକ ଓବାମା ଏବଂ ଜୋ ବାଇଡେନ ପ୍ରତ୍ୟାଖ୍ୟାନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଡୋନାଲ୍ଡ ଟ୍ରମ୍ପ ଏହି ବିବାଦୀୟ ଯୋଜନାକୁ ଅନୁମୋଦନ କରିଥିଲେ, ଯାହା ବର୍ତ୍ତମାନ ବିଶ୍ୱ ରାଜନୀତିରେ ଆଲୋଡନ ସୃଷ୍ଟି କରିଛି । ଜନ୍ କେରି ଏକ ସାକ୍ଷାତକାରରେ କହିଛନ୍ତି ଯେ ନେତନ୍ୟାହୁ ଦୀର୍ଘ ଦିନରୁ



ଇରାନରେ ଶାସନ ପରିବର୍ତ୍ତନ ପାଇଁ ଯୁଦ୍ଧର ପ୍ରସ୍ତାବ ଦେଇ ଆସୁଥିଲେ । ନେତନ୍ୟାହୁଙ୍କ ଯୁକ୍ତି ଥିଲା ଯେ ଯୁଦ୍ଧ ହେଲେ ଇରାନର ଜନସାଧାରଣ ବିଦ୍ରୋହ କରିବେ, ମାତ୍ର କେରିଙ୍କ ମତରେ ଏହା ଏକ ଭ୍ରମାତ୍ମକ ଧାରଣା ଥିଲା । ସେ ଭିଏତନାମ ଏବଂ ଇରାକ ଯୁଦ୍ଧର ଉଦାହରଣ ଦେଇ କହିଛନ୍ତି ଯେ ଆମେରିକୀୟ ଜନସାଧାରଣଙ୍କୁ ମିଥ୍ୟା କହି ଯୁଦ୍ଧକୁ ଟାଣିବା ଅନୁଚିତ । ଚଳିତ ବର୍ଷ ଫେବୃଆରୀ ମାସରେ ନେତନ୍ୟାହୁ ହ୍ୱାଇଟ୍ ହାଉସ୍ ଗସ୍ତ ସମୟରେ ଟ୍ରମ୍ପଙ୍କୁ ଏହି ଯୋଜନା ବୁଝାଇଥିଲେ । ଯଦିଓ ଟ୍ରମ୍ପଙ୍କ ନିଜସ୍ୱ ପରାମର୍ଶଦାତାମାନେ ଏହି ଯୋଜନାକୁ 'ହାସ୍ୟାସ୍ପଦ' ବୋଲି କହି ବିରୋଧ କରିଥିଲେ, ତଥାପି ଟ୍ରମ୍ପ ନିଜ ଜିଦ୍‌ରେ ଅଟଳ ରହି 'ଅପରେସନ୍ ଏପିକ ଫ୍ୟୁରୀ' କୁ ଅନୁମୋଦନ କରିଥିଲେ । ଏହି ନିଷ୍ପତ୍ତି ପରେ ହୋଇଥିବା ମାସେ ବ୍ୟାପୀ ସଂଘର୍ଷରେ ପ୍ରାୟ ୨, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି । ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେରିକାର ପୂର୍ବତନ ଏବଂ ବର୍ତ୍ତମାନର ପ୍ରଶାସନ ମଧ୍ୟରେ ଥିବା ଏହି ମତଭେଦ ବର୍ତ୍ତମାନ ପଦାରେ ପଡ଼ିଛି । ଜନ୍ କେରିଙ୍କ ଏହି ବୟାନ ଇସ୍ରାଏଲ ଏବଂ ଆମେରିକାର ଆଗାମୀ କୂଟନୈତିକ ସମ୍ପର୍କକୁ ଏକ ନୂଆ ମୋଡ଼ ଦେଇପାରେ । ବିଶ୍ୱ ସମୁଦାୟ ଏବେ ଏହି ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବକୁ ନେଇ ଚିନ୍ତିତ ଅଛନ୍ତି । ସାମରିକ ପଦକ୍ଷେପ ମାଧ୍ୟମରେ ସମାଧାନ ଖୋଜିବା ପରିବର୍ତ୍ତେ ଏହି ଯୁଦ୍ଧ ବିଶ୍ୱ ପାଇଁ ଏକ ନୂତନ ସଙ୍କଟ ସୃଷ୍ଟି କରିଛି । ପୂର୍ବତନ ରାଷ୍ଟ୍ରପତିଙ୍କ ସତର୍କତାକୁ ଏଡ଼ାଇ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଆଜି ବିଶ୍ୱ ରାଜନୀତିରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ରଥଖଳାରୁ...

# ୨୬ ତୁମ୍ବର ଗୋଲେଇ ଶେଷ



ପୁରୀ, ୨୪।୪ (ସମିସ): ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବା ପରେ ମହାରଣା ସେବକମାନେ ତୁମ୍ବ ନିର୍ମାଣ କାମ ଜାରି ରଖିଛନ୍ତି। ଧୀରେଧୀରେ ଚଳଚଞ୍ଚଳ ହେଉଛି ରଥଖଳା। ଶୁକ୍ରବାର କାମ ଶେଷ ସୁଦ୍ଧା ତିନିରଥର ୨୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଦେବଦଳନ ଏବଂ ନନ୍ଦିଘୋଷ ରଥର ୮ଟି ଲେଖାଏଁ ଏବଂ ତାଳଧ୍ୱଜ ରଥର ୧୦ଟି ତୁମ୍ବର ଗୋଲେଇ କାର୍ଯ୍ୟ ସରିଛି। ତିନି ରଥର ୪୨ଟି ଚକ ପାଇଁ ୪୨ଟି ତୁମ୍ବର ଆବଶ୍ୟକତା ଥିବା ବେଳେ କରତୀ ସେବକମାନେ ଶୁକ୍ରବାର ସୁଦ୍ଧା ସମସ୍ତ ୪୨ଟି ତୁମ୍ବ ଗଢ଼ କରି ତିନିରଥ ଚାଳିକୁ ଯୋଗାଇ ଦେଇଛନ୍ତି। ତାଳଧ୍ୱଜ ରଥ ମୋଟ ୧୪ଟି ଚକ ପାଇଁ ଆବଶ୍ୟକ ୧୪ ତୁମ୍ବରୁ ୧୦ଟିର ଗୋଲେଇ କାର୍ଯ୍ୟ ଶେଷ କରି ବାକି ୪ଟିର ଗୋଲେଇ କାର୍ଯ୍ୟ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ଜାରି ରହିଛି।

ସେହିପରି ଦେବଦଳନ ରଥର ମୋଟ ୧୨ଟି ଚକ ପାଇଁ ଯୋଗାଇ ଦିଆଯାଇଥିବା ୧୨ଟି ତୁମ୍ବ ମଧ୍ୟରୁ ୮ଟିର ଗୋଲେଇ କାର୍ଯ୍ୟ ସରି ବାକି ୪ଟିର ଗୋଲେଇ କାର୍ଯ୍ୟ ଚାଲିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକ ପାଇଁ ଦିଆଯାଇଥିବା ୧୬ଟି ଗଢ଼ ତୁମ୍ବ ମଧ୍ୟରୁ ୮ଟିର ଗୋଲେଇ କାର୍ଯ୍ୟ ସରି ୮ଟିର ଗୋଲେଇ କାର୍ଯ୍ୟ ଜାରି ରହିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ମୋଟ ୪୨ଟି ଚକ ପାଇଁ ଅରକଣ୍ଟା ପ୍ରସ୍ତୁତ ଜାରି ରଖିଛନ୍ତି। ଶୁକ୍ରବାର କାମ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅରକଣ୍ଟା ପ୍ରସ୍ତୁତ ସହ ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଜିଆଇ ଲୁହା ରଡ଼ ମାପ ପ୍ରକାରେ କଟାଯାଉଛି।

ଦଳୀୟ ନିର୍ଦ୍ଦେଶ ଭାଙ୍ଗି କ୍ରସ୍ ଭୋଟିଂ

# ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଅଣ୍ଟା ଭିଡ଼ିଲା ବିଜେଡି

ଭୁବନେଶ୍ୱର,୨୪।୪(ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ନିର୍ଦ୍ଦେଶ ଭାଙ୍ଗି କ୍ରସଭୋଟିଂ କରିଥିବା ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିଛି ବିଜେଡି । ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଏକ ଦଳୀୟ ପ୍ରତିନିଧି ମଣ୍ଡଳୀ ଆସନ୍ତା ୨୭ ତାରିଖରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରିବେ। ଏହି ଅବସରରେ ସେମାନେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଦାବି କରିବେ ବୋଲି ସୂଚନା ମିଳିଛି ।

ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ର ଓ ଦଳ ଘୋଷିତ ମିଳିତ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କ ସପକ୍ଷରେ ମତଦାନ ନିମନ୍ତେ ବିଜେଡି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଧାନସଭାରେ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏ ସଂକ୍ରାନ୍ତରେ ବିଧାୟକଙ୍କ ଉଦ୍ଦେଶ୍ୟରେ ବିଧାୟକମାନଙ୍କ ପାଇଁ ୩ ଧାଡ଼ିଆ ହୁଇପ୍ ଜାରି କରିଥିଲେ। ମାତ୍ର ଦଳୀୟ ନିଷ୍ପତ୍ତିକୁ ଉଲ୍ଲଂଘନ କରି ବିଧାୟକ ସୁବାସିନୀ ଜେନା, ରମାକାନ୍ତ ଭୋଇ, ଚକ୍ରମଣି କହଁର , ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ ଓ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ। ଅନୁରୂପ ଭାବରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୂର୍ବରୁ ଦଳରୁ ନିଲମ୍ବିତ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ମଧ୍ୟ କ୍ରସ ଭୋଟିଂ କରିଥିଲେ। ସନାତନ ଓ ଅରବିନ୍ଦ ନିଲମ୍ବିତ ହୋଇଥିଲେ ହେଁ ଉଭୟ ଦଳୀୟ ଟିକଟ ଓ ଚିହ୍ନରେ ନିର୍ବାଚିତ ହୋଇଥିବାରୁ ଦଳର ନିର୍ଦ୍ଦେଶକୁ ବାଧ୍ୟ ବୋଲି ସେତେବେଳେ କୁହାଯାଇଥିଲା। ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ପୂର୍ବରୁ ନିଲମ୍ବିତ ୨ ବିଧାୟକ ଓ କ୍ରସ ଭୋଟିଂ ପରେ ଦଳରୁ ନିଲମ୍ବିତ ୬ ବିଧାୟକଙ୍କ ବିଧାନସଭା ସଦସ୍ୟ ପଦ ରଦ୍ଦ ପାଇଁ ଦଳ ଦାବି କରିବ। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ନିମନ୍ତେ ବିଧାୟକଙ୍କର ବିଧାନସଭା ସଭ୍ୟପଦ ରଦ୍ଦ ହେବାର ଆପାତତଃ ନିୟମ ନାହିଁ। ମାତ୍ର ଦଳୀୟ ଶୃଙ୍ଖଳା ଭାଙ୍ଗି କ୍ରସଭୋଟିଂ ଅଭିଯୋଗରେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ପୂର୍ବରୁ ବିଭିନ୍ନ ରାଜ୍ୟରେ ଏ ସଂକ୍ରାନ୍ତରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି କୁହାଯାଉଛି।

# ଅନ୍‌ଲାଇନ୍ ନିବେଶ ନାଁରେ ୨ କୋଟି ଠକେଇ

ଦିଲ୍ଲୀରୁ ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୨୪।୪(ସମିସ): ଏକ ଅନଲାଇନ୍ ନିବେଶ ଠକେଇ ମାମଲାର ପର୍ଦ୍ଦାଫାଶ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ସାଇବର ପୁଲିସ ଥାନାରେ ମାମଲା ରୁଜୁ ହେବା ପରେ, ଇନ୍ସପେକ୍ଟର ତପନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଚଢ଼ାଉ କରିଥିଲା। ବିନୟ କୁମାର ଶର୍ମା (୫୬) ନାମକ ଜଣେ ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍ କାର୍ଡ ଭଳି ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତକୁ ଦ୍ୱାରକା କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ତାଙ୍କୁ ଭୁବନେଶ୍ୱରସ୍ଥିତ ଏସଡିଜେଏମ କୋର୍ଟରେ ହାଜର କରାଯିବ। ଅଭିଯୋଗକାରୀ ଜଣେ ବ୍ୟକ୍ତିଙ୍କୁ ଏକ ନକଲି ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ ଜରିଆରେ ୨କୋଟି ୬ଲକ୍ଷ ,୭,୫୦୦ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କୁ ଗତ ୨୦୨୪ ଡିସେମ୍ବର ୨୩ରେ ହ୍ୱାଟସଆପ୍ ମାଧ୍ୟମରେ କିଛି ସାଇବର ଠକ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ଏକ ଗ୍ରୁପରେ ସାମିଲ କରିଥିଲେ। ନିଜକୁ ଆର୍ଥିକ ବିଶେଷଜ୍ଞ ଏବଂ ଏକ ନାମୀ କମ୍ପାନୀର ଫଣ୍ଡ ମ୍ୟାନେଜର ଭାବେ ପରିଚୟ ଦେଇଥିଲେ।



ଅଭିଯୋଗକାରୀଙ୍କୁ ନିବେଶ ଉପରେ ଅଧିକ ଲାଭ ମିଳିବାର ପ୍ରଲୋଭନ ଦେଖାଯାଇଥିଲା। ଏହି ଠକମାନେ ନିୟମିତ ଭାବେ ଷ୍ଟକ୍ ମାର୍କେଟ୍ ସୂଚନା ଦେଇ ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ। ବିଶ୍ୱାସ କରି ଅଭିଯୋଗକାରୀ ଗତ ୨୦୨୪ ଡିସେମ୍ବର୨୩ ରୁ ୨୦୨୫ମାର୍ଚ୍ଚ୨୪ ମଧ୍ୟରେ ତାଙ୍କର ତିନୋଟି ବ୍ୟାଙ୍କ ଆକାଉଣ୍ଟରୁ ୫୪ଟି କାରବାର ମାଧ୍ୟମରେ ମୋଟ ୨,୦୬,୦୭,୫୦୦ ଟଙ୍କା ପାଞ୍ଚଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଯେତେବେଳେ ସେ ନିଜର ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ସେତେବେଳେ ଠକମାନେ 'ରିସ୍କ କଣ୍ଟ୍ରୋଲ୍ ଟିମ୍'ର ବାହାନା କରି ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହା ପରେ ସେ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ।

ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାରକୁ ମିଳିବ ୮ ଲକ୍ଷ ଟଙ୍କା କ୍ଷତିପୂରଣ

# ରେଳବାଇ ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ରଦ୍ଦ କଲେ ହାଇକୋର୍ଟ

କଟକ,୨୪।୪(ସମିସ): ୨୦୧୭ ମସିହାରେ ଟ୍ରେନରୁ ଖସି ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ପରିବାରକୁ ୮ଲକ୍ଷ ଟଙ୍କାର କ୍ଷତିପୂରଣ ସହ ସୁଧ ଅର୍ଥ ପ୍ରଦାନ କରିବାକୁ କୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ରେଳବାଇ ଟ୍ରିବ୍ୟୁନାଲର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମୀ ସ୍ୱର୍ଗୀଆରୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କ୍ଷତିପୂରଣ ରାଶି ସହ ଆବେଦନ କରିବା ତାରିଖରୁ ବାର୍ଷିକ ୬ ପ୍ରତିଶତ ସୁଧ ପ୍ରଦାନ କରାଯିବ। ଏହି ରାଶି ମଧ୍ୟରୁ ୫୦ ପ୍ରତିଶତ ଆବେଦନକାରୀଙ୍କୁ ତୁରନ୍ତ ପ୍ରଦାନ କରାଯିବ ଏବଂ ବାକି ୫୦ ପ୍ରତିଶତ ତିନି ବର୍ଷ ପାଇଁ ଫିକ୍ସଡ ଡିପୋଜିଟ୍ ଭାବେ ରଖାଯିବ ବୋଲି ହାଇକୋର୍ଟ କହିଛନ୍ତି। ରେଳବାଇ ଆଇନ ଭଳି କଲ୍ୟାଣକାରୀ ଆଇନର ଉଦ୍ଦେଶ୍ୟ ହେଉଛି ପୀଡିତଙ୍କୁ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା, କେବଳ ବୈଷୟିକ କାରଣ ଦର୍ଶାଇ କ୍ଷତିପୂରଣ ପ୍ରଦାନ ପାଇଁ ମନା କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ, ଗତ ୨୦୧୭ଜୁଲାଇ୮ରେ ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସରେ ଗୁଆହାଟୀରୁ ବାଙ୍ଗାଲୋର ଯାତ୍ରା କରୁଥିବା ସମୟରେ ଯାତ୍ରୀ ଜଣକ ପୁରୀ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଟ୍ରେନରୁ ଖସିପଡିଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୂର୍ବରୁ ଭୁବନେଶ୍ୱରସ୍ଥିତ ରେଳବାଇ କ୍ଲେମ ଟ୍ରିବ୍ୟୁନାଲ ଏହି ମାମଲାକୁ ଖାରଜ କରିଦେଇଥିଲେ। ଯାତ୍ରୀଙ୍କ ନିକଟରୁ ଟିକେଟ ମିଳି ନଥିବାରୁ ତାଙ୍କୁ 'ବୈଧ ଯାତ୍ରୀ' ଭାବେ ଗ୍ରହଣ କରାଯାଇନଥିଲା ଏବଂ ମୃତ୍ୟୁ ପାଇଁ ତାଙ୍କର ନିଜସ୍ୱ ଅବହେଳାକୁ ଦାୟୀ କରାଯାଇଥିଲା। ଏହା ବିରୋଧରେ ମୃତକଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ଦୁର୍ଘଟଣା ସମୟରେ ଟିକେଟ ହଜିଯିବା ବା ନଷ୍ଟ ହୋଇଯିବା ଏକ ସାଧାରଣ କଥା। କେବଳ ଟିକେଟ ମିଳିନାହିଁ ବୋଲି ଜଣେ ଯାତ୍ରୀଙ୍କୁ ଅବୈଧ କୁହାଯାଇପାରିବ ନାହିଁ।

# ଖୋର୍ଦ୍ଧା ରୋଡ୍ ଷ୍ଟେସନ୍‌ରୁ ୨୫ ନାବାଳକ ଉଦ୍ଧାର

ଜଟଣୀ, ୨୪।୪ (ସମିସ): ପଶ୍ଚିମବଙ୍ଗ ଓ ବିହାରରୁ ବେଙ୍ଗାଲୁରୁ ଯାଉଥିବା ୨୫ ସଂଖ୍ୟାଲଘୁ ନାବାଳକଙ୍କୁ ଖୋର୍ଦ୍ଧା ରୋଡ୍ ରେଳ ସୁରକ୍ଷାବଳ ଉଦ୍ଧାର କରିଛି। ଏଥିସହ ସେମାନଙ୍କୁ ସାଥିରେ ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ପାଖରେ ପରିବାରଲୋକଙ୍କ ଅନୁମତି ପତ୍ର ନଥିବାରୁ ଶିଶୁ ଚାଲାଣ ହେଉଥିବା ନେଇ ସନ୍ଦେହ ସୃଷ୍ଟି କରିଛି। ଏନେଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ନାବାଳକମାନଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି।

ଶୁକ୍ରବାର ପୂର୍ବାହ୍ନରେ ଜଟଣୀର ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ୍‌ର ୨ନଂ ପ୍ଲାଟଫର୍ମରେ ଭାସ୍କୋଡ଼ାଗାମା-ଅମରାବତୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନଟି ଲାଗିଥିଲା। ଉକ୍ତ ଟ୍ରେନ୍‌ରେ ପଶ୍ଚିମବଙ୍ଗ ଓ ବିହାର ରାଜ୍ୟର ବିଭିନ୍ନ ଜିଲ୍ଲାର ମୁସଲିମ ସମ୍ପ୍ରଦାୟର ୨୫ଜଣ ପିଲାମାନେ ପାଠ ପଢିବାକୁ ବେଙ୍ଗାଲୁରୁ ଯାଉଥିଲେ। କାର୍ଯ୍ୟରତ ଖୋର୍ଦ୍ଧା ରୋଡ୍ ରେଳସୁରକ୍ଷା ବଳ ଟିମ ୨୫ଜଣ ନାବାଳକଙ୍କୁ ଉକ୍ତ ଟ୍ରେନରେ ଯାଞ୍ଚ କରି ସେମାନଙ୍କ ଗନ୍ତବ୍ୟସ୍ଥଳ ପଚାରିବା ସହିତ ରେଳ ସୁରକ୍ଷା ବଳ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ ସେମାନେ ବେଙ୍ଗାଲୁରୁ ମଦ୍ରାସାକୁ ପାଠ ପଢିବାକୁ ଯାଉଥିବା କହିଥିଲେ। ମାତ୍ର ସେମାନଙ୍କୁ ସାଙ୍ଗରେ ନେଇ ଯାଉଥିବା ଜଣେ ବ୍ୟକ୍ତି ରହିଥିଲେ। ହେଲେ ସେହି ବ୍ୟକ୍ତିଙ୍କ ପାଖରେ ପିଲାମାନଙ୍କ ପରିବାରର ଅନୁମତିପତ୍ର ନଥିବା ବ୍ୟକ୍ତି ଜଣକ କହିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଓ ହସ୍ତାନ୍ତର ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୪(ସମିସ): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍ଏପିଭି) ଯୋଜନାରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଜମି ଆବଶ୍ୟକ। ବିଦ୍ୟାଳୟ ନିର୍ମାଣରେ ଜମି ଯେପରି ପ୍ରତିବନ୍ଧକ ନ ହେବ, ସେଥିପାଇଁ ରାଜସ୍ୱ ବିଭାଗ ପଦକ୍ଷେପ ନେଇଛି। ଅଗ୍ରାଧିକାର ଭିତ୍ତିରେ ଉପଯୁକ୍ତ ୫ ଏକର ଜମି ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗ୍ରାମପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପରିକଳ୍ପନା ହୋଇଛି। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୧୧୮ ଟି ବିଦ୍ୟାଳୟର ଉନ୍ନତୀକରଣ କରାଯିବ। ଏସବୁ ବିଦ୍ୟାଳୟକୁ ଚିହ୍ନଟ କରାଯାଇ ଗତ ଜାନୁଆରୀ ୭ ତାରିଖରେ ଶିଳାନ୍ୟାସ ମଧ୍ୟ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୧୨ଟି ବିଦ୍ୟାଳୟ ଉନ୍ନତୀକରଣ ପାଇଁ ସରକାରଙ୍କ ଅନୁମୋଦନ ପାଇଛି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

## ମେ' ୪ରେ ମୁନା ମହାନ୍ତିଙ୍କ ଜାମିନ ଶୁଣାଣି

କଟକ,୨୪।୪(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବିର ଏସ୍‌ଆଇ ପରୀକ୍ଷା କେଲେଙ୍କାରୀରେ ଗିରଫ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ମେ' ୪ ତାରିଖକୁ ଘୁଞ୍ଚିଛି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁନା ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣି ବେଳେ ଆବେଦନକାରୀ ଶ୍ରୀ ମହାନ୍ତିଙ୍କ ତରଫରୁ ଦର୍ଶାଯାଇଥିଲା ଯେ କେତେକ ନୂଆ ତଥ୍ୟ ସମ୍ମୁଖକୁ ଆଣିବାକୁ ଗତକାଲି ଏକ ପିଟିସନ୍ ଦାଖଲ କରାଯାଇଛି।

ପ୍ରକାଶ ଥାଉକି, ସ୍ୱାସ୍ଥ୍ୟଗତ କାରଣ ପାଇଁ ଆବେଦନକାରୀଙ୍କୁ ଫେବ୍ରୁଆରି ୧୧ରେ ୧୫ ଦିନ ଅନ୍ତରୀଣ ଜାମିନ ହାଇକୋର୍ଟ ମଞ୍ଜୁର କରିଥିଲେ। ମୁନା ମହାନ୍ତିଙ୍କ ସହ ପ୍ରିୟଦର୍ଶିନୀ ସାମଲ, ଟି. ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ସାଗର କୁମାର ଗୌଡ଼, ତଫିମ ଅହମ୍ମଦ ଖାନ, ସୁରେଶ ଚନ୍ଦ୍ର ନାୟକଙ୍କ ନିୟମିତ ଜାମିନ ହାଇକୋର୍ଟରେ ବିଚାରାଧୀନ ରହିଛି।

ବିଷାକ୍ତ ଖାଦ୍ୟ ଖାଇ କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

# ମୁଖ୍ୟ ସଚିବ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିର ନୋଟିସ୍

ବାରିପଦା, ୨୪।୪ (ସମିସ): ବିଷାକ୍ତ ଖାଦ୍ୟ ଖାଇ ମୟୂରଭଞ୍ଜ ଜିଲ୍ଲା କାକବନ୍ଧ ଆଶ୍ରମ ସ୍କୁଲର ଜଣେ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ଏବଂ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହେବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ଆଧାରରେ ନିଜଆଡୁ ଏକ ମାମଲା ରୁଜୁ କରି ଏହି ମାମଲାରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଲଖ କରିବାକୁ ନିର୍ଦ୍ଦେଶ ରହିଛି। ଏଥିରେ ତଦନ୍ତର ସ୍ଥିତି ସହ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ସଂପର୍କରେ ତଥ୍ୟ ରଖିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ କାକବନ୍ଧ ଆଶ୍ରମ ସ୍କୁଲର ୧୫୬ ଛାତ୍ରଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୭ଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ସେମାନଙ୍କୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରମାନଙ୍କ ମଧ୍ୟରୁ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ରୀ ରୁପାଲି ବେଶ୍ରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ୩ଜଣ ସଂକଟାପନ୍ନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

ଏହି ଘଟଣାରେ ବିଜେଡି ସହ ପ୍ରମୁଖ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଆନ୍ଦୋଳନ ପରେ ମୃତ ଛାତ୍ରୀଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ସରକାରୀ ସହାୟତା ଦିଆଯାଇଛି। ତେବେ ୫୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ବାପା କିମ୍ବା ମା'ଙ୍କୁ ସରକାରୀ ଚାକିରି, ନ୍ୟାୟିକ ତଦନ୍ତ ସହ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ଦାବି ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ କେବଳ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ଘଟଣାର ତଦନ୍ତ ଆରଡିସିଙ୍କ ପକ୍ଷରୁ ଆରମ୍ଭ ହୋଇଛି।

■ ଅସହ୍ୟ ହେଲା ସ୍ୱାମୀଙ୍କ ଅକାଳ ମୃତ୍ୟୁ

# ସ୍ୱାମୀଙ୍କ ଶବ ଦେଖି ଡାକ୍ତରଖାନା ଛାତରୁ ଡେଇଁ ସ୍ତ୍ରୀର ଆତ୍ମହତ୍ୟା

ବଲାଙ୍ଗିର,୨୪।୪(ସମିସ): ଅସହ୍ୟ ହେଲା ସ୍ୱାମୀଙ୍କୁ ଅକାଳରେ ହରାଇବାର ଦୁଃଖ। ଆଖି ଆଗରେ ହସ୍ପିଟାଲ ଶଯ୍ୟାରେ ସ୍ୱାମୀଙ୍କ ଶବ ଦେଖି ଚାରିଆଡ଼ ଅନ୍ଧାର ଛାଇଗଲା। କିଛି ବୁଦ୍ଧିବାଟ ଦିଶିଲାନି। କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଯିବା ପରେ ହସ୍ପିଟାଲ ଛାତ ଉପରକୁ ଚଢ଼ି ତଳକୁ ଡେଇଁପଡ଼ିଲେ। ଭୀମଭୋଇ ମେଡିକାଲ କଲେଜରେ ଆଜି ଏଭଳି ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏପଟେ ଆଗପଛ ହୋଇ ବାପା- ମା' ଚାଲିଯିବା ପରେ ସେମାନଙ୍କ ଦୁଇ ଶିଶୁ ବେସାହାରା ହୋଇପଡ଼ିଛନ୍ତି। ମୃତ ଦମ୍ପତି ହେଲେ, ପୁଇଁନ୍ତଳା ଥାନା ଡୁମେରବାହାଲି ଗାଁର ସେବକ ରାମବାଗ ଓ ତାଙ୍କ ପତ୍ନୀ ପଦ୍ମିନୀ ବାଗ।

**ବେସାହାରା ହୋଇଗଲେ ପୁଅ-ଝିଅ**

ସୂଚନାନୁସାରେ, ସେବକ ଗାଡ଼ି ଚାଳକ ଭାବେ କାମ କରନ୍ତି। ଗୁରୁବାର ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ପୁଇଁନ୍ତଳା ଥାନା ମଲମୁଣ୍ଡା ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ସେବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପରିବାରଲୋକେ ଖବର ପାଇ ଡାକ୍ତରଖାନାକୁ ଆସିଥିଲେ। ଏ ସଂପର୍କରେ ତାଙ୍କ ସ୍ତ୍ରୀ ପଦ୍ମିନୀ କିଛି ଜାଣିନଥିଲେ। ଶୁକ୍ରବାର ସକାଳୁ ସେ ମଧ୍ୟ ଡାକ୍ତରଖାନାକୁ ଆସିଥିଲେ। ଡାକ୍ତରଖାନା ଶଯ୍ୟାରେ ସେବକଙ୍କ ମରଶରୀର ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। କାନ୍ଦିକାନ୍ଦି ନିଜ ଭାଗ୍ୟକୁ ନିନ୍ଦିବା ସହ ହଠାତ୍ ଆସୁଛି କହି ଡାକ୍ତରଖାନା ଭିତରକୁ ଚାଲିଯାଇଥିଲେ। ସେଠାକୁ ଯାଇ ପ୍ରଥମ ମହଲା ଛାତକୁ ଯାଇ ସେଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ସ୍ୱାମୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସ୍ତ୍ରୀଙ୍କ ମଧ୍ୟ ଶବ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଉଭୟଙ୍କ କମ୍ ବୟସରେ ପୁଅ ଓ ଝିଅ ରହିଥିବାବେଳେ ସେମାନେ ଏହି ଘଟଣା ପରେ ବେସାହାରା ହୋଇଯାଇଛନ୍ତି। ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# କନିଷ୍ଠ ଶିକ୍ଷକଙ୍କ 'ନିୟମିତ' ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୨୪।୪(ସମିସ): କନିଷ୍ଠ ଶିକ୍ଷକଙ୍କ ବରିଷ୍ଠତା ପ୍ରସଙ୍ଗକୁ ନେଇ ଦାୟର ମାମଲାର ଶୁଣାଣି କରି ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୬ ଏପ୍ରିଲ ୨ରେ ପ୍ରକାଶିତ ବିଜ୍ଞପ୍ତି ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏପ୍ରିଲ୍ ୨ର ବିଜ୍ଞପ୍ତିରେ ଉଲ୍ଲେଖ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏଚ୍.ଏସ୍ ରଣା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ ସପ୍ତାହ ଭିତରେ ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୧୮ରେ କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ) ଭାବେ ନିଯୁକ୍ତି ପାଇ ୩ ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ସେମାନଙ୍କୁ କନିଷ୍ଠ ଶିକ୍ଷକ ଭାବେ ନିୟୋଜିତ ହୋଇଥିଲେ। ୨୦୨୪ ଡିସେମ୍ବର ୧୧ରୁ ଆବେଦନକାରୀଙ୍କୁ ନିୟମିତ ଶିକ୍ଷକ (ଏଲିମେଣ୍ଟାରି) ଭାବେ ନିଯୁକ୍ତି ମିଳିଥିଲା। ତେବେ ୨୦୨୩-୨୪ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ନିୟୋଜିତ ତଥା ୨୦୨୪ରେ ନିଯୁକ୍ତି ନିର୍ଦ୍ଦେଶନାମା ପାଇଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କୁ ସେମାନଙ୍କ ପ୍ରାରମ୍ଭିକ କାର୍ଯ୍ୟରେ ଯୋଗ ଦେବା ତାରିଖରୁ ନିୟମିତ କରିବାକୁ ନିଷ୍ପତ୍ତି ନେଇ ସରକାର ଏପ୍ରିଲ ୨ର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାଦ୍ୱାରା ଗ୍ରେଡେସନ୍ ତାଲିକାରେ ୨୦୧୮ରୁ କାର୍ଯ୍ୟ କରିଆସୁଥିବା ଆବେଦନକାରୀଙ୍କ ଉପରେ ପରବର୍ତ୍ତୀ ସମୟରେ ନିଯୁକ୍ତ କନିଷ୍ଠ ଶିକ୍ଷକ ସ୍ଥାନିତ ହେବାର ସମ୍ଭାବନା ଦେଖାଦେଇଛି। ଏଭଳି ବିଜ୍ଞପ୍ତି ଦ୍ୱାରା ୨୦୧୮ରେ ନିଯୁକ୍ତ ଆବେଦନକାରୀ ବରିଷ୍ଠତା ହରାଇବେ ବୋଲି ଶୁଣାଣି ବେଳେ ଦର୍ଶାଯାଇଥିଲା।

ଆତିଥେୟତାରେ ଅବହେଳାରୁ ଜୟ ରାଗି ନିଆଁବାଣ

# ମାନଭଞ୍ଜନ କଲେ ମୁଖ୍ୟମନ୍ତ୍ରୀ!

ସମ୍ବଲପୁର,୨୪।୪(ସମିସ): ଆତିଥେୟତାରେ ଅବହେଳାରୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ରାଗି ନିଆଁବାଣ ହୋଇଗଲେ। ଏ ଦୃଶ୍ୟ ଦେଖି ଜୟଙ୍କୁ ବୁଝାଇବା ପାଇଁ ବାରମ୍ବାର ତାଙ୍କ ପାଖକୁ ଦୌଡ଼ିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭାରତ ଓ ଜାପାନର ଷ୍ଟିଲ୍ ଜାଏଣ୍ଟଙ୍କ ଯୌଥ ଉଦ୍ୟୋଗ ଘୋଷଣା କାର୍ଯ୍ୟକ୍ରମରେ ଆଜି ଏଭଳି ଏକ ରୋଚକ ଦୃଶ୍ୟ ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି।

ଘଟଣାଟି ଥିଲା ଏହିପରି; ଆଜି ଜେଏସ୍‌ଡବ୍ଲ୍ୟୁ କାରଖାନା ପରିସରରେ ଏକ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏବଂ ଜାପାନର ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍ ଆନୁଷ୍ଠାନିକ ଭାବେ ସେମାନଙ୍କ ମିଳିତ ଉଦ୍ୟୋଗ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏଫ୍‌ଇ ହୋଲ୍ଡିଂସ୍ ସଭାପତି ଏବଂ ସିଇଓ ୟୋସିହିସା କିଟାନୋ ଏବଂ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋ ଉପସ୍ଥିତ ଥିଲେ। ଅତିଥି ଭାବେ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିନ୍ତୁ ମଞ୍ଚରେ ଉପସ୍ଥିତ ସମ୍ବଲପୁର ଓ ଝାରସୁଗୁଡ଼ା ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇନଥିଲା। ପୂରା କାର୍ଯ୍ୟକ୍ରମରେ ସେମାନଙ୍କୁ ଉଦ୍‌ବୋଧନ ଦେବାକୁ ମଧ୍ୟ ଅବସର ଦିଆଗଲା ନାହିଁ। ସେମାନେ କେବଳ ମଞ୍ଚ ଉପରେ ବସି ରହିଲେ। ଏଭଳି ସ୍ଥିତି ଦେଖି ଜୟଙ୍କ ରାଗ ପଞ୍ଚମକୁ ଚଢ଼ି ଯାଇଥିଲା। ରାଗତମତମ ଜୟ ରକ୍ତଚାଉଳ ଚୋବାଇଥିଲେ।

କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମରେ ବିବୃତି ଦେଇ ଚାଲିଯାଉଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ତାଙ୍କ ପାଖକୁ ଦୌଡ଼ି ଯାଇ ଜୟଙ୍କ ସ୍ଥିତାବସ୍ଥା ସଂପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଫେରିଆସି ଜୟଙ୍କ ମାନଭଞ୍ଜନ କରିବାକୁ ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ଜୟଙ୍କୁ ବୁଝାଇ ବାହାରକୁ ଯିବା ପରେ ପୁଣି ଫେରୁଥା'ନ୍ତି। ଏହିପରି ଦୁଇତିନିଥର କରିବା ପରେ ଶେଷରେ ଜୟଙ୍କୁ ସାଙ୍ଗରେ ଡାକି ନିଜ ଗାଡ଼ିରେ ବସେଇ ନେଇଯାଇଥିଲେ ମୁଖ୍ୟମନ୍ତ୍ରୀ। ତେବେ ଏହି ଗୃହକଳିରୁ ଗଣମାଧ୍ୟମକୁ ଦୂରେଇ ରଖିବା ପାଇଁ ପୁଲିସ କର୍ଡନକୁ କଡ଼ାକଡ଼ି କରିଦିଆଯାଇଥିଲା। ଜୟନାରାୟଣ ଯେତେବେଳେ ଯାଇ ଗାଡ଼ିରେ ବସିଲେ, ସାମ୍ବାଦିକଙ୍କ କୌଣସି ପ୍ରଶ୍ନର ଉତ୍ତର ନଦେଇ ଚୁପ୍ ରହିଥିଲେ। କିନ୍ତୁ, ତାଙ୍କ ମୁହଁରୁ ରାଗରୋଷ ସ୍ପଷ୍ଟ ବାରି ହୋଇପଡୁଥିଲା।

ସମ୍ବଲପୁର ବିଜେପି ଜିଲ୍ଲା ସଭାପତିଠାରୁ ଆରମ୍ଭ କରି ସମସ୍ତ ବିଜେପି ନେତା କିଛି କହିବାକୁ ମନା କରିଦେଇ ସେଠାରୁ ଅତର୍ଚ୍ଛା ଭାବେ ପଳାଇ ଯାଇଥିଲେ। ଏଭଳି ହାଇଡ୍ରାମା ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ବେଳେ ଆୟୋଜକ ସଂସ୍ଥା ଏବଂ ସେମାନଙ୍କ ଅଧିକାରୀମାନେ ସ୍ତବ୍ଧ ହୋଇ ଚାହିଁ ରହିଥିଲେ।

ବଢୁଛି ତାତି, ସିଝୁଛି ଉପକୂଳ

# ଅସ୍ତରଙ୍ଗରେ ନାହିଁ ପାନୀୟଜଳ ବ୍ୟବସ୍ଥା

ଅସ୍ତରଙ୍ଗ,୨୪।୪(ସମିସ)



ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ ଟାରୁ ପ୍ରବଳ ଖରା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଉଛି। ଶ୍ରମିକ, ପଥଚାରୀ କିମ୍ବା ସାଧାରଣ ଲୋକ ଏହି ଗ୍ରୀଷ୍ମ ପ୍ରବାହକୁ ସହ୍ୟ କରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ଏ ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ୍ ମୁଖ୍ୟ ବଜାର ସମେତ ଅନ୍ୟ କେଉଁ ଛକରେ ଜଳଛତ୍ର କି କୌଣସି ପ୍ରକାର ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇନାହିଁ। ଯାହା ଫଳରେ ତୃଷାର୍ତ୍ତମାନେ ପାଣି ମୁନ୍ଦେ ପାଇଁ କଲବଲ ହେଉଥିବା ଦେଖିବାକୁ ମିଳୁଚି। ଅସ୍ତରଙ୍ଗ ବଜାରରେ କୋର୍ଟ, ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ ରହିଛି। ପ୍ରତ୍ୟେକ ଦିନ ଶହ ଶହ ଲୋକ ଏଠାକୁ ଯା'ଆସ କରୁଥିବାବେଳେ ଏହି ଗ୍ରୀଷ୍ମ ପ୍ରବାହ କାରଣରୁ ଏବେ ଦିନ ୧୧ ଘଟିକାରୁ ବଜାର ପୂରା ଖାଁ ଖାଁ ହୋଇଯାଉଛି। ଏଠି ଲୋକଙ୍କ ଖରାରୁ ସୁରକ୍ଷା ଦେବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଯେଉଁ ଗୋଟେ ଦୁଇଟି ନଳକୂପ ରହିଛି ତାହା ସମ୍ପୂର୍ଣ୍ଣ ଆଇରନ ପାଣି, ଯାହା ଫଳରେ ଅନେକ ଯାତ୍ରୀ ଦୋକାନରୁ ପାଣି କିଣି ପିଉଛନ୍ତି। ତେଣୁ ଏହି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଛକମାନଙ୍କରେ ତୁରନ୍ତ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସହିତ ଅସ୍ଥାୟୀ ବିଶ୍ରାମ ଗୃହ ତିଆରି କରିବାକୁ ସାଧାରଣରେ ଦାବି ହେଉଛି।

## ଅର୍ଜୁନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ଅନାବରଣ ଓ ବାର୍ଷିକ ଉତ୍ସବ

**ଟାଙ୍ଗୀ,୨୪।୪ (ସମିସ):** ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ପାଞ୍ଚଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବରେ ଓଡିଶା ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ବକ୍ତା ଭାବେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀ ର ରାଧାକାନ୍ତ ଦାସ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ,ରାଇପଡା ସରପଞ୍ଚ, ସିଆରସିସି ଶ୍ରୀମୟ ଦଳାଇ, ପବିତ୍ର ପ୍ରଧାନ,ମୋ ସ୍କୁଲ୍ ସଭାପତି ଭିକାରୀ ବାରିକ ଙ୍କ ସମେତ ପରିଚଳନା କମିଟି ସଭ୍ୟା ସଭ୍ୟ, ପଞ୍ଚସଖା ଶିକ୍ଷା ସେତୁ ସଭ୍ୟସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ମୁରଲୀଧର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କୁଳମଣି ବେହେରା, ପ୍ରଦୀପ୍ତ କୁମାର ସାହୁ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ଜ୍ୟୋତି ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଦ୍ୟାଳୟ ନିକଟରେ ଚାଲିଛି ଚୋରାମଦ କାରବାର: ଅବକାରୀ ବିଭାଗ ନିଷ୍କ୍ରିୟ

**ନୟାହାଟ,୨୪।୪(ସମିସ):** ଚୋରା ମଦ କାରବାର ରୋକିବା ପାଇଁ ଅବକାରୀ ବିଭାଗ ଗଠନ ହୋଇଥିବା ବେଳେ ସେମାନେ ଚୋରା ମଦ କାରବାର ରୋକିବାରେ କିନ୍ତୁ ବିଫଳ ହୋଇଛନ୍ତି। ଫଳରେ ନୟାହାଟ ଅଞ୍ଚଳରେ ଚୋରା ମଦ କାରବାର ଦ୍ରୁତ ଭାବେ ବୃଦ୍ଧି ପାଉଥିବା ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ନିଶା କାରବାରଚାଲିଥିବାବେଳେଅବକାରୀବିଭାଗ ଧରପଗଡ଼ କରିବା ପରିବର୍ତ୍ତେ ସେମାନେ ସୁରକ୍ଷା ଦେଉଥିବା ବରିଷ୍ଠ ନାଗରିକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପାଞ୍ଚଣା ପ୍ରାଥମିକ ବିଦ୍ୟାଳୟନିକଟରେଚୋରା ଦେଶୀ ବିଦେଶୀ ନକଲି ମଦ କାରବାର ଜୋରଦାର ଚାଲିଛି। ମାତାଲ୍ ଅବସ୍ଥାରେ କିଛି ମଦୁଆ ବିଦ୍ୟାଳୟ ନିକଟରେ ଅସଭ୍ୟ ଭାଷାରେ ଗାଳଗୁଲଜ କରିବା ପିଲାଙ୍କ ପାଠ ପଢାରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ବାଲିଦଣ୍ଡାରେ କିଛି ପାନ ଦୋକାନ ମାନଙ୍କରେ ଚୋରା ମଦ କାରବାର ହେବା ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ଚଢ଼ଉ ହୋଇଥିଲେ ମଧ୍ୟ ସେଠାରେ ଚୋରା ମଦ ବେପାର ଥମିନାହିଁ। ସନ୍ଧ୍ୟା ସମୟରେ ମହିଳାମାନେ ବାହାରକୁ ବାହାରିବାକୁ ନିରାପଦ ମଣୁ ନାହାନ୍ତି। ଶୋରଭା ପଞ୍ଚାୟତର ଝଞ୍ଜଳିଆ ଗ୍ରାମରେ ପେଟି ପେଟି ମଦ କାରବାର ଚାଲିଥିବାବେଳେ ସେହିପରି ବଡଲାଙ୍ଗ ଭିମାପଡ଼ା ଗ୍ରାମରେ ଚୋରା ମଦ କାରବାର କାୟା ବିସ୍ତାର କରିଛି। ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କୋହଳ ହେଉଥିବାରୁ ଚୋରା ମଦ ବେପାରୀମାନେ ନିର୍ଭୟରେ ଦିବାଲୋକରେ କାରବାର ଚଳାଉଛନ୍ତି। ଏହାଦ୍ୱାରା ମଦ ପିଇ ବହୁଲୋକ ସର୍ବସ୍ୱାନ୍ତ ହେଉଥିବା ବେଳେ ଅବକାରୀ ବିଭାଗ ଚୋରା ମଦ ବେପାରୀଙ୍କ ଠାରୁ ନିଜର ଫାଇଦା ଉଠାଉଛନ୍ତି। ଏଦିଗରେ ଅବକାରୀ ବିଭାଗର ପୁରୀ ଏସ୍‌ପିଙ୍କ ଦୃଷ୍ଟି ପଡୁ ବୋଲି ସାଧାରଣରେ ଦାବି ହେଉଛି।

## ବାଣୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ପିପିଲି,୨୪।୪(ସମିସ):** ପିପିଲି ଜଇଶପାଟଣାସ୍ଥିତ ବାଣୀ ବିଦ୍ୟା ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପିପିଲି ମଣ୍ଡଳ ଶିକ୍ଷା ଅଧିକାରୀ ପୀତବାସ ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ପିଲାଙ୍କୁ ଭଲ ପାଠ ପଢ଼ାଇବା ମାନେ କେବଳ ଚାକିରି ପଛରେ ଗୋଡ଼ାଇବା ନୁହେଁ ପ୍ରଥମେ ସମାଜରେ ଜଣେ ଭଲ ମଣିଷ ହେବା ସହିତ ଜଣେ ଭଲ କୃଷକ, ଶିକ୍ଷକ, ସଂଗୀତଜ୍ଞ, ଭଲ କଳାକାର ଓ ଜଣେ ଭଲ ପ୍ରଶାସକ ହୋଇ ରାଷ୍ଟ୍ର ନିର୍ମାଣ ରେ ଭାଗିଦାରୀ ହେବା ପାଇଁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀ ବର୍ତ୍ତମାନ ଠାରୁ ନିଜର ଲକ୍ଷ୍ୟ ସ୍ଥିର କରି ନିଜକୁ ଶୃଙ୍ଖଳିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଭାଗ ମୁଖ୍ୟ, ସ୍ନାତକତ୍ତୋର ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ର ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କ, ବରିଷ୍ଠ ଶିକ୍ଷକ ଓ ପୂର୍ବତନ ସିଆରସିସି, ଚିନ୍ତାମଣି ଓଝା, ଗୋବିନ୍ଦପୁର ସମିତି ସଭ୍ୟା କବିତା ଖଟାଇ, ସମାଜସେବୀ ଅଭୟ



ସାମନ୍ତରାୟ, ଚିରାଗ ଇଣ୍ଡଷ୍ଟ୍ରିର ପରିଚାଳନା ନିର୍ଦ୍ଦେଶକ ପାଟନାଲା ଚିରାଗ ପାତ୍ରୋ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦିକା ଅନ୍ନପୂର୍ଣ୍ଣା ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଅର୍ଜୁନ ମହାରଣା ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଚିନ୍ତାମଣି ଓଝା। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ନିମାପଡ଼ା,୨୪।୪(ସମିସ):** ନିମାପଡ଼ା ବ୍ଲକ୍ ପରିସରରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଡିଓ ଡକ୍ଟର ଅଭିଜିତ ଷଡ଼ଙ୍ଗୀଙ୍କ ଦ୍ୱାରା ଆଭାସୀ ଜରିଆରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମକୁ ଜନସାଧାରଣ ଦେଖିଥିଲେ। ୧୪ ପୂର୍ଣ୍ଣଚନ୍ଦ୍ର ଓଝା, ବିଡିଓ ଡକ୍ଟର ଅଭିଜିତ ଷଡ଼ଙ୍ଗୀ, ଏବିଡିଓ ପ୍ରିୟଦର୍ଶିନୀ ବରାଳ, ସହକାରୀ ନିର୍ବହୀଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଅଜୟ ପରିଡ଼ା, ସିଡିପିଓ ମାଧବୀଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ପଥପ୍ରାନ୍ତ ନାଟକ "ଆମ



ଜିଲ୍ଲାରେ ୧୩ ବର୍ଗର ଆଦିବାସୀଙ୍କ ପାଇଁ ୧୧ ଟି ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ବର୍ଷକୁ ୧ ହଜାର କୋଟି ବ୍ୟୟ ବରାଦ କରିଛନ୍ତି। ଆଜିର ଏହି କାର୍ଯ୍ୟ କ୍ରମରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଯୋଜନା' ପରିବେଷଣ କରାଯାଇଥିଲା। ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବଦ୍ଧପରିକର। ଆଜିର ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ଚାରିଛକ,୨୪।୪(ସମିସ):** ଚାରିଛକସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅର୍ଥ ଓ ବିପର୍ଯ୍ୟୟ ବିଭାଗ ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ, ବିଶିଷ୍ଟ ଅତିଥିଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟ ସଭାପତି କଳିଙ୍ଗରତ୍ନ ଉପାଧି ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାଧ୍ୟାପକ ଉର୍ମିଳା କୁମାରୀ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ସଭାପତି ଚୈତନ୍ୟ କୁମାର ରାଉତ, ସିଆର୍‌ସିସି ଅଶୋକ କୁମାର ବିଶ୍ୱାଳ, ବିଭୁ ବୈଭବ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ଲକ୍ଷ୍ମୀଧର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅନୁଷ୍ଠାନଟି ୭ଟି ପିଲାରୁ ଆରମ୍ଭ ହୋଇ ବର୍ତ୍ତମାନ ୭ଶହ ପିଲା ପାଠ ପଢୁଛନ୍ତି। ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା,ଆଜିର ଶିଶୁ କାଲିର ଭବିଷ୍ୟତ ,ବିଦ୍ୟାଳୟରେ କାର୍ଯ୍ୟରତ ଗୁରୁଜୀ ଗୁରୁମାମାନେ ସମୟାନୁବର୍ତ୍ତୀ ହୋଇ ଏଠାକୁ ପଢିବାକୁ ଆସୁଥିବା କୁନି କୁନି ପିଲାମାନଙ୍କୁ ଶିକ୍ଷାଦାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ମାନସ ବାରିକ ବାର୍ଷିକ ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିବା ବେଳେ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମା' ଚର୍ଚ୍ଚିକା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ଗମ୍ଭାରୀପଦା,୨୪।୪(ସମିସ):** ପୁରୀ ଜିଲ୍ଲା ସନ୍ନିକଟ ଦୀପାଞ୍ଚଳ ନାଉଗାଁ ବ୍ଲକ୍ ଅନ୍ତର୍ଗତ ଓଷକଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଆ ଚର୍ଚ୍ଚିକା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ଧୁମଧାମରେ ପାଳିତ ହୋଇଯାଇଛି। ମହୋତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ଦିନଗୁଡ଼ିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ଭବ୍ୟ କଳସ ଯାତ୍ରା ସହରର ମୁଖ୍ୟ ଆକର୍ଷଣ ସାଜିଥିଲା, ଯେଉଁଥିରେ ଶତାଧିକ ମହିଳା ଭକ୍ତ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ପ୍ରସିଦ୍ଧ ଭଜନ ଗାୟକମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ବିଭୋର କରିଥିଲେ। ମହୋତ୍ସବର ଅନ୍ତିମ ଦିନରେ ବାଜା ବାଣ ରୋଷଣୀ କରି ଦୋଳ ଗୋବିନ୍ଦଙ୍କୁ ଗ୍ରାମ ପରିଭ୍ରମଣ କରାଯାଇଥିଲା।



ସନ୍ଧ୍ୟାରେ ବିଶେଷ ପୂଜାର୍ଚ୍ଚନା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଚାରିଦିନ ଧରି ପ୍ରସାଦ ବିତରଣ କରାଯାଇଥିଲା।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ସାକ୍ଷୀଗୋପାଳ,୨୪।୪(ସମିସ):** ସତ୍ୟବାଦୀ ବ୍ଲକ୍ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଠାରେ ଉଦ୍‌ଘାଟନ କରିଥିବା ଜାତୀୟ ପଞ୍ଚାୟତରାଜ ଦିବସ ଉତ୍ସବକୁ ଆଭାସୀ ମାଧ୍ୟମରେ ପ୍ରସାରିତ କରାଯାଇଥିଲା। ସତ୍ୟବାଦୀ ବ୍ଲକ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ଦେବାଶିଷ ନାୟକ, ୩୩ ନମ୍ବର୍ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ୩୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ। ଏହି ଅବସରରେ ସମୁଦାୟ ୧୩୫ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ଯୋଜନାରେ ଆବାସ ନିର୍ମାଣ ନିମନ୍ତେ ବିଧାୟକ ଶ୍ରୀ ମିଶ୍ର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୮ଜଣ ହିତାଧିକାରୀ ଗୃହ ନିର୍ମାଣ ସଠିକ୍ ସମୟରେ କରି ସାରିଥିବାରୁ ସେହି ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ପତ୍ରୀ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବନ୍ଧୁକ ଜବତ; ଅଭିଯୁକ୍ତ ଗିରଫ

**ଚାରିଛକ,୨୪।୪(ସମିସ):** ଚାରିଛକ ପୁଲିସ ଜଣେ ଯୁବକଙ୍କଠାରୁ ଏକ ବନ୍ଧୁକ ଜବତ କରିବା ସହ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ଗଡ଼ ଅମର ପ୍ରସାଦ ଗ୍ରାମର ଗୁଣନିଧି ସାହୁଙ୍କ ଘରେ ୨୨ ତାରିଖ ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ମାନସ ଦାସ ନାମକ ଜଣେ ଯୁବକ ତାଙ୍କ ଘରେ ପଶି ଚୋରି କରିବାକୁ ଉଦ୍ୟମ କରିଥିଲା। ଗୁଣନିଧି ଓ ତାଙ୍କ ପନୀଠ ଉଠିପଡ଼ି ମାନସକୁ କାବୁ କରିଥିବା ବେଳେ ସେ ପାଖରେ ରଖିଥିବା ଏକ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରାଇ ସେଠାରୁ ଖସିପଳାଇଥିଲା। ତାପରେ ଗୁଣନିଧି ଥାନାରେ ଏକ ଅଭିଯୋଗ କରିବାପରେ ଉକ୍ତ ଯୁବକ ଅମରରେଶ୍ୱର ବଜାରରରେ ବୁଲୁଥିବା ସମୟରେ ପୁଲିସ ଯୁବକକୁ କାବୁ କରିଥିଲା ଏବଂ ତାକୁ ପଚରାଉଚରା କରିବା



ପରେ ସେ ଚଉରାଶି ରାସ୍ତାର ଏକ ବଣରେ ବନ୍ଧୁକ ଲୁଚାଇ ରଖିଥିବା ପୁଲିସ ଆଗରେ ମାନିଥିଲା। ଅଭିଯୁକ୍ତ ମାନସ ବନ୍ଧୁକ ଲୁଚାଇ ରଖିଥିବା ସ୍ଥାନରେ ପୁଲିସ ଚଢଉକରି ଏକ ବନ୍ଧୁକ ଜବତ କରିଥିଲା। ପୁଲିସ ଅଭିଯୁକ୍ତ ମାନସ ନାମରେ ୭୭/୨୬ରେ ଏକ ମାମଲା ରୁଜୁକରି ଗୁରୁବାର କୋର୍ଟ ଚାଲଣ କରିଛି ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦିଆଯାଇଛି। ଅଭିଯୁକ୍ତ ମାନସ ନାମରେ ନିଆଳୀ ଥାନାରେ ଏକ ଛେଳି ଚୋରୀ ମାମଲାଥିବା ପୁଲିସ ଜାଣିବାକୁ ପାଇଥିଲା।

## ମେ' ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ପୁରୀ,୨୪।୪(ସମିସ):** ଜାତୀୟ/ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଆସନ୍ତା ମେ ୯ ତାରିଖ ଶନିବାର ଦିନ ଦିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ କୋର୍ଟ ସମେତ ନିମାପଡା, ପିପିଲି, କୋଣାର୍କ, କଣାସ, ସତ୍ୟବାଦୀ, କାକଟପୁର, ଅସ୍ତରଙ୍ଗ ଓ ବ୍ରହ୍ମଗିରି କୋର୍ଟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନି, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡପତ୍ର ବାଦ୍ ଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ୍ ଦେୟ ଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଦେୱାନୀ, ଫୌଜଦାରୀ ମକଦ୍ଦମା ଗୁଡ଼ିକର ସମାଧାନ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ଏବଂ ବିବାଦର ସମାଧାନ ପାଇଁ କୌଣସି ଆର୍ôଥକ ଖର୍ଚ୍ଚ ଦେବାକୁ ପଡ଼େନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ପୁରୀ ଜିଲ୍ଲା/ତାଲୁକ ଆଇନ ସେବା କାର୍ଯ୍ୟାଳୟର ହେଲ୍ପ ଲାଇନ ନମ୍ବର ୦୬୭୫୨-୨୨୪୧୩୩ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଷ୍ଟେସନ୍ ଅଞ୍ଚଳରେ ବଢୁଛି ନିଶା କାରବାର, ପୁଲିସ ପାଟ୍ରୋଲିଂ କଡ଼ାକଡ଼ି ଦାବି

ଜଟଣୀ, ୨୪।୪ (ସମିସ)

ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଛି। ଗଞ୍ଜେଇ, ବ୍ରାଉନସୁଗର ସହ ବେଆଇନ୍ ଭାବେ ମଦ ଆଦି ନିଶାଦ୍ରବ୍ୟ କାରବାର ବେଧଡ଼କ ଭାବେ ଚାଲିଛି। ରେଳବାଇ ଆରପିଏଫ୍ ସହ ପୁଲିସ ଓ ଅବକାରୀ ବିଭାଗର ଉଦାସୀନତା କାରଣରୁ ଏଭଳି ଅବାଧରେ ନିଶା କାରବାର ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ତେବେ ଷ୍ଟେସନ୍ ର ଏକ ନମ୍ବର ପ୍ଲାଟଫର୍ମ ଗୋଲେଇ ମାର୍କେଟ୍ ପାଖରେ ବେଆଇନ୍ ନିଶାଦ୍ରବ୍ୟ ବିକ୍ରି ସହ ନିଶା କାରବାର ହେଉଥିବା ଅଭିଯୋଗ ହୋଇ ଆସୁଛି। ସେଠାରେ ଦିନରାତି ସବୁବେଳେ ନିଶାଡ଼ିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସାଧାରଣ ଲୋକେ ଓ ରେଳଯାତ୍ରୀ ନିଶାଡ଼ିଙ୍କ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଶା କାରବାରରୁ ଏଠାରେ ଚୋରି, ଛିନ୍‌ତାଇ ଭଳି କାଣ୍ଡ ପ୍ରତିଦିନ ଘଟୁଛି। ବିଗତ ଏକ ବର୍ଷ ମଧ୍ୟରେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ର ଜିଆର୍‌ପି ଥାନାରେ ୨୦୦ରୁ ଅଧିକ ଲୁଟ୍, ଛିନତାଇ ମାମଲା ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ରାତିରେ ପୁଲିସ ପାଟ୍ରୋଲିଂ ଠିକ୍ ଭାବେ ହେଉ ନଥିବାରୁ ନିଶା କାରବାର ବଢୁଥିବା ଅଭିଯୋଗ ହୋଇଛି। ଏହି ନିଶା କାରଣରୁ ୨୦୨୫ ସେପ୍ଟେମ୍ବର ୨୦ତାରିଖରେ ରେଳବାଇ ଗୋଲେଇ ମାର୍କେଟ୍ ନିକଟରେ ତୁମୁଳକାଣ୍ଡ ଘଟିଥିଲା। ଗୋଲେଇ ମାର୍କେଟ୍ ଦେଇ ଜଣେ ମହିଳା ଯାତ୍ରୀ ଷ୍ଟେସନ୍‌କୁ ଯାଉଥିବା ବେଳେ ଜଣେ ନିଶାଡ଼ି ଉକ୍ତ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲା। ଯାହାକୁ ନେଇ ଉକ୍ତ ନିଶାସକ୍ତ ଯୁବକକୁ ସ୍ଥାନୀୟ ଲୋକ କାବୁ କରି ନିର୍ଘାତ ମାଡ଼ ମାରିଥିଲେ। ସେହି ମାସରେ ଜଣେ ନିଶାଡ଼ି ମହିଳା ଯାତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗ୍ ଝାମ୍ପି ଦୌଡ଼ି ପଳାଉଥିବା ବେଳେ ପୁଲିସ ତାକୁ କାବୁ କରିଥିଲା ଓ ବ୍ୟାଗ୍ ଉଦ୍ଧାର କରି ମହିଳାଙ୍କୁ ଫେରାଇଥିଲା। ପୁଣି ନଭେମ୍ବର ମାସ ୧୧ତାରିଖରେ ଗୋଲେଇ ମାର୍କେଟ୍ ଗେଟ୍ ନିକଟରେ ଜଣେ ଯାତ୍ରୀଙ୍କ ମୋବାଇଲ୍ ଫୋନ୍ ଝାମ୍ପି ନେଇଥିଲା ଦୁର୍ବୃତ୍ତ। ପୁଣି ଜାନୁଆରି ମାସରେ ଦୁଇ ଜଣ ବ୍ୟକ୍ତି ନିଶା ଖାଉଥିବା ବେଳେ ବିରୋଧ କାରଣରୁ ମାରପିଟ୍ ହୋଇଥିଲା। ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା। ପୁଣି ସେହି ମାସରେ ୩ଟି ଲୁଟ୍ ମାମଲା ଥାନାରେ ପଞ୍ଜୀକୃତ ହୋଇଥିଲା। ଏହିଭଳି ଅନେକ ଘଟଣା ଘଟିଥିଲେ ହେଁ ଏହା କେବଳ ଉଦାହରଣ ହୋଇ ରହିଛି। ରେଳବାଇ ଗୋଲେଇ ମାର୍କେଟ୍ ରୁ ଷ୍ଟେସନ୍ ପ୍ଲାଟଫର୍ମକୁ ଲମ୍ବିଥିବା ରାସ୍ତାରେ ଏଭଳି କାଣ୍ଡ ଘଟିଚାଲିଛି। ଏହାକୁ ନେଇ ଦୋକାନୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଦ୍ୟପମାନେ ସେଠାରେ ମଦ ପିଇ ଦୋକାନ ଆଗରେ କାଚ ବୋତଲ ଗଦା କରୁଥିବା ଅଭିଯୋଗ ହୋଇଛି। ଏସବୁ କାଣ୍ଡ ପାଇଁ ପୁଲିସର ଦୁର୍ବଳ ପାଟ୍ରୋଲିଂକୁ ଦାୟୀ କରିଛନ୍ତି ସ୍ଥାନୀୟ ଦୋକାନୀ। "ସ୍ଥାନୀୟ ଦୋକାନୀ ରମାକାନ୍ତ ନାୟକ କହିଛନ୍ତି ଯେ, ପ୍ରତିଦିନ ଗୋଲେଇ ମାର୍କେଟ୍ ଦେଇ ଷ୍ଟେସନ୍‌କୁ ଶହ ଶହ ଯାତ୍ରୀ ଯାତାୟାତ କରୁଛନ୍ତି। ଗେଟ୍ ଆଖପାଖ ଅଞ୍ଚଳରେ ନିଶା କାରବାର ଓ ନିଶାଡ଼ିଙ୍କ ଉତ୍ପାତ ବଢୁଛି। ଫଳରେ ରାତି ହେଲେ ଦୋକାନ ଖୋଲିବାକୁ ଭୟ ଲାଗୁଛି। ଏହି ଅଞ୍ଚଳରେ ପ୍ରତିଦିନ ପୁଲିସ ପଟ୍ରୋଲିଂ ଠିକ ଭାବେ କଲେ ଘଟଣା କମିଯିବ ବୋଲି କହିଛନ୍ତି।



୨୪/୪/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୩,୦୮୪/- ସୁନା:୦୨.୭୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



### ଏସ୍‌ସିଏସ୍ କଲେଜକୁ ଅଣଦେଖା

# ଯୋଗ୍ୟତା ଅଛି; ମିଳୁନି ବିଶ୍ୱବିଦ୍ୟାଳୟ ମାନ୍ୟତା

ପୁରୀ,୨୪।୪(ସମିସ)





ରାଜ୍ୟର ଏକ ଅଗ୍ରଣୀ, ପ୍ରତିଷ୍ଠିତ ତଥା ପୁରାତନ ଶିକ୍ଷାନୁଷ୍ଠାନ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ। ଏହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଲାଗି ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। କେବଳ ଦାବି ନୁହେଁ, ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ଏହା ସମସ୍ତ ପ୍ରକାର ଯୋଗ୍ୟତା ରଖିଛି। ଉନ୍ନତ ଭିତ୍ତିଭୂମି ସାଙ୍ଗକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସମସ୍ତ ମାପଦଣ୍ଡ ମଧ୍ୟ ପୂରଣ କରୁଛି। ହେଲେ ଏହି ଖ୍ୟାତିସମ୍ପନ୍ନ ତଥା ପୁରାତନ କଲେଜକୁ ଅଣଦେଖା କରାଯାଉଛି। ସବୁଠୁ ପରିତାପର ବିଷୟ ହେଉଛି ଏହି କଲେଜର ସମସାମୟିକ କଲେଜଗୁଡ଼ିକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇ ସାରିଲେଣି। ହେଲେ ଏସ୍‌ସିଏସ୍ ଏଥିରୁ ବଞ୍ଚିତ ରହିଛି।

୧୯୪୪ ମସିହାରେ ସାମନ୍ତ ଚନ୍ଦ୍ର ଶେଖର କଲେଜ ପ୍ରତିଷ୍ଠିତ ହୋଇଥିଲା। ଆରମ୍ଭ ପରଠାରୁ କଲେଜ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ରେକର୍ଡ ବଜାୟ ରଖିଛି। ଏହି କଲେଜର ଛାତ୍ର ତଥା ଶିକ୍ଷକମାନେ ବିଭିନ୍ନ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ୧୯୯୦ ମସିହାରେ ରାଜ୍ୟର ଏକ ଅଗ୍ରଣୀ କଲେଜ ଭାବେ ସମ୍ମାନଜନକ ସ୍ୱୟଂଶାସିତ ମାନ୍ୟତା ହାସଲ କରିଥିଲା। ସେହିପରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାନ୍ୟତା ମିଳିବା ଏହାର ଉଲ୍ଲେଖନୀୟ ଅଗ୍ରଗତିର ଆଉ ଏକ ମାଇଲଖୁଣ୍ଟ। କଲେଜର ଛାତ୍ରଛାତ୍ରୀ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ନାକ୍ ଦ୍ୱାରା 'ଏ' ଗ୍ରେଡ୍‌ର ମାନ୍ୟତା ପାଇଛି। ତେବେ ଏତେସବୁ ମାନ୍ୟତା ଏବଂ ଉନ୍ନତ ଭିତ୍ତିଭୂମିକୁ ନେଇ ଏସ୍‌ସିଏସ୍ କଲେଜ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଆସିଛି। ତେଣୁ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ଲାଗି ଦୀର୍ଘବର୍ଷ ହେବ ବୁଦ୍ଧିଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଦାବି କରିଆସୁଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଦାବି ରଖାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସକାରାତ୍ମକ ଆଭିମୁଖ୍ୟ ମିଳିପାରି ନାହିଁ।

ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଏକାଧିକଥର ଉଚ୍ଚଶିକ୍ଷା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଚିଠି ଲେଖି ଅନୁରୋଧ କରିଛି ପୁରୀ ବିକାଶ ପରିଷଦ। ସେହି ଚିଠିରେ ଦର୍ଶାଯାଇଥିଲା ଯେ, ୧୯୪୪ ମସିହାରେ ପ୍ରତିଷ୍ଠିତ ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜ ରାଜ୍ୟର ଏକ ଅଗ୍ରଣୀ ତଥା ପୁରାତନ ଶିକ୍ଷାନୁଷ୍ଠାନ। ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି କଲେଜ ଏକ ଭଲ ରେକର୍ଡ ବହନ କରିଆସିଛି। ବର୍ତ୍ତମାନ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ଏଠାରେ ପଢୁଛନ୍ତି। ଏଠାରେ ୟୁଜି, ପିଜି, ଏମ୍‌ଫିଲ, ବିଇଡି, ଏମ୍‌ବିଏ, ବିବିଏ, ଏମ୍‌ଏ ଶିକ୍ଷା ପ୍ରଦାନ କରାଯାଉଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘବର୍ଷ ହେବ ଏହା ଯୋଗ୍ୟତା ରଖିଆସିଛି। ଏଥିସହ ସମସ୍ତ ଆବଶ୍ୟକତାକୁ ମଧ୍ୟ ପୂରଣ କରୁଛି। ହେଲେ ରାଜ୍ୟର ଏହି ଖ୍ୟାତିସମ୍ପନ୍ନ ତଥା ପୁରାତନ କଲେଜ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇନାହିଁ।

ଅନ୍ୟପକ୍ଷରେ ପୁରୀ ବିକାଶ ପରିଷଦର ଦାବିକୁ ଭିତ୍ତିକରି ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ପୁରୀ ଜିଲ୍ଲାପାଳ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଦୁଇଥର ସୁପାରିଶ୍ କରିଛନ୍ତି। ଏସସିଏସ୍ କଲେଜ ବିଶ୍ୱବିଦ୍ୟାଳୟ ମାନତ୍ୟ ପାଇବା ପାଇଁ ଯାହାସବୁ ଦରକାର ସମସ୍ତ ଯୋଗ୍ୟତା ରହିଥିବା ଜିଲ୍ଲାପାଳ ଜଣାଇଛନ୍ତି। ଏହାଛଡ଼ା ପୁରୀ ବିକାଶ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ରାଜ୍ୟ ସରକାର ଏସ୍‌ସିଏସ୍ ମହାବିଦ୍ୟାଳୟକୁ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଘୋଷଣା କରିନାହାନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ପକ୍ଷପାତ ଓ ଅବହେଳା କରୁଥିବା ବିକାଶ ପରିଷଦ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲା।

ସୂଚନାଥାଉ କି, ବାଲେଶ୍ୱରର ଫକୀର ମୋହନ କଲେଜ, ସମ୍ବଲପୁରର ଗଙ୍ଗାଧର ମେହେର କଲେଜ ଏବଂ ବଲାଙ୍ଗୀରର ରାଜେନ୍ଦ୍ର କଲେଜ, ଯେଉଁଗୁଡ଼ିକ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିଲା, ସେଗୁଡ଼ିକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଛନ୍ତି। ହେଲେ ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜକୁ ବଞ୍ଚିତ କରାଯାଇଛି। ତେଣୁ ରାଜ୍ୟର ଏହି ପୁରାତନ ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ପୁରୀର ବିଭିନ୍ନ ସଙ୍ଗଠନ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ପ୍ରମୁଖ ଦାବି କରିଛନ୍ତି।

## ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ନୀତି

ପୁରୀ,୨୪।୪(ସମିସ): ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରତିଷ୍ଠା ହୋଇଥିଲା ଶ୍ରୀମନ୍ଦିର। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ବଡ଼ଦେଉଳରେ ପାଳିତ ହୋଇଥାଏ ନୀଳାଦ୍ରି ମହୋଦୟାଷ୍ଟମୀ। ଶୁକ୍ରବାର ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ନୀତି ପାଳିତ ହୋଇଛି। ଗୁରୁବାର ରାତିରେ ମହାପ୍ରଭୁଙ୍କ ଚନ୍ଦନ ଲାଗି ନୀତି ବଢିବା ପରେ ଭୋଗମଣ୍ଡପ ଘରକୁ ଧୂଆଯାଇ ଚାନ୍ଦୁଆ ବନ୍ଧା ଯାଇଥିଲା। ଏହାପରେ ୧୦୮ ଗରାରେ ପାଣି ଭର୍ତ୍ତି କରାଯାଇଥିଲା। ସେଥିରେ ସୁବାସିତ ଫୁଲ ପକାଯାଇ ସରା ଘୋଡାଇ ଚାନ୍ଦୁଆ ତଳେ ଚାରି ପନ୍ତି କରି ରଖାଯାଇଥିଲା। ପୂଜାପଣ୍ଡା ଆସି ଏହି ଜଳକୁ ଅଧିବାସ କରିଥିଲେ। ସୋମବାର ଭୋଗମଣ୍ଡପ ଏବଂ ଆଲଟ ଲାଗି ପରେ ଭିତରେ ପାଣିପଡି ପୂଜା ଠା ହୋଇଥିଲା। ଗରାବଡୁମାନେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଅଧିବାସ ହୋଇଥିବା ଜଳ ଗରାମାନ ଚାରିଥରରେ ଆଣି ଚାରି ପନ୍ତି କରି ରତ୍ନସିଂହାସନ ତଳେ ରଖିଥିଲେ। ପୂଜାପଣ୍ଡା ସାମନ୍ତ ଆସି ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଜଳଲାଗି ହୋଇଥିଲା। ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ଘଟୁଆରି ଘରଠାରୁ ରୂପା ପିଙ୍ଗଣ ତିନୋଟିରେ ଚନ୍ଦନ ବିଜେ କରାଇ ଆଣି ରତ୍ନସିଂହାସନ ଉପରେ ସଂସ୍କାର କରାଇଥିଲେ। ପାଳିଆ ପୁଷ୍ପାଳକଙ୍କୁ ନେଇ ମହାପ୍ରଭୁଙ୍କୁ ଚନ୍ଦନ ସର୍ବାଙ୍ଗ କରାଇଥିଲେ। ଏହାପରେ ପାଣି ପଡ଼ି ଧୋପଖାଳ ହୋଇ ଯାତ୍ରାଙ୍ଗୀ ଭୋଗ ଏବଂ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ରାମକୃଷ୍ଣ ଏବଂ ମଦନମୋହନ ଦକ୍ଷିଣୀ ଘର ଭୋଗ ସାରି ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପୂଜାପଣ୍ଡା ସାମନ୍ତ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଏହାପରେ ପାଣି ପଡ଼ି ଧୋପଖାଳ ହେବା ପରେ ଦେବଦେବୀ ଚନ୍ଦନ ଯାତ୍ରାକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦନ ଯାତ୍ରାରୁ ବାହୁଡା ବିଜେ କରିବା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ହୋଇ ରାତ୍ର ପହୁଡ ହୋଇଥିଲା।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ପାଳିତ ହୁଏ। ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ନୀଳାଦ୍ରି ମହୋଦୟାଷ୍ଟମୀ ତଥା ନୀଳାଦ୍ରି ମହୋଦୟ ଯାତ୍ରା ପାଳିତ ହୋଇଥାଏ। ଏହା ମହାପ୍ରଭୁଙ୍କ ତ୍ରୟୋଦଶ ଯାତ୍ରା ଭାବେ ଅଭିହିତ। ଏହି ଦିବଦକୁ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ଭାବେ ମଧ୍ୟ ପାଳନ କରାଯାଏ। ସ୍କନ୍ଦ ପୁରାଣ ଏବଂ ବାମଦେବ ସଂହିତା ଆଦି ଗ୍ରନ୍ଥରେ ନୀଳାଦ୍ରି ମହୋଦୟର ବିଶେଷତ୍ୱ ଏବଂ ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା ରହିଛି।

### ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୨୪ ଦିନରେ ପଦଯାତ୍ରା, ଆଉ କେତେଦିନ ଅପେକ୍ଷା?



ପୁରୀ,୨୪।୪(ସମିସ)

ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଏହି ଦାବିପ୍ରତି ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ। ଜାରି ରହିଛି ସଚେତନତା ପଦଯାତ୍ରା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ଶୁକ୍ରବାର ୨୪ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆଉ କେତେଦିନ ଆମକୁ ଅପେକ୍ଷା କରିବାକୁ ପଡିବ ବୋଲି ସରକାରଙ୍କୁ ତାଚ୍ଛଲ୍ୟ ଢଙ୍ଗରେ କହିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ବିଜୟ ମିଶ୍ର, ଜୁପିଟର ଦାସ, ସରସ୍ୱତୀ ପାତ୍ର, ବିଶ୍ୱନାଥ ମିଶ୍ର, ସୂର୍ଯ୍ୟ ରଥ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠି, କିଶୋର ଚନ୍ଦ୍ର ଦାସ, ମିନାକ୍ଷୀ ଦାସ, ଅରୁଣା ପଟ୍ଟନାୟକ, ପ୍ରଣତୀ ରାୟ,ମନୋଜ ସାମଲ, ବାସୁଦେବ ଲେଙ୍କା, ଜଗନ୍ନାଥ ମହାନ୍ତି, ଯାଦବୋ ନନ୍ଦ ରାୟ, ରାଜା ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଆମୂଲ୍ୟ ଦାସ,ସତ୍ୟନାରାୟଣ ସାହୁ ଓ କଳ୍ପନା ମୁଦୁଲି ପ୍ରମୁଖ ଭାଗନେଇଥିଲେ।





ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## ପାରମ୍ପରିକ ମାହାରୀ ଓ ଓଡ଼ିଶୀ ନୃତ୍ୟୋତ୍ସବ

ପୁରୀ,୨୪।୪(ସମିସ): ଶୁକ୍ରବାର ଶ୍ରୀମନ୍ଦିର ନୀଳାଦ୍ରି ମହୋଦୟାଷ୍ଟମୀ ଅବସରରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପାରମ୍ପାରିକ ମାହାରୀ ଓଡିଶୀ ନୃତ୍ୟୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାୟ ୫୦ରୁ ଅଧିକ ନୃତ୍ୟ ଶିଳ୍ପୀ ସିଂହଦ୍ୱାର ସମ୍ମୁଖରୁ ଶ୍ରୀ ଜୀଉଙ୍କ ଚନ୍ଦନ ଶୋଭାଯାତ୍ରା ପଟୁଆରରେ ପାରମ୍ପରିକ ମାହାରୀ ଓ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ଜଗନ୍ନାଥାଷ୍ଟକଂ, ରାଧାରାଣୀ ସଙ୍ଗେ ନାଚନ୍ତି ମୁରଲୀ ପାଣି, ଦେଖ ଗୋ, ଗୀତ ଗୋବିନ୍ଦ, ସାରି ବାରି ବିହାର, ଆଦି ନୃତ୍ୟ ମାହାରୀ ଓ ଓଡ଼ିଶୀ ଶୈଳୀରେ ପରିବେଷଣ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ

ପୁରୀ,୨୪।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସୁନୀଲ କୁମାର ମହାନ୍ତି ପଞ୍ଚାୟତିରାଜ ବ୍ୟବସ୍ଥା ସାଧାରଣ ଲୋକମାନଙ୍କ ଆଶା ଭରସାର ପ୍ରତୀକ। ଏହା ସାମ୍ବିଧାନିକ ଅଧିକାର ମଧ୍ୟ ବୋଲି କହିଥିଲେ। ରାସ୍ତା ଘାଟ ନିର୍ମାଣ, ଗମନାଗମନ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ପାନୀୟ ଜଳ ଯୋଗାଣ ଇତ୍ୟାଦି ମୌଳିକ ଆବଶ୍ୟକତାକୁ ପୂରଣ ଦିଗରେ ପଞ୍ଚୟତିରାଜ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚୟତିରାଜ ବ୍ୟବସ୍ଥା ପ୍ରଚଳିତ। ପ୍ରତ୍ୟେକଙ୍କ ବିକାଶ ଓ ଉନ୍ନତି ପାଇଁ ଏହା କାର୍ଯ୍ୟ କରୁଛି ବୋଲି ଶ୍ରୀ ମହାନ୍ତି କହିବା ସହ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ହାତେଇବାକୁ ଅନୁରୋଧ କରିଥିଲେ। ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଲା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପୁରୀ ଜିଲ୍ଲାର ୧,୮୫୨ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନର ବ୍ୟବସ୍ଥା ରହିଥିବା ବେଳେ ପୁରୀ ସଦର ବ୍ଲକର ୨୦୬ ଜଣଙ୍କୁ କାର୍ଯ୍ୟାଦେଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ୫ ଜଣଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯାଇଥିଲା। ବଲାଙ୍ଗୀରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସର ସିଧା ପ୍ରସାରଣ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁରୀ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁଲିସର ପ୍ରସ୍ତୁତି ସମୀକ୍ଷା

ପୁରୀ,୨୪।୪(ସମିସ): ଆସନ୍ତା ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ଏହାକୁ ନଜରରେ ରଖି ପୁଲିସ ଆଗୁଆ ପ୍ରସ୍ତୁତ ହେଲାଣି। ବିଶେଷକରି ସୁରକ୍ଷା, ଯାତାୟାତ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆପଦକାଳୀସ ସେବା ସମ୍ପର୍କିତ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ଆଇପିସିଆର୍ ସମୀକ୍ଷା ହୋଇଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ସିଟି ଡିଏସ୍‌ପି ରସ୍ମିରଞ୍ଜନ ମହାପାତ୍ର, ଡିଏସ୍‌ପି ମିସ୍ କଳ୍ପନା କାଉଁରୀ, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ ଓ ଆଇପିସିଆର ଆଇଆଇସି ସସ୍ମିତା ଧଳ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ୧୧୨ ଆପଦକାଳୀନ ସେବା ମନିଟରିଂକୁ ଆହୁରି ସକ୍ରିୟ କରିବା, ସିସିଟିଭି ମାଧ୍ୟମରେ ରିଅଲ ଟାଇମ୍ ନିରୀକ୍ଷଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା, ଶ୍ରୀମନ୍ଦିର ଓ ତାତ୍‌ସଂଲଗ୍ନ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଶେଷ ପ୍ରସ୍ତୁତି, ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ ପ୍ଲାନ ପ୍ରସ୍ତୁତି, ପର୍ଯ୍ୟଟକ ଓ ଭକ୍ତମାନଙ୍କ ସୁରକ୍ଷା ପାଇଁ ପୁଲିସ ପ୍ରେଜେନ୍ସ ବୃଦ୍ଧି, ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ନିଶ୍ଚିତ କରିବା ଲାଗି ଏସ୍‌ପି ଶ୍ରୀ ସିଂ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି କହିଥିଲେ, ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବହୁ ସଂଖ୍ୟକ ଭକ୍ତ ପୁରୀ ଆସିବେ। ତେଣୁ ସମସ୍ତ ବ୍ୟବସ୍ଥାକୁ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ।

## ବାଲ୍ୟ ବିବାହମୁକ୍ତ ଓଡ଼ିଶା ସଚେତନତା ଶିବିର

ପୁରୀ,୨୪।୪(ସମିସ): ବାଲ୍ୟ ବିବାହ ନିଷେଧ ପାଇଁ ଅକ୍ଷୟତୃତୀୟାଠାରୁ ସପ୍ତାହ ବ୍ୟାପୀ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅକ୍ଷୟ ତୃତୀୟା ଅବସରରେ ଯେପରି ବାଲ୍ୟ ବିବାହ ନ ହୁଏ ସେଥିପାଇଁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ର ସ୍ତରରେ କରିବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିକାରୀ, ଗ୍ରାମର ମୁଖ୍ୟ, ୱାର୍ଡ ମେମ୍ବର, ଧର୍ମଯାଜକ, ମନ୍ଦିର ପୂଜକମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା କରାଗଲା।

## ଗ୍ରୀଷ୍ମ ପ୍ରବାହ ଜନିତ ସଚେତନତା ଶିବିର

ପୁରୀ,୨୪।୪(ସମିସ): ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ଜନିତ ସଚେତନତା ଶିବିର ଶୁକ୍ରବାର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସଦର ତହସିଲଦାର ଅଭିଷେକ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ଓ ପରିଦର୍ଶୀକା ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ନିହାତି ଅବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ତରଳ ଜାତୀୟ ଖାଦ୍ୟ ଖାଇବା, ଛତା, ପାଣି ବୋତଲ ଓ ଗାମୁଛା ସାଙ୍ଗରେ ନେବା, ମାଦକ ଦ୍ରବ୍ୟ ସେବନ ନ କରିବା, ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ରସ୍ତରରେ କରିବାକୁ ପରାମର୍ଶ ଦିଆଗଲା

### ସିପିଏସ୍‌ରେ ଭେଷଜ ବିଜ୍ଞାନ ପ୍ରୟୋଗଶାଳା ଉଦ୍‌ଘାଟିତ

## ଜିପିଏଟି ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୪।୪ (ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ (ସିପିଏସ୍)ରେ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଦ୍‌ଘାଟନୀ ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଜଗନ୍ନାଥ ମେଡିକାଲ କଲେଜ ଅଧ୍ୟାପକ ଡା. ଅମରେନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟାପକ ଡ. ଜିତେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାସ, କଲେଜ ଅଧ୍ୟାପକ ଡ. ସନ୍ତୋଷ କୁମାର ମହାପାତ୍ର, ଡ. ଗଣେଷ ଦାଶ ଓ କ୍ଷୀରୋଦ ବିହାରୀ ସାଠୁଆ ଯୋଗଦେଇ କଲେଜର ଫାର୍ମାକଲୋଜି ବିଭାଗର ବହୁ ପ୍ରତିକ୍ଷୀତ (ସେଣ୍ଟର ଫର୍ ସେଲ୍ୟୁଲାର ଆଣ୍ଡ ମଲେକ୍ୟୁଲାର ସ୍କ୍ରିନିଂ) ଔଷଧ ପରୀକ୍ଷଣ କେନ୍ଦ୍ର ଓ ପ୍ରୟୋଗଶାଳାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଉପଲବ୍ଧ ହେଉଥିବା ବିଭିନ୍ନ ଔଷଧ ବିଷୟରେ ଅଧ୍ୟୟନ କରିବା ସହିତ ଏହି ଔଷଧର ସଠିକତା ଏବଂ ଲୋକମାନଙ୍କ ଉପରେ ତାହା କିପରି ପ୍ରଭାବ ପକାଇବ ତାହା ସେମାନେ ପରୀକ୍ଷା ଦ୍ୱାରା ଜାଣିବାକୁ ସକ୍ଷମ ହେବେ। ସେହିପରି ଔଷଧ ପରୀକ୍ଷଣ ଓ ନୂତନ ଔଷଧ ପ୍ରସ୍ତୁତି ପ୍ରଣାଳୀ ଉପରେ ଜ୍ଞାନ ବୃଦ୍ଧିରେ ଉକ୍ତ ପରୀକ୍ଷଣ କେନ୍ଦ୍ର ସହାୟକ ହେବ ବୋଲି ଉପସ୍ଥିତ ଅତିଥି ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ଏଥିସହିତ ବର୍ତ୍ତମାନ ଅଧ୍ୟୟନରତ ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସର୍ବ ଭାରତୀୟ ଜିପିଏଟି (ଗ୍ରାଜୁଏଟ ଫାର୍ମାସୀ ଆପ୍‌ଟିଚ୍ୟୁଡ଼ ଟେଷ୍ଟ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ସମ୍ବିତ୍ ସୁତାର, ଚନ୍ଦନ ଦାସ, ଗଣେଷ ପ୍ରସାଦ ମହାପାତ୍ର, ରୁଦ୍ରପ୍ରତାପ ମହାପାତ୍ର, ମିତେଶ ରଞ୍ଜନ ସାହୁ, ଦୁର୍ଯ୍ୟୋଧନ କିଶାନ ଓ ଛାତ୍ରୀ ଶ୍ରୋତା ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜ୍ଞାପନ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥଲେ। ଏହି ସଭାକାର୍ଯ୍ୟକୁ ଅଧ୍ୟାପିକା ଡ. ରୋଜି ପ୍ରିୟଦର୍ଶିନୀ, ଡ.. ସୁନୀତା ମିଶ୍ର,ର ସହକାରୀ ଅଧ୍ୟାପକ ଅସିତ୍ କୁମାର ଷଡଙ୍ଗୀ, ସିଦ୍ଧେଶ୍ୱର ପାଢୀଯୋଶୀ ଓ ସହକାରୀ ଅଧ୍ୟାପିକା ବିଦୁସ୍ମିତା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଓମ୍ ପ୍ରକାଶ ମିଶ୍ର


ପୁରୀ,୨୪।୪(ସମିସ): ପୁରୀ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର। ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲା ସଂସ୍କୃତି ଭବନରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସରକାରଙ୍କର ପ୍ରତ୍ୟେକ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହାର ସଫଳ ରୂପାୟନ ସହ ଯୋଗ୍ୟ ହିତାଧିକାରୀ ତାହାର ସୁଫଳ ପାଇବା ଉଚିତ। ତେଣୁ ଉପଯୁକ୍ତ ହିତାଧିକାରୀ ଚୟନ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପନ, ମୌଳିକ ଆବଶ୍ୟକତା ପୂରଣ ଓ ସାଧାରଣ ଲୋକମାନଙ୍କ ଅଭିଯୋଗ ଗୁଡ଼ିକର ନିୟମ ଅନୁସାରେ ତ୍ୱରିତ ସମାଧାନ ପାଇଁ ଅଧ୍ୟକ୍ଷ ଶ୍ରୀ ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶାସନ ସେତୁ ସଦୃଶ୍ୟ।

**ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସହଯୋଗ ଲୋଡ଼ିଲେ**

ଏହା ଯେତେ ମଜଭୁତ୍ ହେବ ବିକାଶ ସେତିକି ତ୍ୱରାନ୍ୱିତ ହେବ। ସରକାର ପୁରୀ ଜିଲ୍ଲା ପାଇଁ ଅନେକ ବୃହତ ପ୍ରକଳ୍ପ କରୁଛନ୍ତି। ବିମାନ ବନ୍ଦର ମଧ୍ୟ କରାଯାଉଛି। ତେଣୁ ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ଉଦ୍ୟମରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରାଯିବାରେ ପୁରୀ ଜିଲ୍ଲାକୁ ଆଗାମୀ ମାର୍ଚ୍ଚ ସୁଦ୍ଧା ପ୍ରଥମ ୭ଟି ସ୍ଥାନରେ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରି ନିଜର ପରିଚୟ ସୃଷ୍ଟି ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ଜିଲ୍ଲାର ପ୍ରଗତି ଓ ବିକାଶରେ ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସାମୂହିକ ଉଦ୍ୟମରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ପୁରୀ ଡିଏଫ୍‌ଓ ଧନଜି ରାଓସୋ ମଗର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମ୍ୟୁନିସିପାଲ କର୍ପୋରେସନର କମିଶନର ସ୍ନେହା ଅରୁଗୁଲା, ଚିଲିକା ଡିଏଫ୍‌ଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ପରିଚୟ ଓ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।
- ପ୍ଲାଟୋ

## ଗଣତନ୍ତ୍ରର କଳଙ୍କ

ରାଜ୍ୟସଭାରେ ଭାରତୀୟ ଗଣତନ୍ତ୍ର ଇତିହାସରେ ଆଉ ଏକ କଳଙ୍କିତ ଅଧ୍ୟାୟ ଲେଖାହୋଇଛି। ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ରାଜ୍ୟସଭାରେ ପୂର୍ବତନ ଉପନେତା ରାଘବ ଚଡ୍ଢାଙ୍କ ସମେତ ୭ ଜଣ ରାଜ୍ୟସଭା ସାଂସଦ ଦଳ ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନତା ଅଧିକାର ଆଧାରରେ ସେମାନଙ୍କ ନିଷ୍ପତ୍ତିକୁ କେହି ଆହ୍ୱାନ ଦେଇପାରିବେ ନାହିଁ। କିନ୍ତୁ ସେମାନେ କିମ୍ବା ସେମାନଙ୍କ ନିଷ୍ପତ୍ତିର ସମର୍ଥକମାନେ ଭୁଲିଯିବା ଉଚିତ ନୁହେଁ ଯେ ସେମାନେ ପ୍ରତ୍ୟକ୍ଷ ଭାବେ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ନଥିଲେ, ବରଂ ନିର୍ବାଚିତ ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ। ତେଣୁ ରାଜ୍ୟସଭା ସଦସ୍ୟତା ପରିବର୍ତ୍ତନ ସେମାନଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ କିମ୍ବା ଅଧିକାର ହୋଇ ନ ପାରେ। ଯେଉଁ ଦଳ ଦ୍ୱାରା ନିର୍ବାଚିତ ହୋଇ ସାଂସଦ ପଦ ହାସଲ କରିଥିଲେ ପ୍ରଲୋଭନ ବା ଘୋଡ଼ାବେପାରର ମୋହରା ସାଜି ସେହି ଦଳ ତ୍ୟାଗ କରିବା ବିଶ୍ୱାସଘାତକ ପଦବାଚ୍ୟ।

ଆପ୍ ସାଂସଦ ରାଘବ ଚଡ୍ଢା, ସନ୍ଦୀପ ପାଠକ, ହରଭଜନ ସିଂହ, ସ୍ୱାତି ମାଲିୱାଲ୍, ଅଶୋକ ମିତ୍ତଲ(ରାଘବ ଚଡ୍ଢାଙ୍କ ସ୍ଥାନରେ ରାଜ୍ୟସଭା ଉପନେତା ଭାବେ ନିଯୁକ୍ତ), ବିକ୍ରମ ସାହାଣେ ଓ ରାଜେନ୍ଦ୍ର ଗୁପ୍ତାଙ୍କ ପଦକ୍ଷେପ ଓ ଦଳବଦଳ ନିଷ୍ପତ୍ତି ଦଳବଦଳ ଆଇନର ବିରୁଦ୍ଧାଚରଣ କରୁ ନ ଥିଲେ ହେଁ ଗଣତନ୍ତ୍ରର ସୁସ୍ଥ ଭାବନା, ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ପରମ୍ପରାକୁ ଉପହସିତ କରିଛି। ୨୦୨୪ ନିର୍ବାଚନ ପରେ ଗଣତନ୍ତ୍ରର ଏଭଳି ବିଡ଼ମ୍ବିତ ଧାରା ଅଧିକ ବେଗଗାମୀ ହୋଇଛି। ବିଜେଡି ବିଧାୟକଙ୍କ ଦ୍ୱାରା ରାଜ୍ୟସଭାକୁ ନିର୍ବାଚିତ ମମତା ମହନ୍ତ ୨୦୨୪ ଜୁଲାଇ ୩୧ ତାରିଖରେ ଅଚାନକ ସାଂସଦ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ସହିତ ଏହି ଧାରା ଆରମ୍ଭ ହୋଇ ଏବେ 'ଆପ୍' ପାଖରେ ପହଞ୍ଚିଛି। ଜଣାନାହିଁ ଏହି ଅନୈତିକ ରାଜନୈତିକ ଧାରାର ପ୍ରଖରତା ଆହୁରି କେତେ ଦଳ ଓ ଜନବିଶ୍ୱାସକୁ ବିଲୀନ କରିଚାଲିବ। ମମତାଙ୍କ ପରେ ପରେ ୨୦୨୪ ସେପ୍ଟେମ୍ବର ମାସରେ ବିଜେଡିର ରାଜ୍ୟସଭା ସାଂସଦ ସୁଜିତ କୁମାର ସମାନ ଧାରାରେ ରାଜ୍ୟସଭା ପଦରୁ ଇସ୍ତଫା ଦେଇ ପୁଣି ଥରେ ଓଡ଼ିଶା ବିଧାନସଭାର ବିଜେପି ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହେଲେ।

'ଆଜି ଇସ୍ତଫା କାଲି ନିର୍ବାଚନ' କିମ୍ବା 'ଦଳବଦଳ'ର ସ୍ୱାର୍ଥାନ୍ୱେଷୀ କୌଶଳରେ ରାଜ୍ୟସଭାରେ ଶାସକ ଦଳର ସଂଖ୍ୟା ବୃଦ୍ଧି ପାଇଛି ସତ, କିନ୍ତୁ ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାର ଇତିହାସରେ ଗୋଟିଏ ପରେ ଗୋଟିଏ କଳଙ୍କର ଅଧ୍ୟାୟ ଲେଖା ହୋଇଯାଉଛି। ୨୦୨୪ରେ ବିଜେଡି ଦ୍ୱାରା ନିର୍ବାଚିତ ଦୁଇ ରାଜ୍ୟସଭା ସାଂସଦଙ୍କ ଇସ୍ତଫା ଓ ବିଜେପିରେ ଯୋଗଦାନ ପରେ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର କଂଗ୍ରେସର ଦୁଇ ରାଜ୍ୟସଭା ସାଂସଦ ସମାନ ଢଙ୍ଗରେ ଇସ୍ତଫା ଦେଇ ଟିଡିପି ପ୍ରାର୍ଥୀ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ୨୦୧୯ ମସିହାରେ ଟିଡିପିର ୬ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ଚାରି ଜଣ ସିବିଆଇ ଓ ଇଡି କୋପରୁ ବର୍ତ୍ତିବା ପାଇଁ ବିଜେପିରେ ଯୋଗ ଦେଇଥିଲେ। ଏସବୁ ଘଟଣା ମଧ୍ୟ ଦଳବଦଳ ନିରୋଧ ଆଇନ ସମ୍ମତ ଥିଲା। ସଦ୍ୟତମ ବିଜେପିରେ ଯୋଗ ଦେଇଥିବା ଆପ୍ ସାଂସଦ ଅଶୋକ ମିତ୍ତଲ୍‌ଙ୍କ ଆବାସିକ ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଇଡି ଚଢ଼ଉ ହେବା ଏବଂ ତାହାର ମାତ୍ର ୧୦ଦିନ ଭିତରେ ସେ ଦଳ ବଦଳାଇ ବିଜେପିରେ ଯୋଗ ଦେବା ଯେ ଆଦୌ କାକତାଳିକ ହୋଇ ନ ପାରେ ସେହି ଚର୍ଚ୍ଚା ଆରମ୍ଭ ହୋଇଛି ଏବଂ ପୁଣି ଥରେ ଇଡିର ଭୂମିକା ଓ ଅଧିକାର ସମାଲୋଚିତ ହୋଇଛି।

ସ୍ୱାଧୀନୋତ୍ତର ଭାରତର ଦୀର୍ଘ ପ୍ରାୟ ୭୪ ବର୍ଷର ଲମ୍ବା ରାଜନୈତିକ ଇତିହାସରେ 'ଘୋଡ଼ା ବେପାର' ଯୋଗୁଁ କେତେ ଯେ ସରକାର ଓ ଦଳ ଭାଙ୍ଗିଛି, ରାଜନୈତିକ ଅସ୍ଥିରତା ଓ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଛି ତାହାର ତାଲିକା ବହୁତ ଦୀର୍ଘ। କ୍ଷମତାସୀନ ଦଳ ନିଜ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କଳକୌଶଳ ଆପଣେଇବା ଗର୍ହିତ ନୁହେଁ। କିନ୍ତୁ ତାହା ଯଦି ସାମ୍ବିଧାନିକ ମୂଲ୍ୟବୋଧର ପରିପନ୍ଥୀ ହୁଏ ତେବେ ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ଲେଖି ହୋଇଯାଏ। ଏବେ ସେହି ଧାରାର ପ୍ରଖରତା ଦେଖିବାକୁ ମିଳୁଛି। ଏ କଥା କିନ୍ତୁ ଯେ କେହି ସ୍ୱୀକାର କରିବାକୁ ବାଧ୍ୟ ଯେ ଏଭଳି ଦଳବଦଳ ବା ଘୋଡ଼ାବେପାର ଯୋଗୁଁ ଭୋଟରଙ୍କ ବିଶ୍ୱାସ ଉପରେ ଶକ୍ତ ଆଘାତ ଲାଗିଛି, ଗଣତନ୍ତ୍ର ଉପରେ ଆସ୍ଥା ଓ ଭରସା ଦୁର୍ବଳ ହୋଇଛି। 'ଘୋଡ଼ା ବେପାର'ରେ ପବିତ୍ର ଗଣତାନ୍ତ୍ରିକ ରାଜନୀତିର ମାନ, ସମ୍ମାନ, ମର୍ଯ୍ୟାଦା ଓ ଗୌରବ କ୍ଷତାକ୍ତ ହୋଇଥିଲେ ହେଁ ସେଥିରେ ସମ୍ପୃକ୍ତ ରାଜନେତାମାନେ ବିବେକ ଦଂଶନରେ କ୍ଷତାକ୍ତ ହେଉନାହାନ୍ତି, ବରଂ ଆର୍ଥିକ ଓ କ୍ଷମତା ଦୌଡ଼ରେ ଲାଭାନ୍ୱିତ ହୋଇଛନ୍ତି।

ଦୁଇ-ତୃତୀୟାଂଶ ସଦସ୍ୟ ଯଦି କୌଣସି ଦଳ ତ୍ୟାଗ କରନ୍ତି କିମ୍ବା ନୂଆ ଦଳ ଗଠନ କରନ୍ତି କିମ୍ବା ଦଳ ତ୍ୟାଗ କରନ୍ତି ତେବେ ସେମାନଙ୍କ ସଦସ୍ୟତା ଆଇନତଃ ରଦ୍ଦ ହେବ ନାହିଁ। ଆଇନର ଏହି ଫାଙ୍କ ଦେଇ 'ଆପ୍' ସାଂସଦମାନେ ବିଜେପିରେ ଯୋଗ ଦେଇଛନ୍ତି। କାଲି ଯଦି ଜନତା ଦରବାରରେ ସେମାନେ ହାଜିର ହୁଅନ୍ତେ ତେବେ ଏକ ସାଧାରଣ ଓ ସାମାନ୍ୟ ପ୍ରଶ୍ନଟିଏର ସମ୍ମୁଖୀନ ନିଶ୍ଚୟ ହୁଅନ୍ତେ ଯେ ଯେଉଁ ଦଳର ନୀତି ଓ ଆଦର୍ଶକୁ ଗତକାଲି ପର୍ଯ୍ୟନ୍ତ ତୀବ୍ର ସ୍ୱରରେ ଗୃହ ଭିତରେ ସମାଲୋଚନା କରୁଥିଲେ ଆଜି ସେହି ଦଳ ଏବଂ ତା'ର ନୀତି ଓ ଆଦର୍ଶ ଏତେ ପ୍ରିୟ ଓ ଗ୍ରହଣୀୟ ହୋଇଗଲା କିପରି? ବିବେକ ଓ ମାନସମ୍ମାନ ହୀନ ଏଭଳି ଦୋମୁହାଁ ବ୍ୟକ୍ତିତ୍ୱ ପାଇଁ ଏ ସବୁ ପ୍ରଶ୍ନ ମୂଲ୍ୟହୀନ। ଏହି ସାତଜଣ ସାଂସଦଙ୍କୁ ପଞ୍ଜାବ କେବେ ବି କ୍ଷମା ଦେବ ନାହିଁ ବୋଲି 'ଆପ୍' କହିଛି। କିନ୍ତୁ ଗଣତନ୍ତ୍ରର ଏହି କଳଙ୍କମାନଙ୍କୁ ଗଣତନ୍ତ୍ର ମଧ୍ୟ କେବେ କ୍ଷମା ଦେବ ନାହିଁ। ●

## ଘରୋଇ ବିଦ୍ୟାଳୟ ମୋହ ଓ ସମାଜ ବିଜ୍ଞାନ

**ଡକ୍ଟର ଅବଶ ପରିଡ଼ା**

ଘରୋଇ ବିଦ୍ୟାଳୟଗୁଡ଼ିକ ଅଭିଭାବକଙ୍କୁ ଅତ୍ୟଧିକ ଆର୍ଥିକ ଚାପ ଦେଉଥିବା ଅଭିଯୋଗ ଆଧାରିତ ଖବରମାନ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାସତ୍ତ୍ୱେ କିଛି ଘରୋଇ ବିଦ୍ୟାଳୟରେ ନାମଲେଖା ପାଇଁ ଅଭିଭାବକଙ୍କ ମଧ୍ୟରେ ସାଂଘାତିକ ପ୍ରତିଯୋଗିତା ହେଉଥିବା ଦେଖାଯାଉଛି। ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ, ଅଭିଭାବକଙ୍କ ସ୍ୱପ୍ନ ଓ କିଛି ନିର୍ଦ୍ଦିଷ୍ଟ ବିଦ୍ୟାଳୟମାନଙ୍କରେ ପଢ଼େଇବାର ଆସକ୍ତି ମଧ୍ୟରେ ଘରୋଇ ନାମଲେଖା ଗତିଶୀଳ ହେଉଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ ଗତ ପାଞ୍ଚବର୍ଷରେ ପଚାଶରୁ ଅଶୀ ପ୍ରତିଶତ ବିଦ୍ୟାଳୟ ଫି' ବୃଦ୍ଧି ସତ୍ତ୍ୱେ ଭାରତରେ ଘରୋଇ ବିଦ୍ୟାଳୟରେ ପିଲାଙ୍କ ନାମଲେଖା ସଂଖ୍ୟା ଆଶାଧିକ ବୃଦ୍ଧି ପାଇଛି।

ଉଚ୍ଚଶ୍ରେଣୀର ବିଦ୍ୟାଳୟ, ଏଲିଟ୍ ବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଦ୍ୟାଳୟ ଇତ୍ୟାଦି ବର୍ଗୀକରଣରେ ଘରୋଇ ବିଦ୍ୟାଳୟ ବିଭାଜିତ। ଏହିସବୁ ବିଦ୍ୟାଳୟ ହେଉଛି ସବୁଠାରୁ ମହଙ୍ଗା ବର୍ଗ। ବାର୍ଷିକ ଦୁଇଲକ୍ଷରୁ ଦଶଲକ୍ଷ ପର୍ଯ୍ୟନ୍ତ ଏହାର ଫି'। କହିବାକୁ ଗଲେ ଏଗୁଡ଼ିକ କେବଳ ବିଦ୍ୟାଳୟ ନୁହେଁ, ବରଂ ଉଚ୍ଚବର୍ଗର ସାମାଜିକ ପରିସଂସ୍ଥା। ଦାମୀ କାର ଓ ଘର ଭଳି ଏହି ଉଚ୍ଚ ଶ୍ରେଣୀର ଘରୋଇ ବିଦ୍ୟାଳୟରେ ବ୍ରୋକର ବା ଦଲାଲମାନେ ସମ୍ପୃକ୍ତ। ସେଠାରେ ସିଟ୍ ବିକ୍ରି ହୁଏ ଏବଂ ଦରକାର ପଡ଼ିଲେ ସିଟ୍ ନିଲାମ ହୁଏ ବୋଲି ଅଭିଯୋଗ ହେଉଛି। ସୀମିତ ସିଟ୍ ଯୋଗୁଁ ଅଧିକ ଟଙ୍କା ସହିତ ପ୍ରଭାବ, କ୍ଷମତା ଓ ସୁପାରିସ ସବୁ ଯୋଗାଡ଼ି ପାରିଲେ ନାମଲେଖା ମିଳିପାରେ। ଯୁକ୍ତି ଆସିପାରେ ଯେ ଗୁଣାତ୍ମକ ସୁବିଧା, ଉନ୍ନତ ଭିତ୍ତିଭୂମି, କମ୍ ବିଦ୍ୟାର୍ଥୀ-ଶିକ୍ଷକ ଅନୁପାତ ସହିତ ଭବିଷ୍ୟତର ଚାକିରି ଏବଂ ବିଶ୍ୱସ୍ତରୀୟ ଶିକ୍ଷା ଗତିଶୀଳତା ଭଳି ଉପାଦାନ ଯୋଗୁଁ ଏହା ମହଙ୍ଗା ଓ ଦୁର୍ଲଭ। ମାସକୁ ଦୁଇ ହଜାର ଓ ମାସକୁ ତିରିଶି ହଜାରର ବିଦ୍ୟାଳୟ ଦେୟରେ ଶିକ୍ଷଣ ଫଳାଫଳର ଫରକ ଅଛି ବୋଲି ଅଭିଭାବକ ଦୃଢ଼ୋକ୍ତି କରନ୍ତି।

କେବଳ ଗୁଣାତ୍ମକ ଶିକ୍ଷା ଓ ସରକାରୀ ବିଦ୍ୟାଳୟର ନକାରାତ୍ମକ ବିନ୍ଦୁ ଘରୋଇ ବିଦ୍ୟାଳୟରେ ନାମଲେଖା ପାଇଁ ଉତ୍ସୁକତା ପଛରେ ଶକ୍ତ ଯୁକ୍ତି ନୁହେଁ। ଉଚ୍ଚଶ୍ରେଣୀର ବିଦ୍ୟାଳୟ ସହ ସାମାଜିକ ପ୍ରତିଷ୍ଠା ମଧ୍ୟ ଯୋଡ଼ି ହୋଇଯାଇଛି। ଯେହେତୁ ମଧ୍ୟବିତ୍ତ ପରିବାର ସର୍ବଦା ସାମାଜିକ ସିଡ଼ି ଚଢ଼ିବା ପାଇଁ ସ୍ୱପ୍ନ ଦେଖେ, ଉଚ୍ଚଶ୍ରେଣୀ ବିଦ୍ୟାଳୟରେ ନାମଲେଖା ସେମାନଙ୍କ ପାଇଁ ଏହି ସୁଯୋଗ ଓ ସମ୍ଭାବନା ଆଣିଦିଏ ବୋଲି ସମାଜବିଜ୍ଞାନୀମାନେ ମତ ଦିଅନ୍ତି। ପାରମ୍ପରିକ ମତରେ ଉଭୟ ଉତ୍ତମ ଶିକ୍ଷା ଓ ଭଲ ଆୟ ବ୍ୟକ୍ତିଙ୍କୁ ସାମାଜିକ ପରିଚୟ ସହ ଆତ୍ମସନ୍ତୋଷ ଏବଂ ସମ୍ପୂର୍ଣ୍ଣତାର ଅନୁଭବ ଦିଏ। କିନ୍ତୁ ସଦ୍ୟ ସମାପ୍ତ ଏକ ସାମାଜିକ-ଅର୍ଥନୈତିକ ପ୍ୟାନେଲ ଅଧ୍ୟୟନ ବିପରୀତ କଥା କୁହେ। ଶିକ୍ଷା ଓ ଆୟରୁ ମିଳୁଥିବା ସଫଳତା ଏବେ ସମ୍ପୂର୍ଣ୍ଣ ସନ୍ତୋଷ ଦେଉ ନାହିଁ। ବରଂ ଏହାର ଆପେକ୍ଷିକ ସ୍ଥିତି ଓ ତୁଳନାତ୍ମକ ବିଶ୍ଳେଷଣ ଲୋକଙ୍କୁ ବିଶେଷ ସନ୍ତୋଷ ଦେଉଛି। ତେବେ ପ୍ରଶ୍ନ ଆସିପାରେ ଯେ ସାମାଜିକ ପ୍ରତିଷ୍ଠା କ'ଣ ଅଧିକାଂଶ ଲୋକ ହାସଲ କରୁଥିବା ବିଳାସପୂର୍ଣ୍ଣ ଜିନିଷରେ ଅଛି ନା ଅଳ୍ପ ଲୋକଙ୍କୁ ମିଳୁଥିବା ଦୁର୍ଲଭ ଏବଂ ସୀମିତ ଜିନିଷରେ ଅଛି?

ଏହି ପରିପ୍ରେକ୍ଷୀରେ ସମାଜବିଜ୍ଞାନରେ ସ୍ଥିତିଗତ ସାମଗ୍ରୀ(ପୋଜିସନାଲ ଗୁଡସ୍)ର ବର୍ଣ୍ଣନା ଅଛି। ସ୍ଥିତିଗତ ସାମଗ୍ରୀ ବିଳାସପୂର୍ଣ୍ଣ ସାମଗ୍ରୀ ନୁହେଁ। ବିଭିନ୍ନ ଆର୍ଥିକ ଓ ସାମାଜିକ ବୈଶିଷ୍ଟ୍ୟ ଦ୍ୱାରା ଉଭୟ ପରିଭାଷିତ ହୋଇଥା'ନ୍ତି। ସଂକ୍ଷେପରେ, ବିଳାସ ହେଉଛି ଗୁଣବତ୍ତା ଓ ଆୟ ଆଧାରିତ। କିନ୍ତୁ ସ୍ଥିତିଗତତା ହେଉଛି ଅଭାବ ଓ ଆପେକ୍ଷିକ ସ୍ଥିତି ଦ୍ୱାରା ପରିଚାଳିତ। ବୁଝିବା ପାଇଁ ଗୋଟିଏ ଉଦାହରଣ ଦେଉଛି। ମର୍ସିଡିଜ୍-ବେଞ୍ଜ ଇ-କ୍ଲାସ୍ ଏକ ବିଳାସପୂର୍ଣ୍ଣ କାର, ଯାହାକୁ ଧନୀ ଲୋକ ବ୍ୟବହାର କରିପାରିବେ। କିନ୍ତୁ ରୋଲ୍ସ-ରଏସ୍ ଫାଣ୍ଟମ୍ ହେଉଛି ଏକ ସ୍ଥିତିଗତ କାର, ସବୁ ଧନୀ ଏହାକୁ ବ୍ୟବହାର କରିପାରିବେ ନାହିଁ। ସମାଜଶାସ୍ତ୍ରୀ ଫ୍ରେଡ୍ ହିର୍ଶଙ୍କ ମତରେ ସ୍ଥିତିଗତ ସାମଗ୍ରୀ ଏପରି ଜିନିଷ, ଯାହାର ମୂଲ୍ୟ ଉପଯୋଗିତାରୁ ନୁହେଁ, ବରଂ ସେମାନଙ୍କର ଅଭାବ ଓ ସାମାଜିକ ସ୍ଥିତିରୁ ଆସିଥାଏ। ସ୍ଥିତିଗତ ସାମଗ୍ରୀର ବ୍ୟବହାର ଦ୍ୱାରା ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଓ ସାମାଜିକ ପଦବୀ ସୃଷ୍ଟି ହୁଏ। ଉଦାହରଣ ଭାବେ ନେଇଥିବା ଉଚ୍ଚ ଶ୍ରେଣୀର ଘରୋଇ ବିଦ୍ୟାଳୟର ଦେୟ ଏହାର ସ୍ୱତନ୍ତ୍ରତାରେ ନିହିତ ଅଛି। ଏହାର କାରଣ ହେଉଛି ଶିକ୍ଷା ସମସ୍ତଙ୍କ ଅଧିକାର, କିନ୍ତୁ ସମସ୍ତେ ଶିକ୍ଷା ପାଇଁ ସେହି ବିଦ୍ୟାଳୟରେ ପାଠ ପଢ଼ିପାରିବେ ନାହିଁ।

ତେଣୁ କେବଳ 'ଉତ୍ତମ' କିମ୍ବା ଅଧିକ ସ୍ୱତନ୍ତ୍ର ଶିକ୍ଷା ଏକ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରେ। ଏହା ଶିକ୍ଷାକୁ 'ଅସ୍ତ୍ର ଦୌଡ଼'ରେ ପରିଣତ କରିସାରିଛି। ସମ୍ଭବତଃ ସେଥିପାଇଁ ଦାମିକା ବିଦ୍ୟାଳୟ ଭଳି ସୀମିତ ଓ ଦୁର୍ଲଭ ସମ୍ବଳ ବ୍ୟବହାର କରିବା ମଧ୍ୟ ଏକ ନୂତନ ସାମାଜିକ ପ୍ରତିଷ୍ଠା ହୋଇସାରିଛି। 'ଶିକ୍ଷାଗତ ଅସ୍ତ୍ର ଦୌଡ଼'(ଏଜୁକେସନାଲ୍ ଆର୍ମ ରେସ୍) ଉପରେ ହୋଇଥିବା ଏକ ଅଧ୍ୟୟନ କୁହେ ଯେ 'ଛାୟା ଶିକ୍ଷା'(କୋଚିଂ ଓ ଟ୍ୟୁସନ) ପାଇଁ ଅଭିଭାବକମାନେ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହାର ପ୍ରଥମ କାରଣ ହେଉଛି ନାମୀଦାମୀ ଓ ଉଚ୍ଚବର୍ଗର ଶିକ୍ଷାନୁଷ୍ଠାନରେ ନାମଲେଖା ହୋଇପାରିବ। ଅନ୍ୟଟି ହେଉଛି ପିଲାମାନଙ୍କୁ ଏକ ଆପେକ୍ଷିକ ଲାଭ ପାଇବା ପାଇଁ ନିଶ୍ଚିତ ଭିତ୍ତିଭୂମି ଯୋଗାଇବ। ଏହି ପ୍ରତିଯୋଗିତାମୂଳକ ଆଚରଣ ସାମାଜିକ ଦୃଷ୍ଟିକୋଣରୁ ଅପଚୟଜନକ ଲାଗିପାରେ; କିନ୍ତୁ ଅଭିଜିତ ସ୍ଥିତି ଖୋଜୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଯୁକ୍ତିଯୁକ୍ତ।

ଏଠାରେ ଜାଣି ରଖିବାକୁ ହେବ ଯେ ଚତୁରତାର ସହ ସ୍ଥିତିଗତ ସାମଗ୍ରୀ ଏକ ସାମାଜିକ ସଙ୍କେତ(ସୋସିଆଲ୍ ସିଗ୍‌ନାଲ୍) ସୃଷ୍ଟି କରେ। ଏହାର ଅର୍ଥ ହେଉଛି, ଏହି ସାମଗ୍ରୀ ମାଧ୍ୟମରେ ବ୍ୟକ୍ତି ନିଜର ସ୍ଥିତି, ପରିଚୟ କିମ୍ବା ସଫଳତାର ବାର୍ତ୍ତା ଅନ୍ୟକୁ ଦିଏ। ଗବେଷକ କାର୍ଲସନ୍, ଜୋହାନସନ୍-ଷ୍ଟେନମ୍ୟାନ୍ ଓ ମାର୍ଟିନ୍ସନ୍‌ଙ୍କ ଦ୍ୱାରା ହୋଇଥିବା ଏକ ସାମାଜିକ ସର୍ବେକ୍ଷଣ ଦର୍ଶାଉଛି ଯେ ଲୋକମାନେ ବିଶେଷକରି ଗାଡ଼ି ଓ ଘର ଭଳି ଦୃଶ୍ୟମାନ ସାମଗ୍ରୀକୁ ଦେଖାଣିଆ କରିବାକୁ ଭଲ ପାଆନ୍ତି। କିନ୍ତୁ ଆଧୁନିକ ଡିଜିଟାଲ ସାମାଜିକ ଜୀବନରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଛୁଟି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଯୁବପିଢ଼ି ଓ ପରିଚୟ ଉପରେ ହୋଇଥିବା ଅନ୍ୟ ଏକ ଅଧ୍ୟୟନ କୁହେ ଯେ ତିରିଶ ପ୍ରତିଶତ ଯୁବବର୍ଗଙ୍କ ମତରେ ଦାମୀ ଶିକ୍ଷାନୁଷ୍ଠାନ, ପୋଷାକ ଓ ଜୀବନଶୈଳୀ ମାଧ୍ୟମରେ ସାମାଜିକ ପ୍ରତିଷ୍ଠା ଓ ପରିଚୟ ଆଣିହେବ। ଏହାବ୍ୟତୀତ ସାମାଜିକ ସଙ୍କେତ ଦ୍ୱାରା ସାମାଜିକ ପଦାନୁକ୍ରମ ଓ ସାମାଜିକ ତୁଳନା ମଧ୍ୟ ବ୍ୟାପକ ହୁଏ, ଯେଉଁଠି ନିରପେକ୍ଷ ସଫଳତା ଅପେକ୍ଷା ତୁଳନାତ୍ମକ ସଫଳତାକୁ ଅଧିକ ଗୁରୁତ୍ୱ ମିଳେ। ତୁଳନାତ୍ମକ ସଫଳତା ପାଇଁ ସ୍ଥିତିଗତ ସାମଗ୍ରୀର ଉପସ୍ଥିତି ଜରୁରୀ। ଏକ ଭଲ ପାଠ ପଢ଼ା ହେଉଥିବା ସାଧାରଣ ବିଦ୍ୟାଳୟ ବନାମ ଡୁନ୍ ଭଳି ବିଦ୍ୟାଳୟ ମଧ୍ୟରେ ପ୍ରଭେଦ ହେଉଛି ତୁଳନାତ୍ମକ ସଫଳତାର ଉଦାହରଣ। ଏହାବ୍ୟତୀତ ସାଂସ୍କୃତିକ ଓ ଗଣମାଧ୍ୟମ ଚାପ, ସାମାଜିକ ଆଶା ସହିତ ଆକାଂକ୍ଷୀ ଜୀବନଶୈଳୀ ନାମରେ ସ୍ଥିତିଗତ ସାମଗ୍ରୀର ବ୍ୟବହାର ବଢ଼ି ଚାଲୁଛି।

ସ୍ଥିତିଗତ ସାମଗ୍ରୀ ସାମାଜିକ ଅସମାନତାକୁ ପ୍ରୋତ୍ସାହନ ଦେଉଛି। ଯେହେତୁ ସ୍ଥିତିଗତ ସାମଗ୍ରୀ କୃତ୍ରିମ ଅଭାବରୁ ସୃଷ୍ଟି ହୁଏ ତେଣୁ କେବଳ ସୀମିତସଂଖ୍ୟକ ଲୋକ ଯେମିତି ଏହାକୁ ବ୍ୟବହାର କରିବା ଭଳି ସାମାଜିକ ପରିସ୍ଥିତି ମଧ୍ୟ ଉତ୍ପନ୍ନ ହୁଏ। ଭାରତରେ ସାର୍ବଜନୀନ ଭାବରେ ଉଦ୍ଦିଷ୍ଟ ଥିବା ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରାୟତଃ ସ୍ଥିତିଗତ ସାମଗ୍ରୀ ଭାବରେ ଅଧିକ କାର୍ଯ୍ୟ କରେ। ବିଡ଼ମ୍ବନା ଯେ ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇ ଓ ଦାମୀ ବିକଳ୍ପଗୁଡ଼ିକୁ ସାମାଜିକ ପ୍ରତିଷ୍ଠାର ପ୍ରତୀକ ଭାବରେ ବିବେଚନା କରାଯାଉଛି। ଏହି ସେବାଗୁଡ଼ିକ ନିମ୍ନ-ଆୟ ଗୋଷ୍ଠୀ ପାଇଁ ଏକ ପ୍ରତିବନ୍ଧିତ କ୍ଷେତ୍ର। ଉଦାହରଣ ସ୍ୱରୂପ, ପ୍ରାୟ ୬୦% ଭାରତୀୟ ଗ୍ରାମୀଣ ପରିବାର ନିଜ ପିଲାର ବର୍ଦ୍ଧିତ ଘରୋଇ ସ୍କୁଲ ଫି' ଦେଇପାରୁନାହାନ୍ତି। ଅନ୍ୟପଟେ ଘରୋଇ ଅନୁଷ୍ଠାନମାନଙ୍କର ସାମାଜିକ ଯୁକ୍ତି ହେଉଛି ଯେ ଏ ସବୁ ସଂରଚନାତ୍ମକ ଅସମାନତା ନୁହେଁ। କାରଣ ଯେଉଁଠି ଗୁଣବତ୍ତା, ସେଇଠି ପ୍ରତିଯୋଗିତା ଏବଂ ପ୍ରତିଯୋଗିତା ହିଁ ପ୍ରତିଷ୍ଠା ଆଣେ। କିନ୍ତୁ ଏହା ଧ୍ରୁବ ସତ୍ୟ ଯେ ଶିକ୍ଷାକୁ ଏକ ପ୍ରତିଯୋଗିତାମୂଳକ ଘରୋଇ ଉତ୍ପାଦ ଭାବରେ ଦେଖିବା ଦ୍ୱାରା ଅସମାନତା ବୃଦ୍ଧି ପାଉଛି। ତେଣୁ ସ୍ଥିତିଗତ ଘରୋଇ ଶିକ୍ଷାର ପ୍ରଭାବକୁ ହ୍ରାସ କରିବାକୁ ହେଲେ ଶିକ୍ଷାକୁ ସୁଲଭ ଓ ସାମୂହିକ କରିବା ଜରୁରୀ। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଟ୍ରମ୍ପଙ୍କ ଅବୁଝା କୂଟନୀତି ଓ ବିଶ୍ୱ ରାଜନୀତି

**ଦେବଦତ୍ତ ଦାଶ**

ଜନ୍ମସିଦ୍ଧ ନାଗରିକତ୍ୱ ଓ ଅଭିବାସନ ପ୍ରସଙ୍ଗରେ ଭାରତ ଓ ଚୀନ୍‌କୁ 'ନର୍କ' ବୋଲି ବର୍ଣ୍ଣନା କରୁଥିବା ଏକ ବିବାଦୀୟ ପୋଡକାଷ୍ଟକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନଃପୋଷ୍ଟ କରିବାର କିଛିଘଣ୍ଟା ମଧ୍ୟରେ ଏକ କୂଟନୈତିକ ବିବାଦ ସୃଷ୍ଟି ହୋଇଛି। ଗତ ୨୩ ତାରିଖର ଏହି 'ପୋଷ୍ଟ'ରେ ଦାବି କରାଯାଇଛି ଯେ ଏହି ଦୁଇଦେଶରୁ ଆସୁଥିବା ପ୍ରବାସୀମାନେ ଆମେରିକାର ଆଇନର ଅପବ୍ୟବହାର କରୁଛନ୍ତି। ଭାରତରେ ବିରୋଧୀ ଦଳର ନେତାମାନେ ଏହାକୁ 'ଅତ୍ୟନ୍ତ ଅପମାନଜନକ' ବୋଲି କହିଥିବା ବେଳେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସତର୍କତାର ସହ ପ୍ରତିକ୍ରିୟା ରଖିଛି। ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ ତୁରନ୍ତ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରିବାକୁ ଯାଇ କହିଛି ଯେ ଟ୍ରମ୍ପ ବାରମ୍ବାର ଭାରତକୁ ଏକ 'ମହାନ ଦେଶ' ବୋଲି କହିଆସିଛନ୍ତି, ଯାହାର ଶୀର୍ଷରେ ଜଣେ ଘନିଷ୍ଠ ବନ୍ଧୁ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ) ଅଛନ୍ତି।

୨୦୨୫ ଜାନୁଆରୀରେ ହ୍ୱାଇଟ ହାଉସକୁ ଫେରିବାର ମାତ୍ର ୧୬ ମାସ ମଧ୍ୟରେ ଟ୍ରମ୍ପ ବିଶ୍ୱ ରାଜନୀତିକୁ ବିରାଟ ପ୍ରତିଶ୍ରୁତି, ହଠାତ୍ ଧମକ ଓ ସର୍ବସାଧାରଣରେ ନିଷ୍ପତ୍ତି ପରିବର୍ତ୍ତନ ଦ୍ୱାରା 'ଆମେରିକାର କୂଟନୀତି'କୁ 'ଟ୍ରମ୍ପ-ନୀତି'ରେ ପରିଣତ କରିଛନ୍ତି। ତାଙ୍କର କାର୍ଯ୍ୟଶୈଳୀ 'ଅନୁଷ୍ଠାନ' ଅପେକ୍ଷା 'ଚୁକ୍ତି'(ଡିଲ୍)କୁ ଅଧିକ ପ୍ରାଧାନ୍ୟ ଦିଏ, ଯାହା ମିତ୍ର ଓ ଶତ୍ରୁ ଉଭୟଙ୍କ ପାଇଁ ଅସ୍ଥିରତା ସୃଷ୍ଟି କରେ। ୨୦୨୫ ଜାନୁଆରୀ ୨୦ରେ ନୂଆ ଉତ୍ସାହ ସହ 'ଆମେରିକା ପ୍ରଥମେ' ବୋଲି ପ୍ରତିଶ୍ରୁତି ଦେଇ ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ କରିଥିଲେ। ସେ ତୁରନ୍ତ ବ୍ୟାପକ ପାରସ୍ପରିକ ଆନୁପାତିକ ଶୁଳ୍କ ଲାଗୁ କଲେ, ମିତ୍ର ଓ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ କଲେ ଏବଂ ସିଧାସଳଖ ନେତା-ନେତା ବୁଝାମଣା ଆରମ୍ଭ କଲେ। ୨୦୨୫ ମଧ୍ୟଭାଗ ସୁଦ୍ଧା, ତାଙ୍କ ପ୍ରଶାସନ ଇରାନ ଉପରେ 'ସର୍ବାଧିକ ଚାପ ୨.୦' ଆରମ୍ଭ କରିଥିଲା। ଇସ୍ରାଏଲ ସହ ମିଶି ଫେବୃଆରୀରେ ଆକ୍ରମଣ କରିଥିଲା ଏବଂ ଭାରତ ଭଳି ସହଯୋଗୀଙ୍କ ସହ ବାଣିଜ୍ୟିକ ବିବାଦର ସମ୍ମୁଖୀନ ହୋଇଥିଲା। ତାଙ୍କର ଏହି ପନ୍ଥା 'ଦି ଆର୍ଟ ଅଫ୍ ଦି ଡିଲ୍' ନୀତିରୁ ଅନୁପ୍ରାଣିତ। ଏହି ନୀତି ଅନୁଯାୟୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସର୍ବଦା ଚାପରେ ରଖ। ଏହି 'ଉନ୍ମାଦ ରଣନୀତି' ସ୍ୱଳ୍ପକାଳୀନ ଲାଭ ଦେଇପାରେ, କିନ୍ତୁ ବିଶ୍ୱସ୍ତରରେ ବିଶ୍ୱାସକୁ କ୍ଷୁର୍ଣ୍ଣ କରେ।

ଆନ୍ତର୍ଜାତୀୟ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଯଦିଓ ଅନିଶ୍ଚିତତା ସୃଷ୍ଟି କରି ଆମେରିକା କିଛି ରିହାତି ପାଇବାକୁ ଅନ୍ୟ ଦେଶମାନଙ୍କୁ ବାଧ୍ୟ କରିପାରେ, କିନ୍ତୁ ଏକ ପରସ୍ପର ସଂଯୁକ୍ତ ବିଶ୍ୱରେ ଏହା ଅରାଜକତା, ଅର୍ଥନୈତିକ ଅନିଶ୍ଚିତତା ଓ ଦୁର୍ବଳ ମିତ୍ରତା ସୃଷ୍ଟି କରେ। ୨୦୨୬ ମସିହାର ପ୍ରାରମ୍ଭିକ ତଥ୍ୟ ଦର୍ଶାଏ ଯେ ଟ୍ରମ୍ପଙ୍କ ମନ୍ତବ୍ୟ ପ୍ରତି ବିଶ୍ୱ ବଜାର କଠୋର ପ୍ରତିକ୍ରିୟା ଦେଖାଇଛି। ଇରାନ ଉତ୍ତେଜନା ସମୟରେ ତୈଳ ଦର ୧୫% ରୁ ଅଧିକ ବୃଦ୍ଧି ପାଇଛି ଏବଂ ଶୁଳ୍କ ଧମକ ମଧ୍ୟରେ ଭାରତୀୟ ଟଙ୍କା ସମେତ ଉଦୀୟମାନ ବଜାରର ମୁଦ୍ରା ଚାପର ସମ୍ମୁଖୀନ ହୋଇଛି।

ଇରାନ ପରିସ୍ଥିତି ଟ୍ରମ୍ପଙ୍କ 'ଅକୂଟନୀତି'ର ସର୍ବୋତ୍ତମ ଉଦାହରଣ। ତାଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୫ ଚୁକ୍ତିରୁ ଓହରିଯିବା ପରେ ଦ୍ୱିତୀୟ କାର୍ଯ୍ୟକାଳରେ ଏହାକୁ ଆହୁରି ବଢ଼ାଇ ଦେଲେ। ୨୦୨୫ ମସିହାରେ ଆମେରିକା ଓ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିଥିଲେ। ୨୦୨୬ ପ୍ରାରମ୍ଭରେ ସିଧାସଳଖ ଆମେରିକୀୟ କାର୍ଯ୍ୟାନୁଷ୍ଠାନ ସହିତ ଯୁଦ୍ଧ ହୋଇଥିଲା। ପାକିସ୍ତାନ ଓ ଓମାନ ମାଧ୍ୟମରେ ପରୋକ୍ଷ ଭାବେ କରାଯାଇଥିବା ଆଲୋଚନା ଅସ୍ଥିର ରହିଛି। ଟ୍ରମ୍ପ ସମୟସୀମା (୬୦ ଦିନ, ତା'ପରେ ଛୋଟ ଅଲ୍ଟିମେଟମ୍) ନିର୍ଦ୍ଧାରଣ କଲେ, ହରମୁଜ ପ୍ରଣାଳୀରେ ନୌସେନା ଅବରୋଧ ଲଗାଇଲେ ଏବଂ ନାଟକୀୟ ଢଙ୍ଗରେ ଧମକ ଦେଲେ। ୨୦୨୬ ଏପ୍ରିଲରେ ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ ଯଦି କୌଣସି ଚୁକ୍ତି ନହୁଏ, ତେବେ 'ସାରା ଦେଶ ଉଡ଼ିଯିବ', ସେଠାରେ ପୋଲ ଓ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯିବ। ଏକ ସମ୍ପୂର୍ଣ୍ଣ ସଭ୍ୟତା ଆଜି ରାତିରେ ମରିଯିବ, ଯାହା କେବେବି ଆଉ ଫେରିବ ନାହିଁ। ତଥାପି ସେ ଅସ୍ତ୍ରବିରତି ବୃଦ୍ଧି କରିଛନ୍ତି ଏବଂ ଇରାନର 'କାର୍ଯ୍ୟକ୍ଷମ' ପ୍ରସ୍ତାବଗୁଡ଼ିକର ପ୍ରଶଂସା କରିଛନ୍ତି, ଯାହା ଗର୍ଜନ ସହ ଆଶାବାଦର ମିଶ୍ରଣ। ତାଙ୍କ ଦଳର ନିଷ୍ପତ୍ତି କୂଟନୀତିଜ୍ଞମାନେ ନୁହେଁ, ବରଂ ଜାରେଡ କୁଶନର ଏବଂ ରିଅଲ ଇଷ୍ଟେଟ୍ ନିବେଶକ ଷ୍ଟିଭ୍ ୱିଟକଫ୍ ଭଳି ବ୍ୟକ୍ତି ନେଉଛନ୍ତି। ସେମାନେ ବହୁପକ୍ଷୀୟ ବ୍ୟବସ୍ଥା ଅପେକ୍ଷା ବ୍ୟକ୍ତିଗତ ପ୍ରଭାବ ଉପରେ ଗୁରୁତ୍ୱ ଦିଅନ୍ତି।

ଆମେରିକାରର ଭାରତ ବିରୋଧୀ ଶୁଳ୍କ ନୀତି ଓ 'ନର୍କ' ମନ୍ତବ୍ୟ ମଧ୍ୟରେ ରଣନୈତିକ ସହଯୋଗୀ ଭାରତ ପାଇଁ ବିରାଟ ଆହ୍ୱାନ ସୃଷ୍ଟି କରେ। ଦ୍ୱିପାକ୍ଷିକ ସମ୍ପର୍କ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ରହିଛି ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଚୀନ୍‌କୁ ପ୍ରତିହତ କରିବା। କିନ୍ତୁ କାରବାର ଭିତ୍ତିକ ସଂଘର୍ଷ ପ୍ରାଧାନ୍ୟ ବିସ୍ତାର କରୁଛି। ୨୦୨୫ରେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇଥିଲେ, ଯାହା ଅଗଷ୍ଟରେ ୫୦% ପର୍ଯ୍ୟନ୍ତ ପହଞ୍ଚିଥିଲା। ଭାରତ ବଡ଼ ସହଯୋଗୀମାନଙ୍କ ମଧ୍ୟରେ ସର୍ବାଧିକ ଶୁଳ୍କର ସମ୍ମୁଖୀନ ହୋଇଥିଲା, ଯାହା ବସ୍ତ୍ର, ଔଷଧ ଓ ରତ୍ନ ରପ୍ତାନିକୁ ବାଧା ଦେଇଥିଲା। ୨୦୨୬ ଫେବୃଆରୀ ସୁଦ୍ଧା ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଆସିଥିଲା, ଯେଉଁଥିରେ ଆମେରିକୀୟ ସାମଗ୍ରୀ ପାଇଁ ବଜାର ଖୋଲିବାକୁ ପ୍ରତିଶ୍ରୁତି ଦେବାକୁ ସର୍ତ୍ତ ରହିଥିଲା। ସାମ୍ପ୍ରତିକ 'ନର୍କ' ପୁନଃପୋଷ୍ଟ ପୁରୁଣା ଘା'ରେ ଚୁନ ଲଗାଇଲା ଭଳି କାମ କରୁଛି।

ଏକ ନିୟମ-ଆଧାରିତ ଶୃଙ୍ଖଳାର ପତନରେ ଭାରତ ଭଳି ମଧ୍ୟମ ଶକ୍ତିମାନେ ମିଳିତ ଜାତିସଂଘ କିମ୍ବା ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ମଞ୍ଚରେ କାର୍ଯ୍ୟ କରିବାର ସ୍ଥାନ ହରାଉଛନ୍ତି। ଏବେ କୂଟନୀତି ବିଶ୍ୱାସ, ସ୍ଥିରତା ଓ ଧୈର୍ଯ୍ୟ ଆବଶ୍ୟକ କରୁଥିବା ବେଳେ ଭାରତ ପାଇଁ ସହନଶୀଳତାର ପରୀକ୍ଷା ଅପେକ୍ଷା କରିଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଏସୀୟ ପ୍ରଶାନ୍ତ ମହାସାଗରୀୟ ରଣନୈତିକ ସହଯୋଗୀ ଭାବରେ ଭାରତକୁ ସତର୍କତା ସହିତ ଆଗକୁ ବଢ଼ିବାକୁ ପଡ଼ିବ।

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪ ●

## କଳିଙ୍ଗରେ ବୌଦ୍ଧଧର୍ମର ପ୍ରସାର

**ପ୍ରବୀର କୁମାର ପଟ୍ଟନାୟକ**

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ହୁଏନସାଂ ସମ୍ଭବତଃ ମହାସଂଘିକମାନଙ୍କର ପରମ୍ପରା ଆଧାରରେ ଦର୍ଶାଇଛନ୍ତି ଯେ ଅଶୋକ ରାଜା ବିଭେଦକାରୀ ଗୋଷ୍ଠୀର ଆଚାର୍ଯ୍ୟ ମହାଦେବଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ତାଙ୍କ ସମୟରେ ସର୍ବାସ୍ତିବାଦୀମାନେ ମଗଧ ପରିତ୍ୟାଗ କରି କାଶ୍ମୀର ଅଞ୍ଚଳକୁ ପଳାଇ ଯାଇଥିଲେ। କିନ୍ତୁ ଅଶୋକଙ୍କ ଭଳି ଜଣେ ଅତ୍ୟନ୍ତ ଉଦାରବାଦୀ ସମ୍ରାଟ, ଯିଏ କି ଅଣବୌଦ୍ଧ ସଂପ୍ରଦାୟଗୁଡ଼ିକୁ ମଧ୍ୟ ଆନ୍ତରିକ ସହିଷ୍ଣୁତା ତଥା ପୃଷ୍ଠପୋଷକତା ପ୍ରଦାନ କରୁଥିଲେ, ତାଙ୍କଠାରୁ କଦାପି ଆଶା କରାଯାଇ ପାରିବ ନାହିଁ କି ସେ ବୌଦ୍ଧଧର୍ମର ଗୋଟିଏ ଗୋଷ୍ଠୀକୁ ସମର୍ଥନ କରିବା ନିମନ୍ତେ ଅନ୍ୟ ସଂପ୍ରଦାୟର କ୍ଷତି କରି ବସିବେ। 'ସଂଘଭେଦ ସ୍ତମ୍ଭ ଅନୁଶାସନ' ଏବଂ 'ଭାବ୍ରୁ ଅନୁଶାସନ'ରୁ ସ୍ପଷ୍ଟ ଜଣାଯାଏ କି ଅଶୋକ ବୌଦ୍ଧ ଭ୍ରାତୃତ୍ୱକୁ ଏକକ ସଂପ୍ରଦାୟ ଭାବରେ ଗ୍ରହଣ କରୁଥିଲେ ଏବଂ ବୌଦ୍ଧଧର୍ମକୁ 'ସଦ୍ଧର୍ମ' ଭାବରେ ବିଚାର କରୁଥିଲେ। ତେଣୁ ଅଧିକ କଳ୍ପନାଜଳ୍ପନା ନ କରି ଆମେ ଅଶୋକଙ୍କୁ ବୌଦ୍ଧଧର୍ମର ଜଣେ ନିଷ୍ଠାପର ସମର୍ଥକ ତଥା ଅନୁଗାମୀ ଭାବେ ଗ୍ରହଣ କରିପାରିବା।

ଉପରେ ଦର୍ଶାଯାଇଥିବା 'ସଂଘଭେଦ ସ୍ତମ୍ଭ ଅନୁଶାସନ'ରେ ଅଶୋକ ସଂଘ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କୁ ଦଣ୍ଡବିଧାନ ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ଭାବ୍ରୁ ଅନୁଶାସନରେ ଅଶୋକ ବୁଦ୍ଧ, ସଂଘ ଓ ଧର୍ମ - ଏହି ତ୍ରିରତ୍ନ ଉପରେ ସଂପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ଘୋଷଣା କରିଛନ୍ତି। ଏହି ଅନୁଶାସନଗୁଡ଼ିକ ସ୍ପଷ୍ଟ ଦର୍ଶାଇଥା'ନ୍ତି କି ଅଶୋକ ବୌଦ୍ଧଧର୍ମର ଜଣେ ସକ୍ରିୟ ସମର୍ଥକ ତଥା ପୃଷ୍ଠପୋଷକ ଥିଲେ। ସମ୍ରାଟ ଅଶୋକ ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ତାଙ୍କର ନିଷ୍ଠା, ଆଗ୍ରହ, ଆସ୍ଥା ଓ ବିଶ୍ୱାସର କଥା ପ୍ରକାଶ କଲେ ତଥା ପ୍ରଦର୍ଶନ କରିବା ପରେ ବିଭିନ୍ନ ସଂପ୍ରଦାୟର ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନେ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଏକ ଦୃଢ଼ ପେରଣା ପାଇଲେ ଏବଂ ସାଧାରଣଲୋକମାନେ ମଧ୍ୟ ପ୍ରବୃତ୍ତି ଅନୁଯାୟୀ ଏଥିପ୍ରତି ଆକୃଷ୍ଟ ହେଲେ।

ଏହିପରି ଅଶୋକଙ୍କ ରାଜ୍ୟଶାସନ କାଳରେ ବୌଦ୍ଧଧର୍ମ କାଶ୍ମୀର, ଗାନ୍ଧାର, ହିମବନ୍ତ ପ୍ରଦେଶ (ହିମାଳୟ ଅଞ୍ଚଳ), ମହିଷ ମଣ୍ଡଳ ଗାନ୍ଧାର, ହିମବନ୍ତ ପ୍ରଦେଶ(ହିମାଳୟ ଅଞ୍ଚଳ), ମହିଷ ମଣ୍ଡଳ(ଆନ୍ଧ୍ର ଅଞ୍ଚଳ), ବନବାସୀ(କର୍ଣ୍ଣାଟକ ଅଞ୍ଚଳ), ମହାରାଷ୍ଟ୍ର ଏବଂ ସୁବର୍ଣ୍ଣଭୂମି (ବର୍ମା ଓ ଥାଇଲାଣ୍ଡ ଅଞ୍ଚଳ) ଆଦି ଏକ ବିସ୍ତୃତ ଭୂଖଣ୍ଡ ସହ ଅଶୋକଙ୍କ ନିଜ ବିଶାଳ ସାମ୍ରାଜ୍ୟ ମଧ୍ୟରେ ଏବଂ ତାଙ୍କ ସାମ୍ରାଜ୍ୟର ସୀମା ବାହାରେ ଅନ୍ୟାନ୍ୟକ୍ଷେତ୍ର ଯୋନ (ଯବନ ରାଜ୍ୟ), କମ୍ବୋଜ (କାମ୍ବୋଡ଼ିଆ), ଗାନ୍ଧାର, ନଭକ ଆଦି ଉତ୍ତରାପଥର ଅଞ୍ଚଳ ତଥା ପେଟିନିକ(ଦକ୍ଷିଣ-ପଶ୍ଚିମ ଅଞ୍ଚଳ) ଆଦି ଉତ୍ତର ତଥା ପଶ୍ଚିମ ଭାଗର ଦେଶମାନ ଏବଂ ଚୋଡ଼ ପାଣ୍ଡ୍ୟ (ଦକ୍ଷିଣ) କେରଳ, ତାମିଲନାଡୁ ଏପରିକି ତାମ୍ରପର୍ଣ୍ଣି ଅଥବା ସିଂହଳ ଆଦି ଅଞ୍ଚଳରେ ବ୍ୟାପି ଯାଇଥିଲା। ବିଭିନ୍ନ ଶାଖାଗୁଡ଼ିକର ଭିନ୍ନ ଭିନ୍ନ ଅଞ୍ଚଳରେ ବିଶେଷ ଉପସ୍ଥିତି ସଂପର୍କରେ କହିବାକୁ ଗଲେ ପଶ୍ଚିମ ଭାଗର ଅବନ୍ତୀ ଅଞ୍ଚଳରେ ବିଶିଷ୍ଟ ଆଚାର୍ଯ୍ୟ ମହାକାତ୍ୟାୟନ ବୌଦ୍ଧଧର୍ମର ମୂଳଦୁଆ ସ୍ଥାପନ କରିଥିଲେ ଏବଂ ଏହି ଅଞ୍ଚଳଟି ଥେରବାଦର ସୁରକ୍ଷିତ କ୍ଷେତ୍ର ହୋଇଯାଇଥିଲା। ଏହିଠାରୁ ହିଁ ସିଂହଳରେ ଥେରବାଦର ପ୍ରଚାର ପ୍ରସାର ପାଇଁ ମହେନ୍ଦ୍ରଙ୍କୁ ପଠାଯାଇଥିଲା।

ସେହିଭଳି ମଗଧରୁ ଥେରବାଦୀମାନଙ୍କର ଏକ କ୍ଷୁଦ୍ର ଦଳ କାଶ୍ମୀର ଓ ଗାନ୍ଧାର ଅଞ୍ଚଳକୁ ପଳାଇଥିଲେ। ମାତ୍ର ସେମାନଙ୍କର ମୁଖ୍ୟ ଭାଗ ମଗଧରେ ହିଁ ମୋଗଲିପୁତ୍ତ ତିସ୍ସଙ୍କ ନେତୃତ୍ୱରେ ରହିଥିଲେ। କିନ୍ତୁ ପାଟଳୀପୁତ୍ରର କୁକ୍କୁଟରାମା ବୌଦ୍ଧବିହାରଟି ମହାସଂଘିକମାନଙ୍କ ଅଧୀନକୁ ଚାଲି ଯାଇଥିଲା। ସର୍ବାସ୍ତିବାଦମାନେ ଆଚାର୍ଯ୍ୟ ଉପଗୁପ୍ତଙ୍କ ନେତୃତ୍ୱରେ ମଥୁରାରେ ସେମାନଙ୍କର ଶକ୍ତ ଓ ସୁଦୃଢ଼ ଉପସ୍ଥିତି ସ୍ଥାପନ କରିଥିଲେ। ସର୍ବାସ୍ତିବାଦୀମାନେ ମଧ୍ୟ ଆଚାର୍ଯ୍ୟ ମଧ୍ୟାନ୍ତିକଙ୍କ ମାଧ୍ୟମରେ କାଶ୍ମୀର ଗାନ୍ଧାର ଅଞ୍ଚଳରେ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିବା ସହ ନିଜକୁ ଦୃଢ଼ଭାବେ ପ୍ରତିଷ୍ଠିତ କରାଇଥିଲେ।

ସର୍ବାସ୍ତିବାଦର ପ୍ରମୁଖ ତଥା ସର୍ବାଧିକ ସକ୍ରିୟ ଆଚାର୍ଯ୍ୟ ତଥା ପ୍ରଚାରକ ଥିଲେ ଆଚାର୍ଯ୍ୟ ଧିତିକ। ସେ ସର୍ବାସ୍ତିବାଦକୁ ସମଗ୍ର ଉତ୍ତର ଭାରତ ସହ ଉତ୍ତର-ପଶ୍ଚିମ ଭାଗର ତୁଖାରାଠାରୁ ଉତ୍ତର-ପୂର୍ବର କାମରୂପ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଭାଗର ଅବନ୍ତୀଠାରୁ ପୂର୍ବର କଳିଙ୍ଗ ପର୍ଯ୍ୟନ୍ତ ପ୍ରସାରିତ କରି ପାରିଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବାପା-ମାଙ୍କୁ ଥାନାରେ ଅଟକ ରଖିବାରୁ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କାନାଳ, ୨୪।୪(ସମିସ): ବାପା-ମା'ଙ୍କୁ ଥାନାରେ ଅଟକ ରଖିବାରୁ ବେକରେ ରଶି ଲଗାଇ ଝୁଲିପଡ଼ିଲେ ଯୁବକ। ଢେଙ୍କାନାଳ ମୋଟଙ୍ଗା ଥାନା ନିମିଧା ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବେଣୁପାଣି ସାହୁ(୨୧)। ବେଣୁପାଣି ଅନୁଗୋଳର ଜଣେ ନାବାଳିକାକୁ ପ୍ରେମ କରୁଥିଲେ। ଉଭୟ ଘରୁ ଲୁଚି କିଛି ଦିନ ହେବ ମୁମ୍ବାଇ ପଳାଇଥିଲେ। ଝିଅଘର ଲୋକଙ୍କ ଏତଲା ପରେ ଅନୁଗୋଳ ସଦର ଥାନା ପୁଲିସ ବେଣୁଙ୍କ ବାପା ମାଆଙ୍କୁ ଗତ ତିନି ଦିନ ହେଲା ଅଟକ ରଖିଥିଲା। ବେଣୁ ମୁମ୍ବାଇରୁ ଫେରିବା ପରେ ବାପା-ମା'ଙ୍କୁ ପୁଲିସ ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଝିଅକୁ ଆଣି ଥାନାକୁ ଆସିବାକୁ ପୁଲିସ କହିବା ପରେ ବେଣୁ ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ।

## ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଦୁଃଖୀରାମଙ୍କୁ ଉଚିତ ସମ୍ମାନ ମିଳିପାରିନାହିଁ

ଜଗତସିଂହପୁର,୨୪।୪(ସମିସ): ଦୁଃଖୀରାମ ସ୍ୱାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ସମ୍ମାନସ୍ପଦ ଉଚ୍ଚାରଣ। ଷାଠିଏ ଦଶକରେ ଅଭିନୟ ଜୀବନ ଆରମ୍ଭ କରିଥିବା ଦୁଃଖୀରାମ ପ୍ରାୟ ୫୦ଟି ଓଡ଼ିଆ କଥାଚିତ୍ରରେ ଖଳ, ହାସ୍ୟ ଓ ଚରିତ୍ର ଭୂମିକାରେ ଅଭିନୟ କରି କୋଟି କୋଟି ଓଡ଼ିଆଙ୍କ ହୃଦୟ ଜିତି ପାରିଥିଲେ। ହେଲେ, ଦୁଃଖର ବିଷୟ ଏପର୍ଯ୍ୟନ୍ତ ତାଙ୍କୁ ଉଚିତ୍ ସମ୍ମାନ ଦିଆଯାଇପାରିନାହିଁ। ସରକାରୀସ୍ତରରେ ଶ୍ରାଦ୍ଧ ଓ ଜୟନ୍ତୀ ପାଳନ ହେଉନି କିମ୍ବା ପ୍ରତିମୂର୍ତ୍ତିଟିଏ ଗଢ଼ା ହୋଇପାରୁନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଦୁଃଖୀରାମ ସ୍ୱାଇଁ ସ୍ମୃତି ପରିଷଦ ପକ୍ଷରୁ ଆଦିକବି ସାରଳାଦାସ ସଂସ୍କୃତି ଭବନରେ ପ୍ରଖ୍ୟାତ ଅଭିନେତା ଦୁଃଖୀରାମ ସ୍ୱାଇଁଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ପୂର୍ତ୍ତି ଉତ୍ସବ ଓ 'ଦୁଃଖୀରାମ ସ୍ୱାଇଁ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ ସମାରୋହରେ ଉଭୟ ଅତିଥି ଓ କଳାପ୍ରେମୀ ଦାବି କରିଥିଲେ।

ପରିଷଦର ସଭାପତି ଶରତ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଥିଲେ ଦୁଃଖୀରାମ ସ୍ୱାଇଁ ଓଡ଼ିଶାର ଗର୍ବ। ତାଙ୍କ



ଜୟନ୍ତୀ ସରକାରୀ ସ୍ତରରେ ପାଳନ ଓ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ବିକାଶ ଦାସ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ ଚଳଚ୍ଚିତ୍ର ଚିତ୍ର ଉତ୍ତୋଳକ ନିରଞ୍ଜନ ଦାସ, ବରିଷ୍ଠ ଅଭିନେତା ବ୍ରଜ ସିଂ, ବିଶିଷ୍ଟ ଚିତ୍ରଶିଳ୍ପୀ ଓ ଅଭିନେତା ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦୁଃଖୀରାମ ସ୍ୱାଇଁଙ୍କ ଅଭିନୟ ଓ ସରଳ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ଅଭିନେତା ବ୍ରଜ ସିଂଙ୍କୁ ସମ୍ମାନଜନକ 'ଦୁଃଖୀରାମ ସ୍ୱାଇଁ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୨୩ ଯୋଜନା...

ଶାସନ ସଚିବ, ପ୍ରମୁଖ ସଚିବ ଏବଂ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଗତ ୩ରୁ ୪ ବର୍ଷ ଧରି ଅନୁଦାନ ପାଉନଥିବା ଯୋଜନା ଗୁଡ଼ିକୁ ବନ୍ଦ ସଂକ୍ରାନ୍ତରେ ସଙ୍କେତ ଦେଇଛନ୍ତି। ଏଥିପାଇଁ ସମସ୍ତ ରାଜ୍ୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ଏକ ବ୍ୟାପକ ସମୀକ୍ଷା କରିବାକୁ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇଛି। ସେହିପରି ଯେଉଁଠାରେ ସମ୍ଭବ ସମାନ ପ୍ରକୃତିର ରାଜ୍ୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକୁ ଏକତ୍ର କରି ଗୋଟିଏ ବର୍ଗରେ ବର୍ଗୀକୃତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗ ସେମାନଙ୍କର ରାଜ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ଚୂଡ଼ାନ୍ତ ତାଲିକା ଆସନ୍ତା ୧୫ ଦିନ ମଧ୍ୟରେ ଯୋଜନା ଓ ସଂଯୋଜନ ବିଭାଗକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷେ ଏପରି ଯୋଜନା ବନ୍ଦ ହେବାକୁ ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହେଲାଣି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ରାଜ୍ୟରେ ବିଜେପି ସରାରକୁ ଆସିବା ପରଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପରି ଜନମଙ୍ଗଳକାରୀ ଯୋଜନାକୁ ବନ୍ଦ କରି ଦେଇଛନ୍ତି। ଅନେକ ଯୋଜନାର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି। ଯାହାକୁ ନେଇ ସାଧାରଣରେ ଲୋକେ ବେଶ୍ କ୍ଷୋଭକ୍ତି ପ୍ରକାଶ କରୁଥିବାର ଦେଖିବାକୁ ମିଳୁଛି। ଏପରିସ୍ଥଳେ ସରକାର ଯେଉଁ ଯୋଜନା ଗୁଡ଼ିକ ବନ୍ଦ କରିବାକୁ ଯାଉଛନ୍ତି ଏହା ପଛରେ ରାଜନୀତି ଅଭିସନ୍ଧି ଥିବା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ସେହିପରି କୌଣସି ଯୋଜନା ବନ୍ଦ କରିବା ପୂର୍ବରୁ ସରକାର ଏହାର ଉଦ୍ଦେଶ୍ୟ ଏବଂ ସୁଦୂର ପ୍ରସାରୀ ପ୍ରଭାବ ଉପରେ ଭଲ ଭାବରେ ଅନୁଶୀଳନ କରିବାକୁ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। କେବଳ ପୂର୍ବ ସରକାର ଯୋଜନା ପ୍ରଣୟନ କରିଥିଲେ ବୋଲି ସେହି ନ୍ୟାୟରେ ଏହାକୁ ବନ୍ଦ କରିଦେବା ସାଧାରଣରେ ଭଲ ବାର୍ତ୍ତା ଦେବନାହିଁ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ବିଜେପିରେ ମିଶିଲେ...

ନିଷ୍ପତ୍ତି ନେଇଛନ୍ତି। ଏହି ବଡ଼ ଧରଣର ଦଳବଦଳ ପରେ ରାଜ୍ୟସଭାରେ ଆପ୍‌ର ସଦସ୍ୟ ସଂଖ୍ୟା ମାତ୍ର ୩କୁ ହ୍ରାସ ପାଇଛି। ବର୍ତ୍ତମାନ କେବଳ ସଞ୍ଜୟ ସିଂ, ଏନଡି ଗୁପ୍ତା ଏବଂ ବଲବୀର ସିଂ ସିଚେୱାଲ ହିଁ ରାଜ୍ୟସଭାରେ ଆପ୍ ସଂସଦ ରହିଛନ୍ତି। ଯେଉଁ ୭ ଜଣ ଆପ୍ ଛାଡ଼ିଛନ୍ତି ସେମାନଙ୍କ ମଧ୍ୟରେ ୬ ଜଣ ପଞ୍ଜାବର ହୋଇଥିବା ବେଳେ ଜଣେ ଦିଲ୍ଲୀର। ଆସନ୍ତାବର୍ଷ ପଞ୍ଜାବ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆଜିର ଘଟଣା ଆପ୍ ପାଇଁ ଝଟକା ବୋଲି କହାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ କହିଛନ୍ତି ଯେ ନିର୍ବାଚନରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଯେଉଁମାନେ ଆପ୍ ଛାଡ଼ିଛନ୍ତି ସେମାନଙ୍କୁ ସେ ଗଦ୍ଦାର ବୋଲି କହିଛନ୍ତି। ସେହିଭଳି ଆପ୍ ସାଂସଦ ସଞ୍ଜୟ ସିଂହ ବିଜେପିର ସମାଲୋଚନା କରି ଏହାକୁ ବିଜେପିର ଅପରେସନ ଲୋଟସ୍ ବୋଲି କହିଛନ୍ତି। ସେ କହିଛନ୍ତି ଯେ ପଞ୍ଜାବର ଜନସାଧାରଣ ଏହି ବିଶ୍ୱାସଘାତକମାନଙ୍କୁ କେବେବି କ୍ଷମା କରିବେ ନାହିଁ। ପଞ୍ଜାବ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭଲ କାମ କରୁଥିବା ବେଳେ ବିଜେପି ଏଭଳି ଷଡ଼ଯନ୍ତ୍ର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଆକାଶରୁ ବର୍ଷୁଛି...

ବୌଦ୍ଧରେ ୪୧.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨ ଡିଗ୍ରୀ, ବରଗଡ଼ରେ ୪୧.୭ ଡିଗ୍ରୀ, ଢେଙ୍କାନାଳରେ ୪୧.୫ ଡିଗ୍ରୀ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ୪୨.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଶୁକ୍ରବାର ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ ହୋଇଛି। ଶନିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭୂତ ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ରାଜ୍ୟରେ କାଳବୈଶାଖୀର ବ୍ୟାପକ ପ୍ରଭାବ ଅନୁଭୂତ ହେବ। ଆସନ୍ତା ୩୦ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜାରି ରହିବ, ଏହାଦ୍ୱାରା ତାତିରୁ ସାମାନ୍ୟ ଉପଶମ ମିଳିବ ବୋଲି ଆଶା କରାଯାଉଛି।

## ୩୦ରେ ବିଧାନସଭାର...

ବିଲ୍ ପାରିତ ହୋଇଥିବା ବେଳେ ବର୍ତ୍ତମାନର ୫୪୩ ଲୋକସଭା ଆସନରେ ସରକାର କାହିଁକି ସଂରକ୍ଷଣ ପ୍ରଦାନ କରୁନାହାନ୍ତି ବୋଲି ବିରୋଧୀ ପ୍ରଶ୍ନ କରୁଛନ୍ତି। ଶାସକ-ବିରୋଧୀଙ୍କ ମଧ୍ୟରେ ମହିଳା ସଂରକ୍ଷଣ ବିଲକୁ ନେଇ ଛକାପଞ୍ଝା, ଆରୋପ ପ୍ରତ୍ୟାରୋପ ଲାଗି ରହିଥିବା ବେଳେ ଏହାର ପ୍ରତିଫଳନ ବିଧାନସଭାରେ ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି।

## ବଲାଙ୍ଗୀରରେ ହେବ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୩୨୯ କୋଟି ଟଙ୍କାର ୨୬୮ ପ୍ରକଳ୍ପର ଲୋକାର୍ପଣ ସହ ୨୫୨ କୋଟି ଟଙ୍କାର ୩୬ ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ର- ପଞ୍ଚାୟତ ସଭା ପୋର୍ଟାଲକୁ ମଧ ଉନ୍‌ମୋଚନ ଚରିବା ସହ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇ ଓଡ଼ିଶା ପାଇ ମଜଭୁତ୍ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକ କୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚିହ୍ନଟ କରାଯାଇଛି। ୨୦୨୬-୨୭ ବଜେଟରେ ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଡବଲ ଇଞ୍ଜିନ ସରକାରରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ଆଜି ଘରେ ଘରେ ପହଞ୍ଚିଛି ବୋଲି ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଧାୟକ ଲକ୍ଷ୍ମଣ ବାଗ, ନବୀନ ଜୈନ, ବଲାଙ୍ଗୀର ଜିଲ୍ଲା ପରିଷଦର ଅଧକ୍ଷା ଦେବକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ ଏନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ବଲାଙ୍ଗୀର ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ଜିଲ୍ଲାରେ ଆଭାସୀ ମାଧ୍ୟମରେ ମନ୍ତ୍ରୀ ଓ ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନା ମାନଙ୍କରେ ସଂଖ୍ୟାଧିକ ବିଜେଡି ଓ କଂଗ୍ରେସ କର୍ମୀ ସହ ଚାଷୀ ନେତା ଓ କୋଶଳ ସଂଗ୍ରାମୀଙ୍କୁ ପୁଲିସ ଅଟକ ରଖିଥିଲା।

## ଚାକିରି ଖାଉଛି...

ବଡ଼ କଥା ହେଲା କମ୍ପାନୀ ଚଳିତ ବର୍ଷ ଲାଭ ହାସଲ କରିଥିଲେ ବି ଶ୍ରମବଳ ହ୍ରାସ କରିଛି। ସକାଳୁ ସକାଳୁ କର୍ମଚାରୀଙ୍କୁ ମେଲ୍ ଦେଇ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି।

ଓରାକଲ ଏହାର କର୍ମଚାରୀମାନଙ୍କୁ ବିନା କୌଣସି ସୁରକ୍ଷା ଦେଇ ଚାକିରିରୁ ବିଦା କରିଥିବାବେଳେ ମାଇକ୍ରୋସଫ୍ଟ ଟିକେ ଭିନ୍ନ ରାସ୍ତା ଗ୍ରହଣ କରିଛି। ସିଧାସଳଖ ଛଟେଇ ବଦଳରେ କମ୍ପାନୀ ପ୍ରାୟ ୮,୭୫୦ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଭାବରେ ଅବସର ନେବାକୁ କହୁଛି। କମ୍ପାନୀର ୫୧ ବର୍ଷର ଇତିହାସରେ ଏହା ପ୍ରଥମ ଥର ଯେତେବେଳେ ମାଇକ୍ରୋସଫ୍ଟ କର୍ମଚାରୀଙ୍କ ପାଇଁ ଏପରି ଅବସର ବ୍ୟବସ୍ଥା ପ୍ରଚଳନ କରିଛି। କିଛି ଅର୍ଥ ରାଶି ସହ କର୍ମଚାରୀଙ୍କୁ ଇସ୍ତଫା ଦେବାକୁ କମ୍ପାନୀ କହିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା କେବଳ ଏଆଇ ଯୋଗୁଁ ଚାକିରି ହ୍ରାସ ହେବାର ଘଟଣା ନୁହେଁ, ବରଂ କମ୍ପାନୀଗୁଡ଼ିକ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନେଉଛନ୍ତି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୫ |
| ଚାନ୍ଦବାଲି | ୩୮.୦ | ୨୬.୮ |
| କଟକ | ୩୮.୪ | ୨୪.୨ |
| ପାରାଦୀପ | ୩୨.୮ | ୨୬.୬ |
| ଭୁବନେଶ୍ୱର | ୩୯.୪ | ୨୬.୪ |
| ଗୋପାଳପୁର | ୩୧.୮ | ୨୫.୦ |
| ପୁରୀ | ୩୩.୬ | ୨୭.୮ |
| ଅନୁଗୋଳ | ୪୩.୧ | ୨୫.୦ |
| ବାରିପଦା | ୩୮.୦ | ୨୭.୦ |
| ଝାରସୁଗୁଡ଼ା | ୪୪.୮ | ୨୧.୦ |
| କେନ୍ଦୁଝରଗଡ଼ | ୩୯.୯ | ୨୩.୬ |
| ସମ୍ବଲପୁର | ୪୩.୬ | ୨୪.୦ |
| ସୁନ୍ଦରଗଡ଼ | ୪୨.୬ | ୨୪.୨ |
| ହୀରାକୁଦ | ୪୩.୪ | ୨୩.୪ |
| ତାଳଚେର | ୪୨.୫ | ୨୫.୫ |
| ଭବାନୀପାଟଣା | ୪୨.୬ | ୨୩.୦ |
| ବଲାଙ୍ଗିର | ୪୩.୦ | - |
| କୋରାପୁଟ | ୩୭.୫ | - |
| ଫୁଲବାଣୀ | ୪୦.୮ | ୨୦.୦ |
| ଟିଟିଲାଗଡ଼ | ୪୪.୦ | ୨୬.୦ |
| ମାଲକାନଗିରି | ୩୮.୬ | ୨୫.୬ |
| ସୋନପୁର | ୪୨.୮ | ୨୩.୫ |
| ଦାରିଙ୍ଗବାଡ଼ି | ୩୮.୦ | ୨୩.୦ |
| ନୟାଗଡ଼ | ୩୯.୦ | ୨୬.୮ |
| ବୌଦ୍ଧ | ୪୧.୮ | ୨୩.୦ |
| ଛତ୍ରପୁର | ୩୪.୦ | ୨୫.୮ |
| ପାରଳାଖେମୁଣ୍ଡି | ୪୨.୦ | ୨୨.୬ |
| ରାୟଗଡ଼ା | ୩୭.୦ | ୨୧.୦ |
| ଭଦ୍ରକ | ୩୭.୫ | ୨୬.୦ |
| ଯାଜପୁର | ୩୮.୪ | ୨୫.୪ |
| ଢେଙ୍କାନାଳ | ୪୧.୫ | ୨୪.୦ |
| ବରଗଡ଼ | ୪୧.୭ | ୨୫.୦ |
| ଦେଓଗଡ଼ | ୩୯.୬ | ୨୪.୦ |
| ନୂଆପଡ଼ା | ୪୨.୬ | ୨୫.୨ |
| ନବରଙ୍ଗପୁର | ୩୯.୫ | ୨୧.୪ |
| ଖୋର୍ଦ୍ଧା | ୪୦.୦ | ୨୫.୫ |
| ଜଗତସିଂହପୁର | ୩୭.୫ | ୨୩.୪ |
| କେନ୍ଦ୍ରାପଡ଼ା | ୩୮.୨ | ୨୩.୬ |
| ରାଉରକେଲା | ୪୨.୬ | ୨୨.୧ |


**OFFICE OF THE NOTIFIED AREA COUNCIL, KUCHINDA**
At/Po-Kuchinda, Dist-Sambalpur, Odisha, Pin-768222

No.939 Date 24.04.2026

**REQUEST FOR PROPOSAL (RFP) FOR SELECTION OF OPERATOR(S) FOR OPERATION AND MANAGEMENT (O&M) OF FOOD PLAZA & FOOD OUTLET AT FOREST PARK ON OPERATIONAL CONTRACT BASIS**

Notified Area Council Kuchinda invites proposals from prospective applicant(s) for "Request for Proposal (RFP) for Selection of Operator(s) for Operation and Management (O&M) of Food Plaza & Food Outlet at Forest Park on Operational Contract Basis" in accordance with the conditions and manner prescribed in the Request for Proposal (RFP) document.

The proposals should be submitted by interested applicant(s) to the Executive Officer, Notified Area Council, Kuchinda, At/Po-Kuchinda, Dist-Sambalpur, Odisha, Pin-768222 on or before 05.05.2026 upto 1:00 PM. Detailed terms of the RFP may be downloaded from our website: https://nackuchinda.in/tenders/

Sd/- Executive Officer
Notified Area Council, Kuchinda



25001/29/2627

GOVERNMENTOFODISHA
OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI
E-mail-ruralworksdivisioniimalkangiri@yahoo.in

INVITATION FOR BIDS (SHORT NITICE)

"E" PROCUREMENT NOTICE NO. RWDSE_MKG_II_ONLINE_01/2026-27

1. Name of the work :- Building works in the District of Malkangiri for the year-2026-27
2. Total No of work :- 05 Number of Building Work
3. Estimated Cost :- Rs. 33.62 Lakhs to Rs. 63.03 Lakhs.
4. Period of Completion :- As Specified in the Annexure
5. Class of Contractor :- As Specified in the Annexure
6. Cost of Tender Paper Annexure :- Cost of tender is to be remitted ONLINE as specified in column-6 of the
7. Details Projects :- As Specified in the Annexure

Other details as follows :-

a) Procurement Officer :- Superintending Engineer, Rural Works Division-II, Malkangiri
b) Availability of Tender Online :- 28.04.2026 at 11.00 AM to 13.05.2026 up to 5.30 PM
c) Last date & time of seeking of Tender clarification :- 12.05.2026 up to 5.00 PM
d) Technical Bid Opening :- 14.05.2026 at 11.00 AM
e) Financial Bid Opening :- To be intimated Separately
f) Decision to conduct Lottery :- If required to decide the agency, transparent Lottery shall be conducted on date 22.05.2026 at 11.00 AM in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Superintending Engineer
Rural Works Division-II
Malkangiri

OIPR-25001/25079/1/26-27/0001



34001/115/2627

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email – eedklpwd@gmail.com

INVITATION FOR BIDS THROUGH e-Procurement

Invitation for Bids
1st Corrigendum

**Bid Identification No. SE DKL (R&B). 02/ 2026-27**
**Name of the Work – 02Nos Civil Works.**

The following changes have been made in Bid Identification No. **SE DKL (R&B). 02/ 2026-26**

1. Availability of Bid documents in Govt. Website i.e. www.tendersorissa.gov.in, during the period from **10.00 AM dt.30.04.2026 to 05.00PM hours of dt.14.05.2026** instead of **10.00 AM. dt.22.04.2026 to 05.00 hours of dt.07.05.2026** for ONLINE BIDDING respectively.
2. **Online** bids shall be received till **05.00 PM Hours of dt.14.05.2026** instead of **dt.07.05.2026.**
3. Date of opening of bid at **11.00 A.M. of dt.15.05.2026** instead of **dt.08.05.2026.**

All other terms and conditions remain unchanged.

Superintending Engineer
Dhenkanal (R&B) Division, Dhenkanal

OIPR-34001/34016/1/26-27/0004



**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ରବି ଧାନ ଅମଳ ପାଇଁ ଆସନ୍ତା ତା.୩୦-୦୪-୨୦୨୬ ରିଖ ଅପରାହ୍ଣ ୦୫.୦୦ ଘଟିକା ସମୟରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ତା.୦୧-୦୫-୨୦୨୬ ରିଖ ଠାରୁ ତା.୩୦-୦୭-୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ରବି ଓ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ



**OFFICE OF THE UTKAL BALASHRAM, CCI & SAA, NUAPADA, DIST-NUAPADA**
(GOVT. RUN CHILD CARE INSTITUTION & SAA)
Advertisement No- 23/SAA-NPD/2026-27 Date: 23.04.2026

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramsaaanuapada@gmail.com) from **27.04.2026 (10.00 AM) to 11.05.2026 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha. After submission of online application, the candidates are to submit hard copy of the same along with all required documents and testimonials through Speed post/ Registered post only addressed to Office of the Secretary Utkal Balashram (SAA), inside DHH Nuapada At-/ Po- Nuapada, Ps-Nuapada, Dist.- Nuapada-766107, latest by 5.00 PM on Dt. 18.05.2026.

Any application received after the due date/time shall be rejected. The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district websit(**https://nuapada.odisha.gov.in**).

Sd/- CDPO Khariar-Cum-Secretary
Utkal Balashram, Nuapada



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MAIN DAM DIVISION, BURLA**

32001/113/2627

At/Po – Burla, Dist. Sambalpur (Odisha) – 768017
Government of Orissa
"e" Procurement Notice No. MDD-e-01/2026-27 (Online)
Email Id: semaindamdivn@gmail.com
No. 4727 Date: 22.04.2026

1. No. of work : 14 nos.
2. Estimated cost : Rs. 8.45 to 41.51 lakhs
3. Period of completion : 3 (Three calendar) months
4. Date & Time of available of bid document in the Portal : 30.04.2026 at 10.00 A.M.
5. Last date/Time for receipt of bids in the portal : 11.05.2026 upto 05.00 P.M.
6. Date of opening of bid : 12.05.2026 at 11.00 A.M.
7. Name & Address of the Officer inviting bid : Superintending Engineer Main Dam Division, Burla, At/Po - Burla, Dist-Sambalpur, Odisha Email: semaindamdivn@gmail.com

Further details, any corrigendum or addendum can be seen from the e-procurement portal: http://tendersorissa.gov.in

Superintending Engineer
Main Dam Division, Burla

OIPR-32001/32017/1/26-27/0001



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 713, dated 20.04.2026, I, D JYOTILAXMI, D/o - Kelam Durga Rao, resident of - Dolai Street, Nabarangpur, PO - Nabarangpur, PS- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from **K JYOTILAXMI to D JYOTILAXMI**. Henceforth, I shall be known as **D JYOTILAXMI** for all purposes.

Sd/- D Jyotilaxmi

**AFFIDAVIT**

By virtue of an affidavit No.6877, swarn before the Executive Magistrate, Jajpur on dtd-22/04/2026, I, **Basantilata Samal**, W/o- Kuna Chandra Dhal, permanent resident of At/Po- Similia, Ps- Jajpur Sadar, Dist- Jajpur, Pin- 755007, Odisha, declare that I have changed my name from **Monorama Dhal** (old name) to **Basantilata Samal** (new name). Henceforth, I shall be known as **Basantilata Samal** (new name) for all future purposes.

**(Basantilata Samal)**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 24/04/2026. I, **Madanabati Dundi** (new name), W/o Sachin Bagarty, permanent & current resident of AT: Sirbhatapada, Ward No.11, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Subhasree Bagarty** (old name) to **Madanabati Dundi** (new name). Henceforth, I shall be known as **Madanabati Dundi** (new name) for all future purposes.

**(Madanabati Dundi)**

**AFFIDAVIT**

By virtue of an affidavit (CF No. 02, date: 18/04/2026) sworn before The Executive Magistrate, Padampur. I, **Chandramukhi Neti**, D/o- Kumar Neti, permanent & current resident of AT: Pathari, PO: Muhulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my name from **Surjyamukhi Neti** to **Chandramukhi Neti** in my Aadhaar Card. Henceforth, I shall be known as **Chandramukhi Neti** (new name) for all purposes.

**(Chandramukhi Neti)**

**AFFIDAVIT**

By virtue of an affidavit sworn before the Notary Public SORO dated 07.02.25. I Rasmita Barik At- Reoda, Po- Simulia, Ps- Soro, Dist. Balasore, Odisha. That before my marriage my name was Rashibala Chanda which has been mentioned in my RPLI account bearing no R-OR- EA-627642, But after married to Bhagabat Barik my name and tittle have been mentioned Rasmita Barik as per in my Aadhar card no 5017 9381 0028. I declare that **Rasmita Barik and Rashibala Chanda** is one and same person in our locality.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 744, dated 24.04.2026, I, B KIRAN RAJ, W/o - B Rabi Kumar & D/o - D Surya Narayan, resident of - R K Colony, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from **KIRAN RAJ to B KIRAN RAJ**. Henceforth, I shall be known as **B KIRAN RAJ** for all purposes.

Sd/- B Kiran Raj

**AFFIDAVIT**

By virtue of an affidavit sworn before the Notary Public at Titilagarh on dtd- 18/03/2026. I, **Sunita Rath,** aged about 65 years, D/o Sribatsa Guru and W/o Late Balakrushna Rath, resident of AT- Girl High School Pada, Titilagarh, PO/PS: Titilagarh, Dist: Balangir (Odisha), do hereby solemnly declare as follows: That prior to my marriage, my name was recorded as **Santosini Guru** in my educational certificates. Following my marriage to the Late Balakrushna Rath, my name and address were changed in accordance with our social customs from **Santosini Guru** to **Sunita Rath.** This change is reflected in my updated Aadhaar Card (No. 5292 9329 5235). I further declare that both names, **Sunita Rath** and **Santosini Guru,** refer to one and the same person. Henceforth, I shall be known as **Sunita Rath** for all official, non-official, and legal purposes.

**AFFIDAVIT**

By virtue of an affidavit no.3933 before the Notary Public, Athmalik, dtd.07.04.2026, I, Bilas Sahoo, W/o Ranjan Kumar Sahoo, Vill: Ghosar, PO: Ghosar, PS: Kishorenagar, Dist: Angul, Odisha, do hereby declare that my minor daughter's name has been changed from Sruti Smita Sahoo (old name) to Srusti Smita Sahoo (new name) for correction in Aadhaar Card. Henceforth, she shall be known as **Srusti Smita Sahoo** for all purposes.

Bilas Sahoo

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.**EPC-CECONIV BBS2026016, ତା.18.04.2026**ରିଖ

**କାର୍ଯ୍ୟର ନାମ :** ବରଗଡ଼ ରୋଡ଼ ଏବଂ ନୂଆପଡ଼ା ରୋଡ଼ ମଧ୍ୟରେ ନୂଆ **BG** ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ଼, ସରସରା, ଡୁମେରପାଲି, ବିଜେପୁର ରୋଡ଼ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ **P.Way** କାର୍ଯ୍ୟ ଏବଂ ବରଗଡ଼ ରୋଡ଼ ଏବଂ ବଡ଼ିପାଲି ମଧ୍ୟରେ ବଡ଼ ବ୍ରିଜ୍, ଛୋଟ ବ୍ରିଜ୍, ରୋଡ଼ ଓଭର ବ୍ରିଜ୍/ରୋଡ଼ ଅଣ୍ଡର ବ୍ରିଜ୍‌ଗୁଡ଼ିକର ନିର୍ମାଣ ଏବଂ ମାଟି ତଥା **P.Way** କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 93,531.06** ଲକ୍ଷ, EMD (ଟଙ୍କାରେ): **18,70,62,100/-**, କାର୍ଯ୍ୟ ଶେଷ ହେବା ଅବଧି : **24** ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**18.06.2026** ରିଖ **1200** ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-29/CJ/26-27

**AFFIDAVIT**

By virtue of an affidavit no. 1196 before the Notary Public, Phulbani, dtd.24.04.2026, I, Duhshasan Kanhar, S/o Maheswar Kanhar, resident of At: Majhipada, PO: Majhipada, PS: Phiringia, Dist: Kandhamal, Odisha, do hereby declare that I have changed my name from Dhuhshasan Kanhar (old name) to Duhshasan Kanhar (new name) for Aadhaar correction. Henceforth, I shall be known as **Duhshasan Kanhar** for all purposes.

Duhshasan Kanhar

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 742, dated 23.04.2026, I, KUSUB JANI, S/o - Late. Dainu Jani, resident of Village- Tailaguda, PO - Junapani, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from **KUSAB JANI to KUSUB JANI.** Henceforth, I shall be known as **KUSUB JANI** for all purposes.

Sd/- Kusub Jani

**AFFIDAVIT**

By virtue of on affidavit sworn before Executive Magistrate, Brahmagiri, no-21, dtd-30/12/2025, I, Purnima Sahoo, wife of Balaram Sahoo, resident of At-Nijigadakokal, Po-Gadakokal, Ps- Brahmagiri, Block-Brahmagiri, Dist- Puri, Odisha, Pin-752011, declare that I have changed the name of my daughter's from Sardhenjali Sahoo to Sradhanjali Henceforth, She shall be known as **Sradhanjali Sahoo** for all purposes .

Purnima sahoo

**AFFIDAVIT**
Change of Name (Minor)

By virtue of an affidavit (CF No. 03, date: 18/04/2026) sworn before The Executive Magistrate, Padampur. I, **Tarani Jagat** (applicant name), S/o Dau Jagat, permanent & current resident of AT: Pathari, PO: Muhulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my minor son's name from **Pankat Jagat** to **Pankaj Jagat** in Aadhaar Card. Henceforth, he shall be known as **Pankaj Jagat** (new name) for all purposes.

**(Tarani Jagat)**

**AFFIDAVIT**

By virtue of an affidavit no. 548 before the Executive Magistrate, Rairkhol, dtd.23.04.2026, I, Shankar Tiria, S/o Man Singh Tiria, resident of Village: Kausipal, PO: Similipal, PS: Naktideul, Dist: Sambalpur, Odisha, do hereby declare that my minor child's name has been changed from Jasgdish Tiria (old name) to Jagdish Tiria (new name) for correction in name. Henceforth, he shall be known as **Jagdish Tiria** for all purposes.

Shankar Tiria

**CHANGE OF NAME (MINOR)**

By virtue of an affidavit no. 737 before the Executive Magistrate, Nabarangpur, dtd. 23.04.2026, I, Sukaman Jani, S/o Jayasingh Jani, resident of Village: Gondaguda, PO: Kurlughati, PS: Nabarangpur, Dist: Nabarangpur, Odisha, do hereby declare that my minor son's name has been changed from **Sibs Jani (old name)** to **Siba Jani (new name).** Henceforth, he shall be known as **Siba Jani** for all purposes.

Sd/- Sukaman Jani

# ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ବଢ଼ିଲା ଅସନ୍ତୋଷ

ନୟାଗଡ଼,୨୪।୪(ସମିସ)



ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନେଇ ଅସନ୍ତୋଷ ବଢ଼ିଛି। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମନମାନିକୁ ନେଇ କ୍ଷୁବ୍ଧ ହୋଇଛନ୍ତି ପୌରାଧ୍ୟକ୍ଷା ନିରୁପମା ଖଟେଇ। ନିରୁପମା ଶୁକ୍ରବାର ସମସ୍ତ କାଉନସିଲରଙ୍କ ସହ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅଧ୍ୟକ୍ଷାଙ୍କ ମନମାନିକୁ ନେଇ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ପରିଷଦ ବୈଠକର ରିଜୋଲ୍ୟୁସନ୍ କପି କାଉନସିଲରଙ୍କୁ ପ୍ରଦାନ କରାଯାଉନାହିଁ। ପୌର ପରିଷଦ ପକ୍ଷରୁ ଗତ ଫେବୃଆରୀ ୨୭ ତାରିଖ ହୋଇଥିବା ବୈଠକ ରିଜୋଲ୍ୟୁସନ୍ କପି କାଉନସିଲରଙ୍କୁ ପ୍ରଦାନ କରାଯାଇ ନାହିଁ। ଏଭଳି ସ୍ଥିତିରେ ଶୁକ୍ରବାର କାଉନସିଲ ବୈଠକ ଆହ୍ୱାନ କରାଯାଇଥିଲା। କାଉନସିଲରଙ୍କୁ ଗତ ବୈଠକ ବିଷୟରେ ଅନ୍ଧାରରେ ରଖି ଆଜି ପାରିଷଦ ବୈଠକ ଡକାଯାଇଥିବା ବେଳେ ଅଧ୍ୟକ୍ଷା ବୈଠକ ବାତିଲ କରିଥିଲେ। ଏହାସହ ସମସ୍ତ କାଉନସିଲରଙ୍କୁ ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି।

ନୟାଗଡ଼ ପୌର ପରିଷଦରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ପଡ଼ିରହିଛି। ବିକାଶ ମୂଳକ କାର୍ଯ୍ୟ ଆଦୌ ସଠିକ ଭାବେ ଚାଲୁ ନ ଥିବା ବେଳେ ପୌର ନିର୍ବାହୀ ଅଧିକାରୀ ଅଧ୍ୟକ୍ଷାଙ୍କ ପାଖକୁ ବିଭିନ୍ନ ଫାଇଲ ପଠାଉ ନ ଥିବା ଅଭିଯୋଗ ହୋଇଛି। ଏହାସହ ଅନେକ କାର୍ଯ୍ୟ ଟେଣ୍ଡର ହୋଇ ମଧ୍ୟ କରାଯାଉ ନ ଥିବାରୁ ଟେଣ୍ଡର ବାତିଲ କରି ନୂତନ ଠିକାସଂସ୍ଥା ଚୟନକୁ ଗୁରୁତ୍ୱ ଦେଉନାହାନ୍ତି। ନୟାଗଡ଼ ସହରର ସିସିଟିଭି ବ୍ୟବସ୍ଥା, ଜିଲ୍ଲା ପାଠାଗାର ଅବ୍ୟବସ୍ଥା, ଆମ ପୋଖରୀ କାର୍ଯ୍ୟ କରିବା ପାଇଁ ଆଦୌ ଧ୍ୟାନ ଦେଉନାହାନ୍ତି। ବଡ଼ଖାନା, ସ୍ୱଚ୍ଛଭାରତ ମିଶନ ଭଳି କାର୍ଯ୍ୟକ୍ରମ ନିଜେ ଆୟୋଜନ କରୁଥିବା ବେଳେ ପାରିଷଦଙ୍କୁ ଏ ନେଇ ଅବଗତ କରୁନାହାନ୍ତି। ଏପରିକି ନିର୍ବାହୀ ଅଧିକାରୀ ଆଦୌ ନୟାଗଡ଼ରେ ରହୁ ନ ଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି କାଉନସିଲରମାନେ। ନିର୍ବାହୀ ଅଧିକାରୀ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରେ ଅଫିସ

## ଜିଲ୍ଲାପାଳଙ୍କୁ ଫେରାଦ କାଉନସିଲର ଓ ଅଧ୍ୟକ୍ଷା

ଆସୁଥିବା ଏବଂ ପ୍ରତ୍ୟେକ ଦିନ ଭୁବନେଶ୍ୱର ଯା'ଆସ କରୁଥିବା ଅଭିଯୋଗ ହୋଇଛି। ଆଜି ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଏବଂ ସମସ୍ତ କାଉନସିଲର ଜିଲ୍ଲାପାଳ ମଧୁମିତା ରଥଙ୍କୁ ଭେଟି ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ଗ୍ରହଣ କରିବା ସହ ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏ ପ୍ରସଙ୍ଗରେ ଜିଲ୍ଲାପାଳ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ପୌର ନିର୍ବାହୀ ଅଧିକାରୀ ମଧ୍ୟ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି। ଆପଣ ଯାହା ଲେଖିବା କଥା ଲେଖନ୍ତୁ ବୋଲି କହି ସାମ୍ବାଦିକମାନଙ୍କ ପ୍ରଶ୍ନକୁ ସେ ଏଡ଼ାଇ ଦେଇଛନ୍ତି।

# ଆସ ଜାଣିବା ଆମ ବଜେଟ କର୍ମଶାଳା




ନୟାଗଡ଼,୨୪।୪(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସୃଜନ ସଭାଗୃହରେ ଗୁରୁବାର ଆସ ଜାଣିବା ଆମ ବଟେଜ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଝାଡ଼େଶ୍ୱର ଦାସ ଏବଂ ବିଶେଷଜ୍ଞ ଭାବେ ଅର୍ଥନୀତି ଅଧ୍ୟାପକ ଆଶୁତୋଷ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୦୨୬-୨୭ ବଜେଟ ଉପରେ ପ୍ରକାଶିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବିଧାୟକ ଶ୍ରୀ ସ୍ୱାଇଁ ଉଦବୋଧନରେ କହିଲେ ଯେ ଆମେ ବଜେଟ ବିଷୟରେ ସବିଶେଷ ଜାଣିବା ଦରକାର। ସମସ୍ତ ବିଭାଗୀୟ ଅଧିକାରୀ ଜାଣିଲେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇପାରିବେ।

ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଲେ, ଯେଉଁ ରାଜ୍ୟର ବିତ୍ତୀୟ ଶୃଙ୍ଖଳା ଯେତେ ଭଲ ସେ ରାଜ୍ୟ ସେତିକି ଉନ୍ନତ। ଆଗରୁ କିଛି ଲୋକ ଟ୍ୟାକ୍ସ ଦେଉଥିଲେ, ଏବେ ସମସ୍ତେ ଟିକସଦାତା ଅଟନ୍ତି ବୋଲି ସେ କହିଥିଲେ। ଜିଲ୍ଲାପାଳ ରଥ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

### ● ଲୋ-ଭୋଲଟେଜ ସମସ୍ୟା

# ବୁଲୁନି ଫ୍ୟାନ, ଜଳୁନି ଲାଇଟ୍

ଗଣିଆ,୨୪।୪(ସମିସ): ଓଡ଼ିଶାରେ ବିଶେଷ କରି ଗ୍ରୀଷ୍ମଋତୁରେ ଲୋ-ଭୋଲଟେଜ୍ ଓ ବାରମ୍ବାର ବିଦ୍ୟୁତ୍‌କାଟ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଯାହାଦ୍ୱାରା ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଗରମ ଦିନେ ଲୋକେ ଫ୍ୟାନ୍, ଏସି, କୁଲର ଆଦି ଅଧିକ ବ୍ୟବହାର କରୁଥିବାରୁ ଟ୍ରାନ୍ସଫର୍ମର ଉପରେ ଚାପ ପଡ଼େ ଏବଂ ଲାଇନ୍ ଟ୍ରିପ୍ କରିଥାଏ। ଖରାଦିନେ ଗ୍ରାମାଞ୍ଚଳରେ ପ୍ରବଳ ଗୁଳୁଗୁଳି ସମୟରେ କମ୍ ଭୋଲଟେଜ ଯୋଗୁଁ ଲୋକେ ହନ୍ତସନ୍ତ ହୁଅନ୍ତି। କିଛି ସ୍ଥାନରେ ବିଦ୍ୟୁତ୍ ଚୋରି ଯୋଗୁଁ ମଧ୍ୟ ଏହି ସମସ୍ୟା ବଢ଼ିଥାଏ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିତରଣ କମ୍ପାନୀଗୁଡ଼ିକ ଅଘୋଷିତ ବିଦ୍ୟୁତ୍‌କାଟ୍ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଲୋ-ଭୋଲଟେଜ ଯୋଗୁଁ ଲୋକେ ଦିନରେ ଯେତିକି ଅସୁବିଧା ଭୋଗୁଛନ୍ତି, ରାତିରେ ତା'ଠାରୁ ଅଧିକ। ରାତିରେ ଏସି ଚାଲିବା ତ ଦୂରକଥା ନା ଫ୍ୟାନ ବୁଲୁଛି ନା କୁଲର ଚାଲୁଛି। ଲୋକେ ଗରମରେ ରାତିତମାମ ଉଜାଗର ରହିବାକୁ ବାଧ ହେଉଛନ୍ତି। ଏଥିପାଇଁ ସରକାରଙ୍କୁ ଦାୟୀ କରାଯିବା ସହ ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। କେବଳ ଖରାଦିନେ ଏଭଳି ବିଦ୍ୟୁତକାଟ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଦିନ ଦ୍ୱିପ୍ରହରରେ ଫ୍ୟାନ ବୁଲୁ ନ ଥିବା ବେଳେ ବଲ୍‌ବ ମଧ୍ୟ ମିଞ୍ଜିମିଞ୍ଜି ଜଳୁନି। ଗତ କିଛିଦିନ ଧରି ଏଭଳି ସମସ୍ୟା ଲାଗି ରହିଛି। ଗଣିଆରେ ପାରଦ ୪୦ ଡିଗ୍ରୀ ଛୁଇଁଥିବା ବେଳେ ଫ୍ୟାନ ପବନ ବିନା ବଞ୍ଚିବା କଷ୍ଟକର ହୋଇପଡ଼ିଛି। ଲୋ-ଭୋଲଟେଜ ଫଳରେ ବିଦ୍ୟୁତ୍ ଚାଳିତ ଯନ୍ତ୍ରାଂଶଗୁଡ଼ିକ ଖୁବ୍‌ଶୀଘ୍ର ନଷ୍ଟ ହୋଇପଡୁଛି। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ




ନୟାଗଡ଼,୨୪।୪(ସମିସ): ଚଳିତ ବର୍ଷ ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ କରିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କୁ ସମ୍ମାନ ଜଣାଇବା ପାଇଁ ନୟାଗଡ଼ ଜିଲ୍ଲାପରିଷଦ ସୃଜନ ସଭାଗୃହରେ ଜିଲ୍ଲା ପ୍ରଶାସନ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି।

ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୋଡର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ସହ ସମଗ୍ର ଜିଲ୍ଲାର ଦଶମ ପରୀକ୍ଷା ଫଳାଫଳ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ଶିକ୍ଷକମାନଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ। ଅତିଥିମାନେ ପ୍ରେରଣାଦାୟୀ ସମ୍ଭାଷଣ ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଭିଭାବକଙ୍କୁ ଅଭିପ୍ରେରିତ କରିଥିଲେ। ନୋଡର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଶ୍ରେୟ ସ୍ମରଣିକା ଓ ଛାତ୍ର ଆଶୀର୍ବାଦ ମାର୍ଥା ୯୯.୬ ପ୍ରତିଶତ ମାର୍କ ରଖି ସମଗ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଯୁଗ୍ମ ଟପ୍ପର ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଜିଲ୍ଲାର ୧୮ ଜଣ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ନୋଡର ଆଦର୍ଶ ବିଦ୍ୟାଳୟ ଓଡ଼ିଆ ଶିକ୍ଷୟିତ୍ରୀ ସସ୍ମିତା ଚୌଧୁରୀ ଓ ଇଂରାଜୀ ଶିକ୍ଷୟିତ୍ରୀ ଅନ୍ନଦା ଅନ୍ନପୂର୍ଣ୍ଣା ମଞ୍ଚ ପରିଚାଳନା କରିଥିଲେ।

### ● ଟ୍ରକ-ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା

# ଗର୍ଭବତୀଙ୍କ ସମେତ ୫ ଗୁରୁତର

ନୟାଗଡ଼,୨୪।୪(ସମିସ): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ନୟାଗଡ଼ ଟାଉନଥାନ ଶିମିଳିସାହି ନିକଟରେ ଟ୍ରକ-ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା ଗର୍ଭବତୀ ମହିଳାଙ୍କ ସହ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଶପଲ୍ଲା ବ୍ଲକ କଙ୍କଣମେଣ୍ଢି ଗ୍ରାମର ଧ୍ରୁବ ଚରଣଙ୍କ ସ୍ତ୍ରୀ ବନିତା ମଲ୍ଲିକ, କମିଶନ ଜାନୀ, ତଅପୋଇ ଦେହୁରୀ, ଆଶାକର୍ମୀ ଲାବଣ୍ୟା ସାହୁ ଏବଂ ଆମ୍ବୁଲାନ୍ସ ଡ୍ରାଇଭର। ବନିତାଙ୍କୁ ପ୍ରସବ ପାଇଁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ସୁବିଧା ନ ହେବାରୁ ଆମ୍ବୁଲାନ୍ସ ଯୋଗେ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ତେବେ ଶିମିଳିସାହି ନିକଟରେ ଟ୍ରକ ସହ ଆମ୍ବୁଲାନ୍ସ ଧକ୍କା ହୋଇଥିଲା। ବନିତାଙ୍କ ମୁଣ୍ଡ ଫାଟିଥିବା ବେଳେ ପେଟରେ ମଧ୍ୟ ଆଘାତ ଲାଗିଛି। ତାଙ୍କୁ ସ୍ତ୍ରୀ ଓ ପ୍ରସୁତି ବିଭାଗରେ ଚିକିତ୍ସା କରାଯାଉଛି। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାଇଗୁଣିଆ ସମବାୟ ଉଚ୍ଚ ବିଦ୍ୟାଳୟ ବିଜୟୀ

ନୟାଗଡ଼,୨୪।୪(ସମିସ): ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳ ପଡ଼ିଆରେ ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ ବାଇଗୁଣିଆ ସମବାୟ ଉଚ୍ଚ ବିଦ୍ୟାଳୟ ୨-୦ ଗୋଲରେ ନୟାଗଡ଼ ଫୁଟବଲ କ୍ଲବକୁ ପରାସ୍ତ କରିଛି। ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ସୁଜାତା ସାହୁ, ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ଅଶେଷ କୁମାର ଦାସ, ଅବସରପ୍ରାପ୍ତ ଡିଏସଓ ଆଲୋକ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳକୁ ଆଥଲେଟିକ ଆସୋସିଏସନ ଉପସଭାପତି ଭବାନୀ ଶଙ୍କର ଦାସ, ଯୁଗ୍ମ ସମ୍ପାଦକ ବିନାୟକ ପ୍ରାସାଦ ରାଓ, ସଭ୍ୟ ନିଶିକାନ୍ତ ମହାନ୍ତି ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ପ୍ରଶିକ୍ଷକ ସନ୍ନ୍ୟାସୀ ପ୍ରଧାନ, ଅମିୟ ମୋହନ ସାହୁ, ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ, ଆଶିଷ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚ୍ କମିସନର ଭାବେ କମରୁଦ୍ଦିନ ଖାଁ ଦାୟିତ୍ୱ ତୁଲାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରା ବିବରଣୀ ପ୍ରଦାନ କରିଥିଲେ।



# ପୂର୍ବତନ ଖଣ୍ଡପଡ଼ା ଏସଡିପିଓଙ୍କୁ ଗିରଫ ଓ ବହିଷ୍କାର ଦାବି

### ■ ଭାରତୀୟ ବିକାଶ ପରିଷଦର ଦାବିପତ୍ର ପ୍ରଦାନ

ଖଣ୍ଡପଡ଼ା,୨୪।୪(ସମିସ): ଖଣ୍ଡପଡ଼ାର ବିବାଦୀୟ ପୂର୍ବତନ ଏସଡିପିଓ ମଦନ ମୋହନ ପ୍ରଧାନଙ୍କୁ ଗିରଫ ଏବଂ ଚାକିରିରୁ ବହିଷ୍କାର କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାର ଏବଂ ଗୃହ ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଧାନ ଜଣେ ଅଭ୍ୟାସଗତ ନଷ୍ଟ ଚରିତ୍ର ସରକାରୀ କର୍ମଚାରୀ ଥିବାବେଳେ ଜଣେ ମହିଳାଙ୍କୁ ଫୋନ ଯୋଗେ ପ୍ରେମ ନିବେଦନ ସହ ନଗ୍ନ ଫଟୋ ମାଗିବା ଘଟଣାକୁ ନେଇ କିଛିଦିନ ତଳେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ପରେ ତାଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ଦାୟିତ୍ୱରୁ ପ୍ରତ୍ୟାହାର କରାଯାଇ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)କୁ ପଠାଯାଇଛି। ଏଭଳି ଘଟଣାକୁ ସମଗ୍ର ରାଜ୍ୟବାସୀ ନିନ୍ଦା କରୁଥିବା ବେଳେ ଭାରତୀୟ ବିକାଶ ପରିଷଦ ଏହାକୁ ଦୃଢ଼ ନିନ୍ଦା କରିବା ସହ ଏସଡିପିଓଙ୍କୁ ବହିଷ୍କାର ସହ ଗିରଫ କରିବା ପାଇଁ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଦାବି ଜଣାଇଛନ୍ତି। ତାଙ୍କୁ ଗିରଫ ନ କରି ଡିଜିପି ପକ୍ଷପାତିତା କରିଥିବା ଅଭିଯୋଗ କରିଛି ଭାରତୀୟ ବିକାଶ ପରିଷଦ। ଏସ୍‌ଡିପିଓ ପ୍ରଧାନ ସ୍ଥାନୀୟ ଶାସକ ଦଳର ବିଧାୟକଙ୍କ ଅତି ନିକଟତର ବନ୍ଧୁ ଅଟନ୍ତି। ନିଜକୁ ସୁରକ୍ଷା ଯୋଗାଇବା ପାଇଁ ସେ ସରସକାରଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଭାରତୀୟ ବିକାଶ ପରିଷଦ ଅଭିଯୋଗ କରିଛି। ସେହିପରି ବିଗତ ଦିନରେ ଏକ ସତ୍ୟ ଖବର ପ୍ରସାରଣକୁ ନେଇ ବିଧାୟକ ଉତକ୍ଷିପ୍ତ ହୋଇ ଏସଡିପିଓଙ୍କୁ ପ୍ରବର୍ତ୍ତାଇ ଖଣ୍ଡପଡ଼ା ଏବଂ ଭାପୁର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିରୋଧରେ ମିଥ୍ୟା କେସ ରୁଜୁ କରିଥିବା ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ୩ ଦିନ ମଧ୍ୟରେ ଏସଡିପିଓ ପ୍ରଧାନଙ୍କୁ ଗିରଫ ସହ ଚାକିରିରୁ ବହିଷ୍କାର କରା ନ ଗଲେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇବା ସହ ଏସ୍‌ପି ଓ ଡିଜିପି କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦିଆଯାଇଛି।

# ନଦୀ ତୁଠରୁ ବାଇକ ଚୋରି

କଣ୍ଟିଲୋ,୨୪।୪(ସମିସ): ଶୁକ୍ରବାର ସକାଳ ୧୦ଟାରେ କଣ୍ଟିଲୋ ଶଙ୍ଖାତୋଟାସ୍ଥିତ ମହାନଦୀ ତୁଠରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଣପୁର ଗ୍ରାମର ଆକାଶ ପ୍ରଧାନ ନିଜ ବାଇକ ନେଇ ଗାଧୋଇବା ପାଇଁ ସାଙ୍ଗସାଥୀଙ୍କ ସହ ନଦୀତୁଠକୁ ଆସିଥିଲେ। ଗାଧୋଇ ସାରି ରଖିଥିବା ସ୍ଥାନରେ ଗାଡ଼ି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ତେବେ ଗାଡ଼ି ଚୋରି ହୋଇଥିବା ଜାଣିପାରି କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ଘଟଣାସ୍ଥଳରେ ପହଞ୍ଚି ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅନୁସନ୍ଧାନ ଜାରି ରଖିଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ରଣପୁର,୨୪।୪(ସମିସ): ରାଜସୁନାଖଳାସ୍ଥିତ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠାନର ବାର୍ଷିକ ଉତ୍ସବ 'ମହକ' ଉଦଘାଟିତ ହୋଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଚସ୍ପତି ବିଧାୟିକା ସୁରମା ପାଢ଼ୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟବକ୍ତା ଭାବେ ଭୋପାଳ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଏଡିଇଓ ବନଲତା ବେହେରା, ଓଡ଼ିଶା ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସହକାରୀ ନିର୍ଦ୍ଦେଶିକା ଡ. ସ୍ନେହଲତା ମହାପାତ୍ର, ସ୍ଥାନୀୟ ସମିତି ସଭ୍ୟ ତପନ ପ୍ରଧାନ ଓ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପାଞ୍ଚଗଡ଼ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ମନୋରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ଶିକ୍ଷକ ମାନସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ସହିଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପୁସ୍ତକ ଚରେଇ ବେଡି, ସୁରଭି ଉନ୍ମୋଚନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାନସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ

# ଆସିଲେନି ବିଧାୟକ, ସାଂସଦ; କାମ ଚଳାଇଲେ ପ୍ରତିନିଧି





ନୟାଗଡ଼,୨୪।୪(ସମିସ)

ନୟାଗଡ଼ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ପାଳିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଝାଡ଼େଶ୍ୱର ଦାଶ, ବିଡିଓ ଐଶ୍ୱର୍ଯ୍ୟ ଭୁୟାଁ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ରାଘବ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ତେବେ ବୈଠକରେ ଜିଲ୍ଲାର କୌଣସି ବିଧାୟକ ଓ ସାଂସଦ ଯୋଗଦେଇ ନ ଥିବା ବେଳେ ପଞ୍ଚାୟତିରାଜ ଦିବସ ପାଳନ କେବଳ ଏକ ପ୍ରହସନ ବୋଲି ଅନେକ ଜନପ୍ରତିନିଧି ମତ ରଖିଥିଲେ। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଅନୁପସ୍ଥିତ ଥିବାବେଳେ ଜଣେ ଅଣନିର୍ବାଚିତ ବ୍ୟକ୍ତିଙ୍କୁ ପ୍ରତିନିଧି ଭାବେ କାର୍ଯ୍ୟକ୍ରମକୁ ପଠାଇବାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

**ଗଣିଆ:** ଗଣିଆ ବ୍ଲକ କଲୋନୀ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଚକ୍ରଧର ସେଠୀ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ଏବିଡିଓ ରତନଲାଲ ଲୋହରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବହୁ ଲୋକପ୍ରତିନିଧି, ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ତଥା ଜନସାଧାରଣ ଉପସ୍ଥିତ ଥିଲେ। ବଲାଙ୍ଗିରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଲଇଡି ମାଧ୍ୟମରେ କରାଯାଇଥିଲା। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ୩୭ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

**ଭାପୁର:** ପଞ୍ଚାୟତିରାଜ ଦିବସରେ ଭାପୁର ବ୍ଲକର ୨୦ ପଞ୍ଚାୟତର ୨୭୫ ହିତାଧିକାରୀଙ୍କୁ ଶୁକ୍ରବାର ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଭାପୁର ମହୋତ୍ସବ ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଲୋପାମୁଦ୍ରା ରଥ ଯୋଗଦେଇଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ରାସନ କାର୍ଡ ଏବଂ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିପିଇଓ ଅନିତ କୁମାର ବଡ଼ସେଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୨ ପଞ୍ଚାୟତରୁ ମିଶନ ଶକ୍ତି ମହିଳା, ଏସଏଚଜି ମହିଳା, ପିଇଓ, ଜିଆରଏସ ତଥା ଲୋକପ୍ରତିନିଧି ସାମିଲ ହୋଇଥିଲେ।

**ଓଡ଼ଗାଁ:** ଓଡ଼ଗାଁ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ବ୍ଲକ ରୋଡ୍ କଲ୍ୟାଣ ମଣ୍ଡପରେ ପାଳିତ ହୋଇଛି। ବଲାଙ୍ଗିରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହର ସିଧାପ୍ରସାରଣ କରାଯାଇଥିଲା। ଏହି ଅବସରରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିର ସୁବିନିଯୋଗ ପାଇଁ ଡିମିସର ଗ୍ରାମ ପଞ୍ଚାୟତ ଓ ପଞ୍ଚଦଶ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ସଠିକ ବ୍ୟବହାର ପାଇଁ ରବିଗାଡ଼ିଆ ଗ୍ରାମ ପଞ୍ଚାୟତକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପଞ୍ଚାୟତର ନିଜସ୍ୱ ସମ୍ବଳ ଆୟ ବୃଦ୍ଧିରେ ଗୋଡ଼ିପଡ଼ା ପଞ୍ଚାୟତ ପ୍ରଥମ, ଶରଣକୁଳ ଦ୍ୱିତୀୟ ଏବଂ କୁରାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା, ଏବିଡିଓ କବିତା କୁମାରୀ ପ୍ରଧାନଙ୍କ ସମେତ ବ୍ଲକର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ନୂତନ ଜେଏମ୍‌ଏଫ୍‌ସିଙ୍କ ଯୋଗଦାନ



ବେଗୁନିଆ, ୨୪।୪ (ସମିସ): ବେଗୁନିଆ କୋର୍ଟରେ ନୂତନ ଜେଏମଏଫସି ଭାବେ ଗାର୍ଗୀ ରାୟ ଶୁକ୍ରବାର ଦିନ ଯୋଗ ଦେଇଛନ୍ତି। ଏହା ପୂର୍ବରୁ କବିସୂର୍ଯ୍ୟନଗରରେ ଜେଏମଏଫସି ଭାବେ କାର୍ଯ୍ୟ କରୁଥିଲେ । ସେ ଏଠାରେ ଯୋଗ ଦେବା ପରେ ଓକିଲ ସଂଘ ତରଫରୁ କୋର୍ଟରେ ଆଇନଜୀବୀ ପ୍ରଦୀପ୍ତ କୁମାର ମଙ୍ଗରାଜ, ମୁନିରା ବେଗମ ଏବଂ ନିରଞ୍ଜନ ରଥଙ୍କ ସହ ଅନ୍ୟମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଠାରେ କାର୍ଯ୍ୟରତ ଜେଏମ ଏଫସି ଆଦର୍ଶ କୁମାର ବେହେରାଙ୍କର ବରଗଡ଼ ଜିଲ୍ଲାକୁ ବଦଳି ହେବା ପରେ ଦୀର୍ଘଦିନ ଧରି ମହକିଲ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନୂତନ ଜେଏମଏଫସି ଙ୍କ ଯୋଗଦାନ ପରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମହକିଲ ମାନେ ଆଶା ବ୍ୟକ୍ତ କରିଛନ୍ତି।

# କବି ଦେବେନ୍ଦ୍ର ବାରିକ ସମ୍ମାନିତ



ଖୋର୍ଦ୍ଧା,୨୪।୪(ସମିସ): ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମା' ମଙ୍ଗଳା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ପାନବରଜ ସାଇନଗରସ୍ଥିତ କବି ତଥା ସାହିତ୍ୟିକ ଦେବେନ୍ଦ୍ର ନାରାୟଣ ବାରିକଙ୍କୁ ମଧୁସୂଦନ ଦାସ ସମ୍ମାନରେ ସମ୍ମାନିତ କରାଯାଇଛି। ଯାଜପୁର ଦଶରଥପୁର ଅଂଚଳର ମୂଳ ବାସିନ୍ଦା ଶ୍ରୀ ବାରିକଙ୍କର ଓଡ଼ିଆ ଗଳ୍ପ ଓ କବିତା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଯାଜପୁରରୁ ପ୍ରକାଶିତ 'ବର୍ତିକା' ପତ୍ରିକାର ସମ୍ପାଦନା ମଣ୍ଡଳୀର ସେ ବିଶିଷ୍ଟ ଐତିହା ଅନ୍ୟତମ ସଦସ୍ୟ ଓ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ର ସଦସ୍ୟ। ତାଙ୍କର ଏହି କୃତିତ୍ୱରେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଡଃ. ବୃନ୍ଦାବନ ପଣ୍ଡା, ବର୍ତିକା ର ମୁଖ୍ୟ ସମ୍ପାଦକ ଡ. ବିଜୟ ମୋହନ ରାୟ ଓ ସଭାପତି ଉମାକାନ୍ତ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଇଡେନ୍ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ବେଗୁନିଆ,୨୪।୪(ସମିସ): ବେଗୁନିଆ ବ୍ଲକ ବୋତଲମା ପଂଚାୟତ ଅନ୍ତର୍ଗତ ପାଟଣାହାଟ ସ୍ଥିତ ଇଡେନ୍ ସ୍କୁଲର ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଲଲାଟେନ୍ଦୁ ପାଟଶାଣୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳିଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରା, ବିଦ୍ୟାଳୟ ପ୍ରତିଷ୍ଠାତା ତନୁଜା ପାଟଶାଣୀ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଭାଇସ ପ୍ରିନ୍ସପାଲ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକୁଳା ଡ୍ରେନ୍ ପାଲଟିଛି ମରଣଯନ୍ତା




ବେଗୁନିଆ,୨୪।୪ (ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ସମ୍ମୁଖରେ ମୁକୁଳା ଡ୍ରେନଟି ମରଣ ଯନ୍ତା ସଦୃଶ ପଡ଼ି ରହିଛି। ଏକ ହାଇୱା ଗାଡ଼ି ଅଜାଣତରେ ଚଢ଼ି ଯିବା ଫଳରେ ଉପରେ ଢ଼ଳେଇ ହୋଇଥିବା ସ୍ଲାବଟି ଭାଙ୍ଗି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଫଳରେ ପ୍ରତିଦିନ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ,ପଥଚାରୀ ଓ ବୁଲା ଗୋରୁଙ୍କ ପାଇଁ ବିପଦପୂର୍ଣ୍ଣ ସମସ୍ୟା ହୋଇ ବିଭାଗୀୟ ଅଧିକାରୀ ଓ ଠିକାଦାର ମଧ୍ୟରେ ମଧୁ ଚନ୍ଦ୍ରିକା ହେତୁ ଦୀର୍ଘ ଦିନ ଧରି ମୁକୁଳା ହୋଇ ପଡ଼ି ରହିଛି। ଏହା ବର୍ଷା ସମୟରେ ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ବେଳେ ମୁକୁଳା ରହିଥିବାରୁ କେତେବେଳେ କ'ଣ ଅଘଟଣ ଘଟିବ ତାହା ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି। ଏହି ଘଟଣାକୁ ନେଇ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁଙ୍କୁ ପଚାରିବାରୁ ଏହା ଏକ ଦାୟିତ୍ୱ ପୂର୍ଣ୍ଣ ସମସ୍ୟା ହୋଇ ଥିବା ତୁରନ୍ତ ମରାମତି ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ବିଭାଗୀୟ ଯନ୍ତ୍ରୀ ରାକେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ଟେଣ୍ଡରରେ ମରାମତି କାର୍ଯ୍ୟ ସାରିବାକୁ ଏକ ବର୍ଷ ରହିଥିବା ବେଳେ ଠିକାଦାର ଗୋଟିଏ କାର୍ଯ୍ୟ କରିବା ପାଇଁ ଅମଙ୍ଗ ହେଉଥିବାରୁ ଆଉ କିଛି ମରାମତି କାର୍ଯ୍ୟ ଆସିଲେ ଏକକାଳୀନ କରାଯିବ ବୋଲି ଯୋଗାଯୋଗରେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ଖୋର୍ଦ୍ଧା,୨୪।୪(ସମିସ)



ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ ଯୋଗ ଦେଇ ମହିଳା ସଶକ୍ତିକରଣ ରେ ସମାଜର ଆର୍ôଥକ ମେରୁଦଣ୍ଡ ସୁଦୃଢ଼ ହୋଇ ଚାଲିଛି, ପ୍ରତ୍ୟେକ ନାରୀ ପଂଚାୟତର ଉନ୍ନତି ପାଇଁ ନିଜର ଘର ଭଳି ସେବା ଯୋଗାଇ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱରେ ଏକାଗ୍ରତା ଏବଂ ପ୍ରତ୍ୟେକ କାର୍ଯ୍ୟରେ ଉଭୟ ପୁରୁଷ ଓ ନାରୀ ସଭାଗିତାରେ ସଚେତନ ହୋଇ ସଠିକ୍ ଭାବେ କାର୍ଯ୍ୟ ନିର୍ବାହ କଲେ ପଂଚାୟତ ରାଜ ବ୍ୟବସ୍ଥା ଆହୁରି ସୁଦୃଢ ହୋଇ ରାଜ୍ୟ ତଥା ରାଷ୍ଟ୍ରର ଦୃତ ବିକାଶ ଅଧିକରୁ ଅଧିକ ଆଗକୁ ବଢ଼ି ସୁଦୃଢ଼ ହେବ ବୋଲି କହିଥିଲେ।

ଅନ୍ୟତମ ଅତିଥିଭାବେ ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା ଯୋଗଦେଇ ପଞ୍ଚାୟତ ପ୍ରତିନିଧିମାନେ ତ୍ୟାଗର ସହ କାର୍ଯ୍ୟ କରିବା ଦ୍ୱାରା ପଂଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହେଉଛି। ସରକାରୀ କର୍ମଚାରୀମାନେ ମଧ୍ୟ ଲୋକଙ୍କୁ ଓ ଜନପ୍ରତିନିଧିଙ୍କୁ ବୁଝାଇ ଯୋଜନା ପ୍ରଣୟନରେ କର୍ତବ୍ୟ ନିର୍ବାହ କଲେ ପଂଚାୟତ ରାଜ ବ୍ୟବସ୍ଥା ଆଗକୁ ଯିବ ଏବଂ ପଲ୍ଲୀରୁ ଦିଲ୍ଲୀ ବିକାଶ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଖୋର୍ଦ୍ଧା ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବିଧାୟକ ପ୍ରତିନିଧି ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇଥିଲେ। ବଲାଙ୍ଗୀର ରୁ ରାଜ୍ୟସ୍ତରୀୟ ଜାତୀୟ ପଂଚାୟତି ରାଜ ଦିବସର ସିଧା ପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା।

ପରେ ଅନ୍ତ୍ୟୋଦୟଅନ୍ନ ଯୋଜନା ରେ ଶ୍ରେଷ୍ଠ କଁପୁର ପଂଚାୟତ, ମନରେଗାରେ ବାଜପୁର ପଂଚାୟତ, ରାଜ୍ୟ ଅଂଶଧନ ପ୍ରକଳ୍ପ କାର୍ଯ୍ୟ କାରିତାରେ ନାଳିପଡା ଅର୍ଜୁନପୁର ପଂଚାୟତ, କେନ୍ଦ୍ର ଯୋଜନା ଅଂଶ ଧନ କାର୍ଯ୍ୟ କାରିତାରେ ଗୋଳାବାଇ ପଂଚାୟତକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସେହିପରି ଅନ୍ତୋଦ୍ୟ ଗୃହ ଯୋଜନାରେ ଚୟନିତ ହିତାଧିକାରୀ କଁପୁର ପଂଚାୟତଲକ୍ଷ୍ମୀପ୍ରିୟା ଭୂଜବଳ, ଟାଙ୍ଗିଆପଡ଼ା ପଂଚାୟତର ମିନତି ସାହୁ, ବାଜପୁର ପଂଚାୟତ ର ପ୍ରଭାତୀ ଦାସ, ବଡ଼ସାହି ପଂଚାୟତ ର ନିର୍ମଳା ସାହୁ ଙ୍କୁ ସହାୟତା ପ୍ରଥମ କିସ୍ତି ରାଶି ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ବ୍ଲକର ହିତାଧିକାରୀ, ସର୍ବାଧିକ ବ୍ୟାଙ୍କ୍ ଲିଙ୍କେଜ୍ ବ୍ଲକ୍, ବ୍ୟାଙ୍କ୍ ଏବଂ ଶ୍ରମ ଭିତିକ ଯୋଜନା ମହାତ୍ମା ଗାନ୍ଧୀ ଗ୍ରାମୀଣ ଯୋଜନା ଶ୍ରେଷ୍ଠତା ପ୍ରତିପାଦନ ପାଇଁ ଖୋର୍ଦ୍ଧା ବ୍ଲକ ପ୍ରଥମ ସ୍ଥାନ, ଜଟଣୀ ବ୍ଲକ୍ ଦ୍ୱିତୀୟ ସ୍ଥାନ ଏବଂ ବାଣପୁର ବ୍ଲକ୍ ତୃତୀୟ ସ୍ଥାନ ରଖିଥିବାରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଖୋର୍ଦ୍ଧା ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**ବେଗୁନିଆ** : ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତା ଓ ଏବିଡିଓ କଳ୍ପନା ଶାସମଲଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟଅତିଥି ଓ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତି ରାଜ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ସରପଞ୍ଚ/ସମିତି ସଭ୍ୟମାନଙ୍କୁ ଅବଗତ କରାଇ ଥିଲେ। ଏହି ଅବସରରେ ୨୨ଟି ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା।

# ପିଲାଙ୍କୁ ମିଳିଲା ପାଠ୍ୟ ପୁସ୍ତକ

ଟାଙ୍ଗୀ,୨୪।୪ (ସମିସ): ନୂତନ ଶିକ୍ଷାବର୍ଷ ଆରମ୍ଭ ହେବା ପରଠାରୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସୁଥିଲେ ମଧ ପାଠ୍ୟ ପୁସ୍ତକ ମିଳି ନଥିଲା। ଆଜି ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ,ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ସମସ୍ତ ବିଷୟର ପାଠ୍ୟ ପୁସ୍ତକ ଆସି ପାରି ନାହିଁ। ଗଣିତ ବିଜ୍ଞାନ ସାହିତ୍ୟ ଇଂରାଜୀ ଭଳି ମୁଖ୍ୟ ବିଷୟର ବହି ମିଳିନାହିଁ। ଖୁବ୍‌ଶୀଘ୍ର ବାକି ଥିବା ପୁସ୍ତକ ପ୍ରଦାନ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି । ଖରା ଛୁଟି ପୂର୍ବରୁ ସମସ୍ତ ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଶା ରଖିଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଖୋର୍ଦ୍ଧା,୨୪।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମ ରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକ ଜଣଙ୍କ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ହେଲେ ସେହିଗ୍ରାମ ର ବିଭୁ ବିକାଶ ବଡଜେନା (୪୧)। ପୁଅକୁ ବଂଚାଇବାକୁ ଆସିଥିବା ମା'ଙ୍କୁ ମଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ପୁଲିସ ୧୦୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉଭୟ ଦୁଇ ଅଭିଯୁକ୍ତ ବିଭୁ ବିକାଶଙ୍କ ସମ୍ପର୍କରେ ନିଜ ବଡ ଭାଇ ଏବଂ ପୁତୁରା ବୋଲି ଜଣା ପଡିଛି।

# ରାଜ୍ୟସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦଯାପିତ

ବେଗୁନିଆ,୨୪।୪ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ତିନି ଦିନ ଧରି ଚାଲିଥିବା ଷଷ୍ଠ ବାର୍ଷିକ ରାଜ୍ୟ ସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦଯାପିତ ହୋଇଛି। ଏଥିରେ ବଡବେରଣା ଗୋପୀନାଥ ଦେବ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟକ ସୁଧାଂଶୁ ଶେଖର ମହାପାତ୍ର, ଅଖିଳ ବେହେରା, ଅଭିଜିତ ହୋତା,ଖୋର୍ଦ୍ଧା ଇଟିପୁର ମହାବୀର ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳର ଗାୟକ କୃଷ୍ଣଚନ୍ଦ୍ର ଗୋଚ୍ଛାୟତ, ଖୋର୍ଦ୍ଧା ନୂଆଗାଁ ଗୋପାଳ ଜୀଉ ସଙ୍କୀର୍ତ୍ତନ ମଣ୍ଡଳ ଗାୟକ ସୁଧାଂଶୁ ଶେଖର ସାମନ୍ତସିଂହାର, ଭାଗବତ ବାସୁଦେବ ସଙ୍କୀର୍ତ୍ତନ ମଣ୍ଡଳ ଖୋର୍ଦ୍ଧା ବୋଲଗଡ ଅସରଳା ଗାୟକ ରତ୍ନ ମାୟାଧର ହୋତା, ନୟାଗଡ଼ କଜଳିଆପଲ୍ଲୀ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ରସ ବିଶାରଦ ଚନ୍ଦ୍ରମଣି ମାଝୀ, ବାବା ବିଶ୍ୱନାଥ ସଙ୍କୀର୍ତ୍ତନ ମଣ୍ଡଳୀ ଇଟିଲୋ ନିମାପଡ଼ା ଗାୟକ ରାଜଲକ୍ଷ୍ମୀ ବାରିକ(ଲୁସି) ଓ ବାବା ପଞ୍ଚମୁଖି ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ବଡତୋଟା ଗାୟକ ଦିବ୍ୟଜ୍ୟୋତି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବିଦଗ୍ଧ କଳାକୁ ପରିବେଷଣ କରିଥିଲେ।

# ଯନ୍ତ୍ରଣା ଦେଉଛି ରେଳ ଫାଟକ



ନିରାକାରପୁର, ୨୪।୪ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନୂଆ ଜଗନ୍ନାଥ ସଡ଼କ ଏବେ ପାଲଟିଛି ସାଧାରଣ ଯାତ୍ରୀଙ୍କ ପାଇଁ ଏକ ବଡ଼ ସମସ୍ୟାର ପେଣ୍ଠସ୍ଥଳୀ। ଏହି ସଡ଼କ ଉପରେ ଥିବା ୨୧୯ ନମ୍ବର ରେଳ ଫାଟକ ବାରମ୍ବାର ପଡୁଥିବା କାରଣରୁ ଯାତ୍ରୀମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ବିଶେଷ କରି ପ୍ରତି ୫ରୁ ୧୦ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଅତିକ୍ରମ କରୁଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହୁଛି। ଅଭିଯୋଗ ଅନୁଯାୟୀ, ଅନେକ ସମୟରେ ଏକା ସାଙ୍ଗରେ ଦୁଇରୁ ତିନୋଟି ଟ୍ରେନ୍ ଅତିକ୍ରମ କରୁଥିବାରୁ ରେଳ ଫାଟକ ଜଗୁଆଳି ଦୀର୍ଘ ସମୟ ପର୍ଯ୍ୟନ୍ତ ଫାଟକ ଖୋଲୁ ନାହାନ୍ତି। ଏହି ବ୍ୟସ୍ତବହୁଳ ରାସ୍ତାରେ ନିୟମିତ ଯାତାୟାତ କରୁଥିବା ଆମ୍ବୁଲାନ୍ସ, ସ୍କୁଲ ବସ୍ ଏବଂ ନିତ୍ୟଯାତ୍ରୀମାନେ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସାଜିଛି "ମାଡ଼ ଉପରେ କୋରଡ଼ା' ସଦୃଶ। ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ଖରାରେ ୨୧୯ ନମ୍ବର ରେଳ ଫାଟକ ପାଖରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ଦ୍ୱାରା ଦୁଇ ଚକିଆ ଯାନରେ ଥିବା ଯାତ୍ରୀମାନେ ଅସୁସ୍ଥ ହୋଇ ପଡୁଛନ୍ତି। ରାସ୍ତାରେ ଛାଇ ନଥିବା ଏବଂ ଖରାର ପ୍ରଖରତା ଯୋଗୁଁ ବୟସ୍କ ବ୍ୟକ୍ତି ଓ ଛୋଟ ପିଲାମାନଙ୍କ ଅବସ୍ଥା ଅତ୍ୟନ୍ତ

**ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛନ୍ତି ଯାତ୍ରୀ**

ଶୋଚନୀୟ ହୋଇପଡୁଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନେ ରେଳବାଇ ବିଭାଗ ନିକଟରେ ଏକ ଜରୁରୀ ଦାବି କରିଛନ୍ତି। ଯେ ପର୍ଯ୍ୟନ୍ତ ଏଠାରେ କୌଣସି ସ୍ଥାୟୀ ସମାଧାନ ବା ଓଭରବ୍ରିଜ୍ ନିର୍ମାଣ ହୋଇନାହିଁ, ସେପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଖରାରୁ ରକ୍ଷା କରିବା ପାଇଁ ଫାଟକର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଟେଣ୍ଟ ବା ସେଡ୍ ବ୍ୟବସ୍ଥା କରିବାକୁ ଦାବି ଜୋର ଧରିଛି। ଏହା ସହିତ ସେଠାରେ ପାନୀୟ ଜଳର ସୁବିଧା କରିବାକୁ ମଧ ସାଧାରଣରେ ମତ ପ୍ରକାଶ ପାଇଛି।ରେଳ ବିଭାଗ ଏହି ସମ୍ବେଦନଶୀଳ ଘଟଣା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ନିବେଦନ କରିଛନ୍ତି।

# ଶ୍ରମିକ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ



ଜଟଣୀ, ୨୪।୪ (ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଥମ ବ୍ରାଞ୍ଚ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ହାଜି ମହମଦ ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱ ରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଆୟ ବ୍ୟୟ ର ହିସାବ ସହିତ ସର୍ବସନ୍ମତି କ୍ରମେ ସନ୍ତୋଷ କୁମାର ସିଂକୁ ଟିଆରଡି ବିଭାଗର କ୍ୱାଟର କମିଟି ସଭ୍ୟ ପାଇଁ ମନୋନୀତ କରାଯାଇଥିଲା । କର୍ମଚାରୀଙ୍କ ମୌଳିକ ଅସୁବିଧା ସମ୍ପର୍କରେ ଦୀର୍ଘଦିନରୁ ମଣ୍ଡଳ ସହକାରୀ ଯନ୍ତ୍ରୀ ରବି ଶଙ୍କର ପୋଦାର, ସେଟେଲମେଣ୍ଟ ଓ ଡ଼ି କେ ସ୍ୱାଇଁ, ଟ୍ରାକଙ୍କୁ ଇନଫର୍ମାଲ ମିଟିଙ୍ଗ ପାଇଁ ଦିଆଯାଇଥିବା ଦାବି ଗୁଡିକ ଆଜି ପର୍ଯ୍ୟନ୍ତ ପୂରଣ ହୋଇନଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଥିଲା । ସେଥିପାଇଁ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଉଭୟ ମଣ୍ଡଳ ସହକାରୀ ଯନ୍ତ୍ରୀଙ୍କୁ ଭେଟି ଅସନ୍ତୋଷ ପ୍ରକାଶ କରିବା ସହିତ ବିଳମ୍ବ ପାଇଁ ପ୍ରଶ୍ନ କରିଥିଲେ । ସହକାରୀ ଯନ୍ତ୍ରୀ ଶ୍ରୀ ପୋଦାର କାର୍ଯ୍ୟ ସମୀକ୍ଷା ନିମନ୍ତେ କନିଷ୍ଠ ଯନ୍ତ୍ରୀ ଦୀପ୍ତି କାନ୍ତ ନାୟକ, ନୟନ କିଶୋର ଗିରି ଓ ଶ୍ରୀୟା ମହାନ୍ତିଙ୍କୁ ଡାକି ବିସ୍ତୃତ ଆଲୋଚନା ସହିତ ତତ୍କାଳ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘଦିନର ଦାବିଗୁଡିକ ମଧ୍ୟରେ ମୋଟରୀ ଷ୍ଟେସନ ଲେବୁଲ କ୍ରସିଂଙ୍ଗ ୮ର ନୂତନ ଗୁମୁଟି ନିର୍ମାଣ, ସାକ୍ଷୀଗୋପାଳ ଟିଆରଡି ଡିପୋ, କଲୋନୀ ବାସି ଓ ବ୍ୟସ୍ତବହୁଳ ମାଳାତିପାଟପୁ ଷ୍ଟେସନ ଠାରେ ବିଶୁଦ୍ଧ ପିଇବା ପାଣି ଯୋଗାଣ, ଖୋର୍ଦ୍ଧାରୋଡ ଠାରେ ଅବସ୍ଥିତ ରେତଙ୍ଗ କଲୋନୀ , ଆକାଉଣ୍ଟ କଲୋନୀ ଓ ଟ୍ରାଫିକ କଲୋନୀ ର ଷ୍ଟାଫ କ୍ୱାର୍ଟର ଗୁଡିକ ସମସ୍ତ ରୁମ ଟାଇଲ, ଅତ୍ୟାଧୁନିକ ରୋଷେଇଘର, ଶୌଚାଳୟ, ଆଗ ପଛ ସିମେଣ୍ଟ ଚଟାଣ ଓ ନାଳ ଗୁଡିକ ପୁନଃଉଦ୍ଧାର କାମ ସହିତ ବିଦ୍ୟୁତ ବିଭାଗ (ଏସି ଓ ଟ୍ରେନ ଲାଇଟିଂ ) ବରିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଶେଷ କରି ମହିଳା କର୍ମଚାରୀଙ୍କ ପାଇଁ ଶୌଚାଳୟ ନିର୍ମାଣ ଭଳି ବିଭିର୍ନ ଜରୁରୀକାଳୀନ କାର୍ଯ୍ୟ ଉପରେ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଓ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ର, ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଜି ରାମମୋହନ ରାଓ , ସହ ସମ୍ପାଦକ ସୁନୀଲ ପରିଡା, ରାକେଶ ଘଡେଇ, ଯୁବ ସଂଯୋଜକ ସନ୍ତୋଷ ଖଟେଇ , ରଜତ ମହାନ୍ତି ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ବୋଝେଇ ଦୁଇ କାର୍ ଜବତ, ୪ ଗିରଫ

ଖୋର୍ଦ୍ଧା,୨୪।୪(ସମିସ)



ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଓ ଜଟଣୀ ଅବକାରୀ ବିଭାଗ ପକ୍ଷରୁ ଆଜି ପୃଥକ ସ୍ଥାନରେ ଚଢଉ କରାଯାଇ ଗଞ୍ଜେଇ ବୋଝେଇ ଦୁଇଟି କାରକୁ ଜବତ କରାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ କନ୍ଧମାଳ ଜିଲ୍ଲା ଖଜୁରୀପଡା ଅନ୍ତର୍ଗତ କେରଡିଗୁଡାର ପ୍ରତୀକ କୁମାର ଜାନି (୨୦), ବିଶିପଡା ଥାନା ଅନ୍ତର୍ଗତ

**କନ୍ଧମାଳରୁ ଭୁବନେଶ୍ୱର ହେଉଥିଲା ଚାଲାଣ**

କ୍ରାଣ୍ଡିମାସ୍କାର ବରୁଣ ବଗର୍ତୀ (୨୦), କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦରଥାନା ଅଂଚଳ କ୍ରାଣ୍ଡିମାସ୍କାର ବାବୁନ କୁମାର ବଗର୍ତୀ (୨୭) ଏବଂ ଟିକିରିପଡାର ଅଶୋକ କୁମାର ବଗର୍ତୀ (୨୪) ବୋଲି ଆଜି ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଗାଡି ଗୁଡିକରୁ ୮୦କେଜି ଓଜନର ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ୮ଲକ୍ଷ ହେବ ବୋଲି କହିଥିଲେ। ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀଙ୍କ ସୂଚନା ଅନୁସାରେ, କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଧରିବା ଲାଗି ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ପୃଥକ ସ୍ଥାନକୁ ଟିମ୍ ପଠାଯାଇଥିଲା। ସକାଳ ୬ଟା ସମୟରେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗାପଡ଼ା ଛକ ନିକଟରେ ଛପି ରହିଥିଲା। ଗଙ୍ଗପଡା ଛକ ନିକଟ ସର୍ଭିସ ରୋଡ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି.୦୨ଡିଇ- ୯୭୧୫ନଂ ବିଶିଷ୍ଟ ଏକ କାର ଉପରେ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିଥିଲେ। ଯାଂଚବେଳେ ଗାଡି ଭିତରେ ଜରିବସ୍ତାରେ ବନ୍ଧା ହୋଇ ରହିଥିବା ୩୬କେଜି ଗଞ୍ଜେଇ ସମେତ ଉକ୍ତ କାର ଓ ୨ଟି ମୋବାଇଲ ଫୋନକୁ ଜବତ କରିଥିଲେ। ଜବତ ଗଞ୍ଜେଇ ର ମୂଲ୍ୟ ୩ଲକ୍ଷ ୬୦ହଜାର ହେବ। ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ପ୍ରତୀକ ଓ ବରୁଣ କୁ ୨୫/୨୬ନଂ ମାମଲାରେ ଗିରଫ କରିଥିଲେ।

ସେହିପରି ଦିନ ପ୍ରାୟ ୧୧ଟାବେଳେ ଓଡି.୩୩- ଏପି-୨୦୮୧ ନଂ ବିଶିଷ୍ଟ କାର ଯୋଗେ ଜଟଣୀ ଦେଇ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ବେଳେ ଜଟଣୀ ଅବକାରୀ ବିଭାଗ ପକ୍ଷରୁ ବଡତୋଟା ବେଲପଡା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରେ ଚଢଉ କରାଯାଇ ଉକ୍ତ କାର କୁ ଜବତ କରାଯାଇଛି। ଗାଡି ଭିତରୁ ଜରିବସ୍ତାରେ ବନ୍ଧା ହୋଇଥିବା ୪୪କେଜି ଗଞ୍ଜେଇ ଓ ଉକ୍ତ କାର୍ କୁ ଜବତ କରିବା ସହ ଚାଲାଣ ରେ ସମ୍ପୃକ୍ତ ବାବୁନ୍ ଓ ଅଶୋକ କୁ ଅବକାରୀ ଟିମ୍ ୯/୨୬ନଂ ମାମଲା ରେ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ଗଞ୍ଜେଇ ର ମୂଲ୍ୟ ୪ଲକ୍ଷ ୪୦ହଜାର ହେବ ବୋଲି ବିଭାଗ ଆକଳନ କରିଛି। ଏହି ଚଢାଉରେ ଓଆଇସି ଜଟଣୀ ସୁଜିତ କୁମାର ମୁଦୁଲି, ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଏସଆଇ ମିତ୍ରବିନ୍ଦା ପରିଡା, ଏଏସଆଇ ସମରେନ୍ଦ୍ର ସାମନ୍ତସିଂହାର, ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ଏଏସଆଇ ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ୍, ଜିତେନ୍ଦ୍ର ବେହେରା, ସତ୍ୟବନ୍ତ ମାଝୀ, ପ୍ରଣବ ବେହେରା, ଟୁଟୁ ସାହୁ, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ ବୋଲି ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ଙ୍କ ସମେତ ସଦର ଇନ୍ସପେକ୍ଟର ରାଧାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ; ବରଗଡ଼ ଜିଲ୍ଲା ଦଳ ବିଜୟୀ



ଖୋର୍ଦ୍ଧା,୨୪।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଆରମ୍ଭ ହୋଇଛି। ପ୍ରାରମ୍ଭିକ ମ୍ୟାଚ୍‌ରେ ବରଗଡ ଜିଲ୍ଲା ଦଳ କୋରାପୁଟ ଜିଲ୍ଲା ଦଳ କୁ ପରାସ୍ତ କରି ବିଜୟୀ ହୋଇଛି। ବରଗଡ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ୱିକେଟ୍ ହରାଇ ଏଞ୍ଜେଲ ରାଜଙ୍କ ୫୭ ରନ୍ ଓ ଲିପସା ରଥ ଙ୍କ ୨୯ ରନ୍ ସହାୟତାରେ ୧୪୫ ରନ୍ କରିଥିଲେ। ଜବାବ ରେ କୋରାପୁଟ ଦଳ ୧୮.୫ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୧ ରନ୍ ରେ ସୀମିତ ରହିଥିଲା। ଦଳ ତରଫରୁ ସୁଧୃତି ରାଉତ ୨୫ ରନ୍ କରିଥିବାବେଳେ ବରଗଡ ପକ୍ଷରୁ ଦେବାଂଶି, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପ୍ରାରମ୍ଭରେ ଏହି ଜୋନାଲ ମ୍ୟାଚ୍‌କୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌ର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍ ର ସଭ୍ୟ ବିବେକାନନ୍ଦ ବୋଷ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିଂଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ କୁ ପରିଚାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ମହିଳା ଜିଲ୍ଲା ଦଳର ଦିବ୍ୟାନ୍ସି ପଣ୍ଡା ଓ ସୌମ୍ୟା ପାଟଶାଣୀ ଙ୍କୁ ଜିଲ୍ଲା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟର ରୂପେ ସତ୍ୟ ତ୍ରୀପାଠୀ, ରାଜେଶ ମହାପାତ୍ର ଓ ସ୍କୋରର ଭାବେ ବିଶାଳ ପରିଡା କାର୍ଯ୍ୟ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୮୦ ● ପାଉଣ୍ଡ ୧୨୬.୭୬
- ୟୁରୋ ୧୦୯.୯୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୨୦୦ (ଭୁବନେଶ୍ୱର)
- ରୁପା : ୨,୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୬୪.୦୦
- ନିଫ୍ଟି ୨୩,୮୯୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ବ୍ୟାଙ୍କକୁ ସାଇବର୍ ଆକ୍ରମଣ ଭୟ

## ମୁହୂର୍ତ୍ତକରେ ଖାଲି ହୋଇଯାଉଛି ଆକାଉଣ୍ଟ




### ବ୍ୟାଙ୍କ ମୁଖ୍ୟଙ୍କ ସହ ଅର୍ଥମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

### 'କ୍ଲାଉଡ୍ ମାଇଥୋସ୍' ଏଆଇ ମଡେଲରୁ ସମ୍ଭାବ୍ୟ ବିପଦ

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଭାରତୀୟ ବ୍ୟାଙ୍କଗୁଡ଼ିକୁ ବର୍ତ୍ତମାନ ସାଇବର ଆକ୍ରମଣ ଭୟ ଘାରିଛି। ଏ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟାଙ୍କ ମୁଖ୍ୟମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ଆନ୍ଥ୍ରୋପିକର 'କ୍ଲାଉଡ୍ ମାଇଥୋସ୍' ଏଆଇ ମଡେଲ୍ ରୁ ବ୍ୟାଙ୍କିଂ କ୍ଷେତ୍ର ପ୍ରତି ସମ୍ଭାବ୍ୟ ବିପଦ ବିଷୟରେ ଆଲୋଚନା କରାଯାଇଛି। ଏହି ଏଆଇ ମଡେଲ୍ ଏତେ ଉନ୍ନତ ଯେ ହ୍ୟାକର୍ସମାନେ ଦଶନ୍ଧି ପୁରୁଣା, ଅଜଣା ଦୁର୍ବଳତାକୁ ସୁଯୋଗ ନେଇ ଆର୍ଥିକ କ୍ଷେତ୍ରରେ ସାଇବର ଆକ୍ରମଣ ଆରମ୍ଭ କରିପାରିବେ। ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ଆଇଟି ସିଷ୍ଟମକୁ ସୁରକ୍ଷିତ ରଖିବାକୁ ଏବଂ ଗ୍ରାହକଙ୍କ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ କହିଛି ଯେ ମାଇଥୋସ୍ ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ଅଭୂତପୂର୍ବ। ଏଥିପାଇଁ ଆର୍ଥିକ ପ୍ରତିଷ୍ଠାନ ଏବଂ ବ୍ୟାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଉଚ୍ଚସ୍ତରୀୟ ପ୍ରସ୍ତୁତି ଆବଶ୍ୟକ।

ଏହି ବିପଦକୁ ସମାଧାନ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଏବେ ଏକ ଢାଞ୍ଚା ତିଆରି କରିବାକୁ ଯୋଜନା କରୁଛି ଯାହା ହ୍ୟାକିଂ ପ୍ରୟାସକୁ ଚିହ୍ନଟ କରିପାରିବ ଏବଂ ତୁରନ୍ତ ପ୍ରତିକ୍ରିୟା ଦେଇପାରିବ। ସାଇବର ଆକ୍ରମଣ ବିଷୟରେ ସୂଚନା ବାଣ୍ଟିବା ପାଇଁ ଏକ ରିଅଲ୍-ଟାଇମ୍ ଇଣ୍ଟେଲିଜେନ୍ସ ସେୟାରିଂ ମେକାନିଜିମ୍ ତିଆରି କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏଥିରେ ଭାରତୀୟ କମ୍ପ୍ୟୁଟର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ସାମିଲ ହେବେ। କେବଳ ଭାରତରେ ନୁହେଁ ବରଂ ଆମେରିକାରେ ମଧ୍ୟ ଏହି ପ୍ରସଙ୍ଗରେ ବୈଠକ ଅନୁଷ୍ଠିତ ହେଉଛି। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଏବଂ ଫେଡେରାଲ୍ ରିଜର୍ଭ ଅଧ୍ୟକ୍ଷ ଜେରୋମ୍ ପାୱେଲ୍ ସମ୍ପ୍ରତି ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କ ସହିତ ଏକ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ବୈଠକରେ, ସେମାନେ ମାଇଥୋସ୍ ଦ୍ୱାରା ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବିପଦ ପାଇଁ ସେମାନଙ୍କ ସିଷ୍ଟମଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।

### କ୍ଲାଉଡ୍ ମାଇଥୋସ୍ କ'ଣ ଓ କାହିଁକି ବିପଦପୂର୍ଣ୍ଣ ?

ମିଥୋସ୍ ହେଉଛି ଆନ୍ଥ୍ରୋପିକ୍‌ର ସବୁଠାରୁ ଶକ୍ତିଶାଳୀ ଏଆଇ ମଡେଲ୍। କମ୍ପାନୀ ଅନୁଯାୟୀ, ମାଇଥୋସ୍ ଅପରେଟିଂ ସିଷ୍ଟମ୍ ଏବଂ ବ୍ରାଉଜର୍‌ରେ ଦଶନ୍ଧି ପୁରୁଣା ଦୁର୍ବଳତା ଆବିଷ୍କାର କରିଛି ଯାହାକୁ ମଣିଷ ଚିହ୍ନଟ କରିପାରିନାହିଁ। ଆନ୍ଥ୍ରୋପିକ୍ କହିଛି ଯେ ଏହାକୁ ସାର୍ବଜନୀନ କରିବା କାହାକୁ ଉନ୍ନତ ହ୍ୟାକିଂ ଟୁଲ୍ସ ଦେବା ପରି ହେବ। ଆନ୍ଥ୍ରୋପିକ୍ କେବଳ ୪୦ଟି ଚୟନିତ କମ୍ପାନୀକୁ ପ୍ରବେଶ ଦେଇଛି, ଯେଉଁଥିରେ ଆମାଜନ, ମାଇକ୍ରୋସଫ୍ଟ ଏବଂ ଗୁଗୁଲ୍ ମଧ୍ୟ ସାମିଲ ଅଛି। ତଥାପି, ରିପୋର୍ଟ ଅନୁଯାୟୀ, କିଛି ଅନଧିକୃତ ବ୍ୟବହାରକାରୀ ପ୍ରବେଶ ହାସଲ କରିଛନ୍ତି, ଯାହା ଭୟ ସୃଷ୍ଟି କରିଛି ଯେ ସେମାନେ ସିଷ୍ଟମରେ ସୁରକ୍ଷା ତ୍ରୁଟିର ସୁଯୋଗ ନେଇପାରିବେ। ଆନ୍ଥ୍ରୋପିକ୍ କହିଛି ଯେ ଯଦି ଏହାକୁ ନିୟନ୍ତ୍ରଣ ବିନା ମୁକ୍ତ କରାଯାଏ, ତେବେ ଏହାର ପରିଣାମ ଅର୍ଥନୀତି, ଜନସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ବିନାଶକାରୀ ହୋଇପାରେ।

# ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ରଦ୍ଦ



ମୁମ୍ବଇ,୨୪।୪(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡର ବ୍ୟାଙ୍କିଙ୍ଗ ଲାଇସେନ୍ସ ରଦ୍ଦ କରିଛି। ଏହାସହିତ ଏପ୍ରିଲ ୨୪ରୁ ଏକ ବ୍ୟାଙ୍କ ଭାବେ ଏହାର ପରିଚାଳନା ବନ୍ଦ ହୋଇଯାଇଛି। ଆରବିଆଇ ତାଙ୍କ ଆଦେଶରେ କହିଛି ଯେ 'ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ ରେଗୁଲେସନ ଅଧିନିୟମ ୧୯୪୯ର ଧାରା ୨୨(୪) ଅନୁସାରେ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡକୁ ଜାରି କରାଯାଇଥିବା ବ୍ୟାଙ୍କିଙ୍ଗ ଲାଇସେନ୍ସ ୨୪ ଏପ୍ରିଲ ୨୦୨୬ ବ୍ୟବସାୟ ବନ୍ଦ ହେବା ସମୟ ଠାରୁ ରଦ୍ଦ କରିଦେଇଛି। ଏହାର ଅର୍ଥ ହେଉଛି ବ୍ୟାଙ୍କ ଏବେ ଆଇନରେ ପରିଭାଷିତ କୌଣସି ବ୍ୟାଙ୍କିଙ୍ଗ ଗତିବିଧି ଓ ଏହା ସମ୍ପର୍କିତ କୌଣସି ଅନ୍ୟ ବ୍ୟବସାୟକୁ ତତ୍କାଳ ପ୍ରଭାବ ସଞ୍ଚାଳିତ କରିପାରିବନି। ଏଣୁ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡକୁ କୌଣସି ପ୍ରକାରର ବ୍ୟବସାୟକୁ ତତ୍କାଳ ପ୍ରଭାବ ସଞ୍ଚାଳିତ କରିବାରେ କଟକଣା ଲଗାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏବେ ବ୍ୟାଙ୍କକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଉଚ୍ଚନ୍ୟାୟାଳୟଙ୍କୁ ମୁହାଁଇବେ। ଆରବିଆଇ ଏହା ବି କହିଛନ୍ତି ଯେ ପ୍ରକ୍ରିୟା ଆରମ୍ଭ ହେବା ପରେ ନିଜର ସବୁ ଜମାକର୍ତ୍ତାଙ୍କୁ ପୈଠ କରିବା ପାଇଁ ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ରାଶି ରହିଛି। ଅର୍ଥାତ ପେଟିଏମ ପେମେଣ୍ଟ ବ୍ୟାଙ୍କ ନିକଟରେ ବ୍ୟାଙ୍କ ବନ୍ଦ ହେବା ଯୋଗୁ ନିଜର ବାକି ଉଧାର ଚୁକ୍ତା କରିବା ପାଇଁ ପର୍ଯ୍ୟାପ୍ତ ନଗଦ ରଖିଛନ୍ତି। ଆରବିଆଇ ଲାଇସେନ୍ସ ରଦ୍ଦ କରିବାର ଯେଉଁସବୁ କାରଣ କହିଛନ୍ତି ସେଥିରେ ପ୍ରଥମ କାରଣଟି ହେଲା ବ୍ୟାଙ୍କର ସଞ୍ଚାଳନ ଏପରି କରାଯାଉଥିଲା ଯାହା ଦ୍ୱାରା ନିଜ ହିତ ସହିତ ଏହାର ଜମାକର୍ତ୍ତାଙ୍କ ହୀତ ମଧ୍ୟ କ୍ଷତିରେ ପଡିଥିଲା। ଏହି କାରଣରୁ ବ୍ୟାଙ୍କିଙ୍ଗ ରେଗୁଲେସନ ଅଧିନିୟମ ଧାରା ୨୨(୩)(ବି)ର ପାଳନ ହେଲା ନାହିଁ। ସେହିପରି ଦ୍ୱିତୀୟ କାରଣଟି ହେଲା ବ୍ୟାଙ୍କ ମ୍ୟାନେଜମେଣ୍ଟର ଆଚରଣ ଜମାକର୍ତ୍ତା ଓ ଜନତାଙ୍କ ହୀତ ବିରୋଧୀ ଥିଲା।

# ଦଶନ୍ଧିରେ ଟଙ୍କା ସବୁଠୁ ଦୁର୍ବଳ

ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଭାରତୀୟ ମୁଦ୍ରା ଟଙ୍କାର ଅବମୂଲ୍ୟାୟନ ଜାରି ରହିଛି। ୨୦୨୫ ମସିହାରେ ଟଙ୍କାର ବିନିମୟ ମୂଲ୍ୟରେ ପ୍ରାୟ ୫% ହ୍ରାସ ଘଟିଛି। ସେବେଠାରୁ ଟଙ୍କା ମୂଲ୍ୟ ଦୁର୍ବଳ ହେବାରେ ଲାଗିଛି। ଏପରିକି ଚଳିତବର୍ଷ ଭାରତୀୟ ମୁଦ୍ରାରେ ହ୍ରାସ ଧାରା ଜାରି ରହି ଏହା ଏକ ନୂତନ ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଭାରତୀୟ ମୁଦ୍ରା କେବଳ ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେଉନାହିଁ; ବିଶ୍ୱର ଅନ୍ୟ ମୁଦ୍ରା ତୁଳନାରେ ମଧ୍ୟ ଏହାର ମୂଲ୍ୟରେ ହ୍ରାସ ଘଟୁଛି। ଯାହା ଫଳରେ ପ୍ରତିପକ୍ଷ ମୁଦ୍ରା ତୁଳନାରେ ଟଙ୍କା ମୂଲ୍ୟ ଏକ ଦଶନ୍ଧୀ ବା ୧୦ ବର୍ଷରୁ ଅଧିକ ସମୟ ମଧ୍ୟରେ ସବୁଠାରୁ ଦୁର୍ବଳ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଏପରି ଏକ ସମୟରେ ହୋଇଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଏହାସହିତ, ବିଦେଶୀ ନିବେଶକଙ୍କ ଆହୁ ଘରୋଇ ମୁଦ୍ରା ଉପରେ ଅଧିକ ଚାପ ସୃଷ୍ଟି ହେଉଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ପରିମାଣର ସର୍ବନିମ୍ନ ବାଲାନ୍ସ ଧାର୍ଯ୍ୟ କରାଯାଇ ନଥିବା ବେଳେ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କଠାରୁ ଏହି ବାବଦରେ ପ୍ରଚୁର ଅର୍ଥ ଅସୁଲ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ସଦ୍ୟତମ ବୁଲେଟିନରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ଟଙ୍କାର ୪୦- କରେନ୍ସି ରିଅଲ ଇଫେକ୍ଟିଭ୍ ଏକ୍ସଚେଞ୍ଜ ରେଟ୍ ବା ମୁଦ୍ରା ପ୍ରକୃତ ପ୍ରଭାବଶାଳୀ ବିନିମୟ ହାର (ଆର୍‌ଇଇଆର୍) ୯୨.୭୨ କୁ ହ୍ରାସ ପାଇଛି। ଏହା ଏକ ମାପକ ଯାହା ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ହିସାବରେ ଆଡଜଷ୍ଟ ହୋଇଥାଏ। ଏହା ବର୍ତ୍ତମାନ ଏହାର ଦୀର୍ଘକାଳୀନ ହାରାହାରି ୯୮.୨୫ ତଳେ ଅଛି।

# ଟିପିସିଓଡିଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ମାସ ପାଳିତ



ଭୁବନେଶ୍ୱର, ୨୪।୪(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଜାତୀୟ ସୁରକ୍ଷା ମାସ ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ନିଜର ପରିଚାଳନା କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ମାର୍ଚ୍ଚ ୪ ରୁ ଏପ୍ରିଲ୍ ୩ ପର୍ଯ୍ୟନ୍ତ ମାସେ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ଅଂଶୀଦାରମାନଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି, ବିପଦର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ନିରାପଦ କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ନେତୃବୃନ୍ଦ, ସମସ୍ତ କର୍ମଚାରୀ ଏବଂ ଫ୍ରଣ୍ଟ ଲାଇନ୍ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ଅଧିକାରୀମାନେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଟିପିସିଓଡିଏଲ୍‌ର ପରିଚାଳନା କ୍ଷେତ୍ରରେ ଶୂନ୍ୟ କ୍ଷତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲ କରିବା ଉପରେ ପୁନର୍ବାର ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀମାନଙ୍କୁ ସୁରକ୍ଷା କାର୍ଯ୍ୟ ପ୍ରଣାଳୀ ସହ ଜଡ଼ିତ କରିବା ପାଇଁ ମାସସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସୁରକ୍ଷା ସଚେତନତା ଅଭିଯାନ, କୁଇଜ୍ ପ୍ରତିଯୋଗିତା, ସୁରକ୍ଷା ଶପଥ ପାଠ, ପିପିଇ ସଚେତନତା ଅଧିବେଶନ, ମକ୍ ଡ୍ରିଲ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କ୍ଷେତ୍ରସ୍ତରୀୟ ସୁରକ୍ଷା ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା।

# 'ଟାଇମ୍ ୧୦୦ ନେକ୍ସଟ' ଆରମ୍ଭ



ମୁମ୍ବଇ, ୨୪।୪: ବିଶ୍ୱର ପ୍ରସିଦ୍ଧ ମିଡିଆ ବ୍ରାଣ୍ଡ ଟାଇମ ପକ୍ଷରୁ ଭାରତରେ ପ୍ରଥମ ଥର ପାଇଁ 'ଟାଇମ୍୧୦୦ ନେକ୍ସଟ ଇଣ୍ଡିଆ' ଆରମ୍ଭ କରିବାର ଘୋଷଣା କରାଯାଇଛି, ଯାହା ରିଲାଏନ୍ସ ସହ ସହଭାଗିତାରେ ଆୟୋଜିତ ହେବ। ଏହି ପଦକ୍ଷେପ ଅଧୀନରେ, ଭାରତ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରୁ ୧୦୦ ଜଣ ଉଦୀୟମାନ ନେତୃତ୍ୱ ସ୍ଥାନର ବ୍ୟକ୍ତିତ୍ୱଙ୍କ ଚୟନ କରାଯିବ, ଯେଉଁମାନେ ଦେଶର ଭବିଷ୍ୟତକୁ ଆକାର ଦେଉଛନ୍ତି। ନ୍ୟୁୟର୍କରେ ଅନୁଷ୍ଠିତ ଟାଇମ୍୧୦୦ (ଟାଇମ ହଣ୍ଡ୍ରେଡ୍) ଗାଲା ଅବସରରେ ଟାଇମ ସିଇଓ ଜେସିକା ସିବଲି ଏବଂ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି। 'ଟାଇମ୍୧୦୦ ନେକ୍ସଟ ଇଣ୍ଡିଆ' ତାଲିକା ଟାଇମ ପତ୍ରିକାର ସମ୍ପାଦକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ଏଥିରେ କଳା, ବିଜ୍ଞାନ, ବ୍ୟବସାୟ, କ୍ରୀଡା ଏବଂ ସାମାଜିକ କ୍ଷେତ୍ରର ଉଦୀୟମାନ ପ୍ରତିଭାମାନଙ୍କୁ ସ୍ଥାନ ଦିଆଯିବ। ଏହି ତାଲିକା ଅନଲାଇନରେ ପ୍ରକାଶିତ ହେବ ଏବଂ ଡିସେମ୍ବର ୨୦୨୬ ରେ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟରରେ ଏକ ସ୍ୱତନ୍ତ୍ର ଗାଲା ଉତ୍ସବ ସହିତ ପାଳନ କରାଯିବ। ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, ଟାଇମ ସହିତ ଏହି ସହଭାଗିତା ଆମ ପାଇଁ ସ୍ୱତନ୍ତ୍ର, କାରଣ ଏହା ମାଧ୍ୟମରେ, ଆମେ ପ୍ରଥମ ଥର ପାଇଁ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ 'ଟାଇମ୍୧୦୦ ନେକ୍ସଟ' ଆଣିବାକୁ ଯାଉଛୁ।

## ସର୍ବନିମ୍ନ ବାଲାନ୍ସ ନ ଥିଲେ କଟୁଛି ଜୋରିମାନା

# ବ୍ୟାଙ୍କ ଆଦାୟ କଲେଣି ୧୯,୦୮୩ କୋଟି




ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଆକାଉଣ୍ଟରେ ସର୍ବନିମ୍ନ ଜମାରାଶି ନ ଥିଲେ ଜରିମାନା ଲାଗୁ ହେଉଛି। ହେଲେ ଏହି ବାବଦରେ ଜୋରିମାନା ଆଦାୟ କରି ବ୍ୟାଙ୍କଗୁଡ଼ିକ ବେଶ ଅର୍ଥ ରୋଜଗାର କରୁଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଗତ ୩ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଆକାଉଣ୍ଟରେ ସର୍ବନିମ୍ନ ଜମାରାଶି ନ ଥିବା ଯୋଗୁ ପ୍ରଚୁର ଅର୍ଥ ଜୋରିମାନା ଆଦାୟ କରିଛନ୍ତି। ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ନ ଥିବାରୁ ବିଭିନ୍ନ ବ୍ୟାଙ୍କ ମୋଟ ୧୯,୦୮୩ କୋଟି ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି।

ରୁପି ଟୁଲ ତଥ୍ୟ ଅନୁଯାୟୀ, ଘରୋଇ ବ୍ୟାଙ୍କଗୁଡ଼ିକ ଜୋରିମାନା ବାବଦରେ ସର୍ବାଧିକ ୧୦,୯୯୧ କୋଟି ଟଙ୍କା ଆଦାୟ କରିଥିବାବେଳେ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୮,୦୯୨ କୋଟି ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏବେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଦାୟ କରାଯାଇଥିବା ଜରିମାନାକୁ ନେଇ ସୋସିଆଲ ମିଡିଆରେ ବିତର୍କ ଆରମ୍ଭ ହୋଇଯାଇଛି। ସିଏ କାନନ ବାହାଲ ଏହି ଜୋରିମାନା ଆଦାୟକୁ ଅନୁଚିତ ବୋଲି କହିଛନ୍ତି। ସେ କହିଛନ୍ତି, ବ୍ୟାଙ୍କଗୁଡ଼ିକ ଲୋକଙ୍କ ଆର୍ଥିକ କଷ୍ଟରୁ ଲାଭ ପାଉଛନ୍ତି। ବ୍ୟାଙ୍କଗୁଡ଼ିକର ଏଭଳି ଅଭ୍ୟାସକୁ ଦୂର କିମ୍ବା ହ୍ରାସ କରାଯିବା ଉଚିତ। ଜରିମାନା ଆଦାୟ ମାମଲାରେ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସବୁଠାରୁ ଆଗରେ ରହିଛି। ତଥ୍ୟ ଅନୁଯାୟୀ, ଗତ ୩ ବର୍ଷ ମଧ୍ୟରେ ବ୍ୟାଙ୍କ ୩,୮୭୧ କୋଟି ଟଙ୍କା ଜରିମାନା ଆଦାୟ କରିଛି। ଆକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ବରୋଦା ମଧ୍ୟ ଏହି ତାଲିକାରେ ଅଛନ୍ତି। ଏହି ୩ ବ୍ୟାଙ୍କ ମୋଟ ୧୦୦୦ କୋଟିରୁ ଅଧିକ ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ, ଏସ୍‌ବିଆଇ ବହୁତ ପୂର୍ବରୁ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ଜରିମାନା ଆଦାୟ ବନ୍ଦ କରିଦେଇଥିଲା। ତଥାପି ଏହା କରେଣ୍ଟ ଆକାଉଣ୍ଟରୁ ୯୩୨ କୋଟି ଟଙ୍କା ଆଦାୟ କରିଛି। ପିଏନ୍‌ବି ମଧ୍ୟ ଜୁଲାଇ ପହିଲାରୁ ଏହି ଜରିମାନା ଆଦାୟ ବନ୍ଦ କରିଦେଇଥିଲା, କିନ୍ତୁ ଏହା ପୂର୍ବରୁ ବ୍ୟାଙ୍କ ସର୍ବନିମ୍ନ ବାଲାନ୍ସ ଜରିମାନା ବାବଦରେ ମୋଟ ୧୫୫୭ କୋଟି ଆଦାୟ କରିଥିଲା।

## ଜେଏସ୍‌ଡବ୍ଲ୍ୟୁ-ଜାପାନ ଜେଏଫ୍‌ଇ ଯୌଥ ଉଦ୍ୟୋଗ

# ଭାରତର ଇସ୍ପାତ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ




ସମ୍ବଲପୁର, ୨୪।୪ (ସମିସ): ଭାରତ-ଜାପାନ ଶିଳ୍ପ ସହଯୋଗର ଏକ ନୂତନ ଯୁଗକୁ ଚିହ୍ନିତ କରି ସମ୍ବଲପୁରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏବଂ ଜାପାନର ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍ ଆଜି ସେମାନଙ୍କର ୫୦:୫୦ ଯୌଥ ଉଦ୍ୟୋଗ ପାଇଁ ନୂତନ କର୍ପୋରେଟ୍ ପରିଚୟ 'ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍' ଘୋଷଣା କରିଛନ୍ତି। ଏହି ସଂସ୍ଥା ଓଡ଼ିଶାର ସମ୍ବଲପୁରରେ ସମନ୍ୱିତ ଇସ୍ପାତ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରୁଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ପାର୍ଥ ଜିନ୍ଦଲ, ଜେଏଫ୍‌ଇ ହୋଲ୍ଡିଂସ୍ ସଭାପତି ଏବଂ ସିଇଓ ୟୋଶିହିସା କିଟାନୋ ଏବଂ ଜାପାନର ରାଷ୍ଟ୍ରଦୂତ କେଇଚି ଓନୋ ତଥା ଉଭୟ କମ୍ପାନୀର ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ। ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍ ନାମ (ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ସମ୍ବଲପୁର ଷ୍ଟିଲ୍ ଲିମିଟେଡ୍) ଉନ୍ମୋଚନ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟ୍ରାଟେଜିକ୍ ମେଣ୍ଟର ୧୫ ବର୍ଷ ପୂରଣ ମଧ୍ୟ ହୋଇଥିଲା। ଏହି ନୂତନ କର୍ପୋରେଟ୍ ପରିଚୟ ଜେଏସ୍‌ଡବ୍ଲ୍ୟୁର "କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ' ଏବଂ ଜେଏଫ୍‌ଇ ର "ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା' ର ମିଶ୍ରଣକୁ ପ୍ରତୀକ କରେ ଯାହା ୨୦୦୯ରୁ ସହଭାଗିତାର ଯାତ୍ରାକୁ ଅନୁସରଣ କରୁଛି।

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଦୁଇଟି ମହାନ ଶିଳ୍ପ ପରମ୍ପରାର ଏକତ୍ରିତ ହେବା ଏବଂ ଭାରତୀୟ ଇସ୍ପାତର ଭବିଷ୍ୟତ ପାଇଁ ଏକ ସମାନ ଦୃଷ୍ଟିକୋଣ ବିଷୟରେ ଏକ ମିଳିତ ଉଦ୍ୟୋଗ ନୁହେଁ। ୨୦୦୯ ରେ ଆରମ୍ଭ ହୋଇଥିବା ଜେଏଫ୍‌ଇ ସହିତ ଆମର ସହଭାଗିତା ଏକ ଗଭୀର ଷ୍ଟ୍ରାଟେଜିକ୍ ବନ୍ଧନରେ ପରିଣତ ହୋଇଛି। ଜେଏସ୍‌ଡବ୍ଲ୍ୟୁ ର ଗତି ଏବଂ ଏଜିଲିଟିକୁ ଜେଏଫ୍‌ଇ ର ପ୍ରଯୁକ୍ତିବିଦ୍ୟା ଦକ୍ଷତା ସହିତ ମିଶ୍ରଣ କରି, ଆମେ ଏକ ଶକ୍ତିଶାଳୀ କେନ୍ଦ୍ର ସୃଷ୍ଟି କରୁଛୁ, ଯାହା ଭାରତରେ ସ୍ଥାୟୀ ଇସ୍ପାତ ନିର୍ମାଣର ପରବର୍ତ୍ତୀ ଦଶନ୍ଧିକୁ ପରିଭାଷିତ କରିବ। ଜେଏଫ୍‌ଇ ହୋଲଡିଂ ର ନିର୍ଦ୍ଦେଶକ, ସଭାପତି ଏବଂ ସିଇଓ ୟୋଶିହିସା କିଟାନୋ କହିଛନ୍ତି, ଆଜି, ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ପ୍ରତିଷ୍ଠା ସହିତ, ଆମେ ଭାରତରେ ଏକ ସମନ୍ୱିତ ଇସ୍ପାତ କାରଖାନାରେ ଅଂଶୀଦାର ଭାବରେ ଆମର ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଗର୍ବିତ।

## ହଟିବ ସବୁ ଟୋଲ୍ ପ୍ଲାଜା

# ଏନ୍‌ଏଚ୍‌ଏଆଇ ଲାଗୁ କରିବ ମଲ୍ଟି ଲେନ୍ ଫ୍ରି ଫ୍ଲୋ ଟୋଲିଂ



ନୂଆଦିଲ୍ଲୀ,୨୪।୪(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଫାସ୍‌ଟ୍ୟାଗ୍ ପ୍ରଚଳନ କରି ଟୋଲ୍ ପ୍ଲାଜାରେ ଯାନବାହନ ଧାଡ଼ିକୁ ଯଥେଷ୍ଟ ହ୍ରାସ କରିସାରିଛି। ତଥାପି, ଟୋଲ୍ ପ୍ଲାଜାରେ ଯାନବାହନ ଅଟକିବା ପାଇଁ ଯେଉଁ କିଛି ମିନିଟ୍ ବାକି ଅଛି ଏବଂ ଟୋଲ୍ ଆଦାୟ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହେଉଛି। କେନ୍ଦ୍ର ସରକାର ବହୁ ଦିନ ଧରି କାମ କରୁଥିବା ଟୋଲ୍ ବାଧାମୁକ୍ତ ରାଜପଥଗୁଡ଼ିକୁ ଏବେ ଆସନ୍ତା ମାସରେ କାର୍ଯ୍ୟକାରୀ କିବାକୁ ଯାଉଛନ୍ତି। ଏହା ମେ' ମାସରେ ଗୁଜୁରାଟ ସୁରଟର ଚୌରାସିରେ ଆରମ୍ଭ ହେବ, ଯେଉଁଠାରୁ ଟୋଲ୍ ପ୍ଲାଜା ହଟାଇ ଦିଆଯାଇଛି। ଏନ୍‌ଏଚ୍‌ଏଆଇ ଆଗାମୀ ୩ବର୍ଷ ମଧ୍ୟରେ ଦେଶବ୍ୟାପୀ ଜାତୀୟ ରାଜପଥରେ ମଲ୍ଟି ଲେନ୍ ଫ୍ରି ଫ୍ଲୋ ଟୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି।

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଟୋଲ୍ ପ୍ଲାଜାରେ ଧାଡ଼ି ଦୂର କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଫାସ୍‌ଟ୍ୟାଗ୍ ସମୟ ସଞ୍ଚୟ କରିବାରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛି। ଗତ ମାସରେ, ସରକାର ଟୋଲ୍ ପ୍ଲାଜାରେ ନଗଦ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଥିଲେ। ବର୍ତ୍ତମାନ, ଯଦିଓ ବୈଷୟିକ କାରଣରୁ ଫାସ୍‌ଟ୍ୟାଗ୍ ମାଧ୍ୟମରେ ଟୋଲ୍ ଫି କଟାଯାଏ ନାହିଁ, ତଥାପି କୌଣସି ଡ୍ରାଇଭରଙ୍କଠାରୁ ନଗଦ ଗ୍ରହଣ କରାଯିବନାହିଁ। କାରବାରକୁ ଡିଜିଟାଲ୍ କରିବାର ଏହି ପଦକ୍ଷେପ ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟକୁ ହ୍ରାସ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ତଥାପି, ଫାସ୍‌ଟ୍ୟାଗ୍ ଫି କଟାଯିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଅପେକ୍ଷା କରିବାକୁ କିଛି ସମୟ ଆବଶ୍ୟକ। ଏହା ବ୍ୟତୀତ, ଯଦି ଫାଷ୍ଟାଗ୍ ମାଧ୍ୟମରେ କୌଣସି ଗାଡ଼ିର ଟୋଲ୍ ଫି କଟାଯାଏ, ତେବେ ପଛରେ ଆସୁଥିବା ଗାଡ଼ିଗୁଡ଼ିକୁ ଅପେକ୍ଷା କରିବାକୁ ପଡ଼ିଥାଏ। ଏନ୍‌ଏଚ୍‌ଏଆଇ ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସମସ୍ତ ଜାତୀୟ ରାଜପଥରୁ ଟୋଲ୍ ପ୍ଲାଜା ହଟାଯିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଟୋଲ ବ୍ୟାରିୟର ସ୍ଥାନରେ ଗ୍ୟାଣ୍ଟ୍ରି ରହିବ। ଯେଉଁଥିରେ ଅଟୋମ୍ୟାଟିକ୍ ନମ୍ବର ପ୍ଲେଟ୍ ରିକଗ୍ନିସନ (ଏଏନପିଆର) ଆର୍‌ଏଫ୍‌ଆଇଡି ରିଡର ଲାଗିଥିବ। ଏହାମାଧ୍ୟମରେ ଫାସଟ୍ୟାଗ୍ ଓ ଭେଇକଲ ରେଜିଷ୍ଟ୍ରେସନ ନମ୍ବରର ସ୍କାନିଂ ଗାଡ଼ିକୁ ନ ଅଟକାଇ କରାଯାଇ ପାରିବ। ଏହାଦ୍ୱାରା କୌଣସିଠାରେ ବାହନଗୁଡିକର ଧାଡି ଲାଗିବ ନାହିଁ। ଏଥିରେ ମାନବୀୟ ହସ୍ତକ୍ଷେପ ମଧ୍ୟ ରହିବ ନାହିଁ। ଅଧିକାରୀ କହିଛନ୍ତି ଯେ ଯଦି କୌଣସି ଫାସଟ୍ୟାଗ୍ ରେ ବୈଷୟିକ ତ୍ରୁଟି ଥିବ ଅଥବା ପର୍ଯ୍ୟାପ୍ତ ରାଶି ନଥିବ ତେବେ ଯେଉଁଭଳି ଇ-ଚାଲାଣ କଟୁଛି ସେହିଭଳି ଇ-ଚାଲାଣ କଟା ଯାଇ ଦୁଇଗୁଣା ଶୁଳ୍କ ରାଶି ଆଦାୟ କରାଯିବ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ । ଗରିବ ଲୋକଙ୍କୁ ସାହାଯ୍ୟ କରିବେ । ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ । ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ । ଧାର କରଜରୁ ଦୂରେଇ ରହିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଲେଖକ ଲେଖିକାଙ୍କୁ ସଫଳତା ମିଳିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ମିଥୁନ:** ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ନୂଆ ଯୋଜନା ସହ କାର୍ଯ୍ୟ କରିବେ । ଆର୍ଥିକ ସ୍ଥିତି ମଜଭୁତ ହେବ । ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ । କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ । ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ । ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ । ଆର୍ଥିକ ସ୍ଥିତିରେ ସୁଧାର ହେବ । ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନ ସୁଖ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ ।

**ବିଛା:** ଯାନବାହନ କିଣିବା ଯୋଗ ଅଛି । ସମାଜରେ ପ୍ରତିଷ୍ଠା ବଢ଼ିବ । ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ ।

**ଧନୁ:** କର୍ମଚଞ୍ଚଳ ରହିବେ । ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ । ବୈବାହିକ ଜୀବନ ସୁଖମୟ ହେବ ।

**ମକର:** ଧାର କରଜରୁ ଦୂରେଇ ରହିବେ । ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଘରକୁ ଅତିଥିଙ୍କ ଆଗମନ ହେବ । ଦୀର୍ଘଦିନର କାମ ପୂରା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ । ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ । ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ । ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ । ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ ।

## ବିଶ୍ୱ ମ୍ୟାଲେରିଆ ଦିବସ



ମ୍ୟାଲେରିଆ ରୋଗର ନିୟନ୍ତ୍ରଣ, ଏହାର ବିପଜ୍ଜନକ ପ୍ରଭାବ ବିଷୟରେ ଜନସଚେତନତା ସୃଷ୍ଟି କରିବା ତଥା ଏହି ରୋଗକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଏ । ୨୦୦୭ ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ଏହି ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଏହାପରେ ୟୁନେସ୍କୋ ଅନୁମୋଦନରେ ପ୍ରତିବର୍ଷ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ବିଶ୍ୱର ୧୦୬ଟି ଦେଶରେ ଏହି ରୋଗ ବ୍ୟାପିବାର ସବୁଠୁ ଅଧିକ ଭୟ ରହିଛି । ୨୦୧୨ରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଆଫ୍ରିକାରେ ୬ଲକ୍ଷରୁ ଅଧିକ ଶିଶୁ ପ୍ରାଣ ହରାଇଥିଲେ । ମାଇଏନୋଫିଲିସ୍ ମଶା ମ୍ୟାଲେରିଆ ରୋଗ ବ୍ୟାପିବାର ମୁଖ୍ୟ କାରଣ । ଏହି ମଶା କାମୁଡ଼ିବା ଦ୍ୱାରା ପ୍ଲାଜମୋଡିୟମ୍ ନାମକ ପାରାସାଇଟ୍ ମଣିଷ ଶରୀରରେ ପ୍ରବେଶ କରେ, ଯାହା ଫଳରେ ମ୍ୟାଲେରିଆ ହୋଇଥାଏ । ଏହି ମଶା ସାଧାରଣତଃ ରାତିରେ କାମୁଡ଼ିଥାଏ । ସ୍ୱଚ୍ଛ ଓ ସ୍ଥିର ଜଳରେ ଏହା ଅଣ୍ଡା ଦେଇଥାଏ । ମ୍ୟାଲେରିଆ ଜ୍ୱର ଆରମ୍ଭ ହେଲେ ଶରୀରରେ ଥଣ୍ଡା ଅନୁଭୂତ ହେବା ସହ କମ୍ପ ଲାଗେ । ମୁଣ୍ଡ ବ୍ୟଥା ରୋଗୀଙ୍କୁ ଅତ୍ୟଧିକ ଥଣ୍ଡା ଲାଗି କମ୍ପ ଅନୁଭୂତ ହୋଇଥାଏ । ହାତର ଆଙ୍ଗୁଠି, ଟିପ, ଓଠ ଆଦି ନୀଳ ଦେଖାଯିବା ସହ ଚର୍ମ ଶୁଷ୍କ ହୋଇଯାଏ । ମ୍ୟାଲେରିଆ ହେଲେ ରୋଗୀ ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଜ୍ୱର ଖୁବ୍ ବଢ଼ିଥାଏ । ରୋଗୀର ଭୀଷଣ ମୁଣ୍ଡବ୍ୟଥା ସାଙ୍ଗକୁ ବାନ୍ତି ଲାଗିବା, ଶୋଷ ଲାଗିବା, ଅରୁଚି ଆଦି ସହ ଦେହ ଜଳିଗଲା ପରି ଲକ୍ଷଣ ଅନୁଭୂତ ହୋଇଥାଏ । ଏଭଳି ଲକ୍ଷଣ ଦେଖା ଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଜରୁରି । ଏହି ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପାଖ ସଫା ରଖିବା ସହ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ଏହା ସହ ମଶାରି ଟାଙ୍ଗି ଶୋଇବା ଉଚିତ । ପ୍ରତିବର୍ଷ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଚୟନ କରାଯାଏ । ଯାହାକୁ ଆଖି ଆଗରେ ରଖି ସେହି ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୁଏ । ଭାରତ ୨୦୩୦ ସୁଦ୍ଧା ମ୍ୟାଲେରିଆକୁ ମୂଳୋତ୍ପାଟନ ଲକ୍ଷ୍ୟ ରଖିଛି । ଏହି ଦିବସ ପାଳନ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଶିବିର ଓ ସମାରୋହ ଆୟୋଜନ କରାଯାଇଥାଏ ।

## ଭେଣ୍ଡିକଫି

କଫିପ୍ରେମୀମାନେ ସାଧାରଣତଃ ସକାଳ ଓ ସନ୍ଧ୍ୟାରେ କଫି ପିଇବାକୁ ପସନ୍ଦ କରନ୍ତି । ହେଲେ ଭେଣ୍ଡିରୁ କଫି ପ୍ରସ୍ତୁତ ହେବା ଶୁଣିବାକୁ ଅଜବ ଲାଗିପାରେ । ସାଧାରଣତଃ ଲୋକେ ଭେଣ୍ଡିକୁ ଭାଜି କିମ୍ବା ତରକାରି କରି ଖାଆନ୍ତି । ହେଲେ ଏହାର ପାଚି ଯାଇଥିବା ମଞ୍ଜିରୁ ଏକ ସ୍ୱାଦିଷ୍ଟ କେଫିନ୍ ମୁକ୍ତ କଫି ପ୍ରସ୍ତୁତ କରାଯାଏ । ଭେଣ୍ଡିରୁ କଫି ପ୍ରସ୍ତୁତ କରିବା ପ୍ରକ୍ରିୟା ଖୁବ୍ ସରଳ ହୋଇଥିବାବେଳେ, ଏହା ବ୍ୟବସାୟ ପାଇଁ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହୋଇଛି । ଏଥିପାଇଁ ପ୍ରଥମେ ଭେଣ୍ଡିକୁ ଗଛରେ ପାକଳ ହେବାକୁ ଛଡ଼ାଯାଏ । ଏହାଦ୍ୱାରା ଭେଣ୍ଡିର ମଞ୍ଜି ବଡ଼ ଏବଂ କଠିନ ହୋଇଥାଏ । ପରେ ପାକଳ ଭେଣ୍ଡିକୁ ଖରାରେ ଶୁଖାଇ ଏଥିରୁ ମଞ୍ଜି ବାହାର କରି ଶୁଖାଯାଏ । ଶୁଖିଲା ମଞ୍ଜିକୁ କଡ଼େଇରେ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ହାଲକା ଭଜା ଯାଏ । ଭାଜିବା ସମୟରେ ଏଥିରୁ କଫି ଭଳି ବାସ୍ନା ଆସିଥାଏ । ପରେ ଏହାକୁ ଥଣ୍ଡା କରି ପାଉଡ଼ର ପ୍ରସ୍ତୁତ କରାଯାଏ । ଏହି ଗୁଣ୍ଡକୁ ପାଣିରେ ଫୁଟାଇ କଫି ପ୍ରସ୍ତୁତ ହୁଏ । ଅବଶ୍ୟ ଭେଣ୍ଡି କଫିର ସ୍ୱାଦ ସାଧାରଣ କଫି ଭଳି ହୋଇ ନ ଥାଏ । ଏହା ହାଜେଲ୍ ନଟ୍ ଏବଂ ମାଟି ଭଳି ସ୍ୱାଦ ଦେଇଥାଏ । କିଛି ଲୋକ ଏଥିରେ କ୍ଷୀର, ଚିନି, ମସଲା ମିଶାଇ ପିଇଥାନ୍ତି । ସେହିପରି ଏହାକୁ କେହି କେହି ଓକ୍ରା ସିଡ୍ସ କଫି ବୋଲି ମଧ୍ୟ କହନ୍ତି । ଆମେରିକା ଗୃହଯୁଦ୍ଧ ସମୟରେ କଫିର ମୂଲ୍ୟ ବୃଦ୍ଧି ହେବାରୁ ଲୋକେ ଏହାକୁ କଫିର ବିକଳ୍ପ ଭାବେ ବ୍ୟବହାର କରିବାକୁ ଲାଗିଲେ । ମେକ୍ସିକୋ, ଜାମ୍ବିଆ ଏବଂ କେତେକ ଗ୍ରାମାଞ୍ଚଳରେ ଏହାକୁ ଘରେ ଘରେ ପ୍ରସ୍ତୁତ କରାଯାଏ । ବର୍ତ୍ତମାନ ଏହା ଖୁବ୍ ଲୋକପ୍ରିୟ ରହିଛି । କାରଣ ଏହା ସ୍ୱାସ୍ଥ୍ୟକର ହେବା ସହ କେଫିନ୍ ମୁକ୍ତ ହୋଇଥାଏ । ଏହା କେଫିନ୍ ରହିତ ହୋଇଥିବାରୁ ଏହାକୁ ଉଚ୍ଚ ରକ୍ତଚାପ ରୋଗୀ ମଧ୍ୟ ପିଇପାରିବେ । ପାଚନତନ୍ତ୍ରକୁ ମଧ୍ୟ ଏହା ଭଲ ରଖିବାରେ ସାହାଯ୍ୟ କରେ ।



## ୨୨ ବର୍ଷ ପରେ ଅକ୍ଷୟ-ରବିନା ଯୋଡ଼ି



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ‘ଭୂତ୍‌ବଙ୍ଗଲା’କୁ ନେଇ ଏବେ ଚର୍ଚ୍ଚାରେ । ଏହି ଫିଲ୍ମ ରିଲିଜ୍ ହେବାର ଚାରିଦିନ ମଧ୍ୟରେ ସାରା ବିଶ୍ୱରେ ୧୦୦ କୋଟି ଆୟ କରିଛି । ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଉଭୟ ଦର୍ଶକ ଓ ଚଳଚ୍ଚିତ୍ର ସମୀକ୍ଷକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି । ଏବେ ଅକ୍ଷୟ ତାଙ୍କର ଆଗାମୀ ପ୍ରୋଜେକ୍ଟଗୁଡ଼ିକୁ ନେଇ ବ୍ୟସ୍ତ ଅଛନ୍ତି । ତନ୍ମଧ୍ୟରେ ‘ୱେଲକମ୍ ଟୁ ଦ ଜଙ୍ଗଲ’ ଫିଲ୍ମ ରହିଛି । ଏଥିରେ ଏକାଧିକ କଳାକାର ନଜର ଆସିବେ । ଏହି ଫିଲ୍ମ ମାଧ୍ୟମରେ ଦୀର୍ଘ ୨୨ ବର୍ଷ ପରେ ଅକ୍ଷୟ ତାଙ୍କ ପୂର୍ବତନ ପ୍ରେମିକା ରବିନା ଟଣ୍ଡନଙ୍କ ସହ ନଜର ଆସିବେ । ଏକଦା ରବିନା ଓ ଅକ୍ଷୟ ପ୍ରେମ ସମ୍ପର୍କରେ ଥିଲେ । ସେତେବେଳେ ଉଭୟଙ୍କର ନିର୍ବନ୍ଧ ହୋଇ ଯାଇଥିବା କଥା ମଧ୍ୟ କୁହାଯାଏ । ୨୦୦୪ ମସିହାରେ ଆସିଥିବା ଫିଲ୍ମ ‘ପୁଲିସ୍ ଫୋର୍ସ’ରେ ଦୁହେଁ ଶେଷ ଥର ପାଇଁ ଏକାଠି ଦେଖାଯାଇଥିଲେ । ଆଉ ଏବେ ‘ୱେଲକମ୍ ଟୁ ଦ ଜଙ୍ଗଲ’ରେ ଅକ୍ଷୟ ଓ ରବିନା ଏକାଠି ନଜର ଆସିବେ । ଏଥିରେ ଅକ୍ଷୟ ଓ ରବିନାଙ୍କ ବ୍ୟତୀତ ସୁନୀଲ ସେଟ୍ଟୀ, ଦିଶା ପଟାନି, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ସଞ୍ଜୟ ଦତ୍ତ, ଲାରା ଦତ୍ତା, ସୁନୀଲ ସେଟ୍ଟୀ, ଅରଶଦ ୱାର୍ସି, ପରେଶ ରାୱଲ, ମୁକେଶ ତିୱାରୀ ଆଦି ନଜର ଆସିବେ । ଏହା ଆସନ୍ତା ଜୁନ୍ ୨୬ରେ ପରଦାକୁ ଆସିବ ।

## ଆଜିର ଇତିହାସ

- ୧୯୦୫- ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟଙ୍କୁ ମତାଧିକାର ମିଳିଲା ।
- ୧୯୫୭-ସୋଡିୟମ୍ ପରମାଣୁ ରିଆକ୍ଟରକୁ ପ୍ରଥମ ଥର ସଞ୍ଚାଳିତ କରାଗଲା ।
- ୧୯୮୨- ଦିଲ୍ଲୀରେ ପ୍ରଥମ ଥର ପାଇଁ ଟେଲିଭିଜନର ରଙ୍ଗିନ ଛବି ପ୍ରସାରଣ ଆରମ୍ଭ ହେଲା ।
- ୨୦୦୫- ଜାପାନରେ ଏକ ରେଳ ଦୁର୍ଘଟଣାରେ ୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା ।
- ୨୦୨୧-ଇରାକ୍‌ର ବାଗ୍‌ଦାଦ୍‌ଠାରେ କୋଭିଡ୍ ହସ୍‌ପିଟାଲର ସିଲିଣ୍ଡର ଫାଟିବାରୁ ୮୨ ଲୋକଙ୍କ ପ୍ରାଣହାନି ।

## ପବିତ୍ର ଚନ୍ଦନ ଯାତ

ଚନ୍ଦନ ଯାତରା ହୁଏ ଶୁଭାରମ୍ଭ
ଅକ୍ଷୟ ତୃତୀୟା ଦିନ
ଜ୍ୟେଷ୍ଠ ଶୁକଳ ଚତୁର୍ଦ୍ଦଶୀ ତିଥି
ଯାତ୍ରାର ଅନ୍ତିମ ଦିନ ॥
ମଦନମୋହନ ଆସନ୍ତି ଦେଉଳୁ
ମଣି ବିମାନରେ ବସି
କୃଷ୍ଣ ବଳରାମ ଭୂଦେବୀ ଶ୍ରୀଦେବୀ
ସାଙ୍ଗେରେ ଯାନ୍ତି ମିଶି ॥
ଚନ୍ଦନ ଲେପନେ ବିମଣ୍ଡିତ ଦିଅଁ
ଶୋହେ ଫୁଲହାର ଗଳେ
ମାନବୀୟ ଲୀଳା ରଚିବା ପାଇଁକି
ଆସନ୍ତି ଭକତ ମେଳେ ॥
ସୁସଜ୍ଜିତ ଆଜି ନରେନ୍ଦ୍ର ପୋଖରୀ
ଦିଅଁ ଆଗମନ ପାଇଁ
ପ୍ରଭୁଙ୍କ ଦର୍ଶନ ଲଭିବା ସକାଶେ
ଭକତେ ଆସନ୍ତି ଧାଇଁ ॥
ଶଙ୍ଖ ଭେରୀ ତୂରୀ ବାଇଦ ଶବଦ
ଭକ୍ତ ତୁଣ୍ଡେ ହରିବୋଲ
ନାମ ସଂକୀର୍ତ୍ତନ ହୁଳହୁଳି ମଧ୍ୟେ
ଚାଲେ ଜଳେ ଚାପ ଖେଳ ॥
ଏକଇଶ ଦିନବ୍ୟାପି ଚାଲେ ଯାତ
ପବିତ୍ର ଏ ଶଙ୍ଖକ୍ଷେତ୍ରେ
ପଭୁଙ୍କ ଦର୍ଶନେ ଧନ୍ୟ ହୁଏ ଭକ୍ତ
ଭାବ ଲାଖି ରହେ ନେତ୍ରେ ॥ ■



ନରେନ୍ଦ୍ର ନାଥ ପଟ୍ଟନାୟକ
ଓସ୍କାର ସିଟି
ଲକ୍ଷ୍ମୀ ସାଗର କେନାଲ ରୋଡ଼
ଭୁବନେଶ୍ୱର



## ଉତ୍କଳ ଗୌରବ




ତୁମେ ବୁଝିଥିଲ ଉତ୍କଳ ଜନନୀ ବ୍ୟଥା
ପଡ଼ୋଶୀ ରାଇଜ ହୀନ କୂଟ କପଟତା ।
ଓଡ଼ିଆ ଜାତିର ଦୁର୍ଦ୍ଦଶା ଅନାଦର
ପାରିଲିନି ସହି ଅପମାନ ତିରସ୍କାର ।
ହୃଦୟେ ତୁମର ଭରିଥିଲା ଜାତିପ୍ରୀତି
ଜାତି ଉନ୍ନତି ଭାବିଥିଲ ଦିନରାତି ।
ସ୍ୱତନ୍ତ୍ର ଓଡ଼ିଶା ଭାବନା ଅଖଣ୍ଡ ରୂପ
ଅନ୍ତରେ ତୁମ ଜଗାଇଲା ଆଶା ଦୀପ ।
ଗଢ଼ଇ ଉତ୍କଳ ସଭା ଆଉ ସମ୍ମିଳନୀ
ଗରବେ କହିଲ ଓଡ଼ିଆ ମୁଁ ସ୍ୱାଭିମାନୀ ।
କୋଟି ଜନମନେ ରଚିଦେଲ ଜାଗରଣ
ଭାଷାର ଓଡ଼ିଶା ଗଢ଼ିବାକୁ କଲ ପଣ ।
ଜାତି ଇତିହାସ ଶୁଣାଇଲ କାନେକାନେ
ପୂରୁବ ଗୌରବ ସାହସ ଭରିଲ ମନେ ।
ବିଚକ୍ଷଣ ବୁଦ୍ଧି ଧନ୍ୟ ତୁମ ଓକିଲାତି
ରାଇଜ ଗଠନେ ରଖିଲ ଅକାଟ୍ୟ ଯୁକ୍ତି ।
ଯଶ ବିଭବରେ ଭରା ମୋ ଓଡ଼ିଶା ଭୂଇଁ
ସ୍ୱତନ୍ତ୍ର ପ୍ରଦେଶ ଲଭିଲା ତୁମରି ପାଇଁ ।
ଆପଣା ମହତ ଆପେ ରଖିବାକୁ କହି
ଜାତିର କୀରତି ଚିରଦିନ ଗଲ ଗାଇ ।
ସୁଯୋଗ୍ୟ ସୁପୁତ୍ର ଉତ୍କଳଗୌରବ
ହେ କଳ୍ପବୃକ୍ଷ ଏ ମାଟିର ସଉରଭ ।
ଧନ୍ୟ ସ୍ୱାଭିମାନୀ, ଓଡ଼ିଆ ଜାତିର ପ୍ରାଣ
ହେ ମଧୁସୂଦନ, ଅଶେଷ ପ୍ରଣାମ ଘେନ । ■



ଭୁବନାନନ୍ଦ ପାଣିଗ୍ରାହୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର

## ପ୍ରହେଳିକା

- ଋତୁରାଜ ପରେ ଆସଇ ସେହି
ପ୍ରଚଣ୍ଡ ରୌଦ୍ରକୁ ସାଥିରେ ନେଇ
ଦିନ ବେଳା ଝାଞ୍ଜି ପବନ ବହେ
ଗମଗମ ଝାଳ ଦେହରୁ ବୁହେ
ଉପକାରୀ ଋତୁଟିଏ
ତା' ପାଇଁ ଆସଇ ମଉସୁମୀ ଧାରା
କୁହ ତା'ର ନାମ କିଏ ।

ଉତ୍ତର-ଗ୍ରୀଷ୍ମ ଋତୁ

- ଗ୍ରୀଷ୍ମଦିନେ ହୁଏ ଧରା ତପତ
ବାହାରେ ବୁଲିବା ଭାରି ବିପଦ
ଖରା ଶୋଷିନିଏ ଜଳୀୟ ଅଂଶ
ଥକାପଣ ଯୋଗୁଁ ଲାଗେ ଅବଶ
ବାନ୍ତି ହୁଏ ପୁଣି ମୁଣ୍ଡ ବୁଲାଏ
ଚିକିତ୍ସା ନ କଲେ ପ୍ରାଣ ବି ଯାଏ
ଖରାଦିନ ରୋଗ ସିଏ
ଶୀତଳ ପାନୀୟ କରିଥାଏ ହିତ
କୁହ ତା'ର ନାମ କିଏ ।

ଉତ୍ତର-ଅଂଶୁଘାତ

- ଖରାଦିନ ଯେବେ ଧରାକୁ ଆସେ
ମାଟି ହାଣ୍ଡି ରାସ୍ତା କଡ଼ରେ ଦିଶେ
ତା' ଦେହରେ ଥାଏ ଶୀତଳ ଜଳ
ବାଟୋଇ ପିଅନ୍ତି ହୋଇ ବିକଳ
ଧର୍ମକାମ ଅଟେ ସିଏ
ସେ ପାଣି ପିଇଲେ ଥକା ମେଣ୍ଟିଯାଏ
କୁହତ ତା'ନାମ କିଏ ।

ଉତ୍ତର-ଜଳଛତ୍ର




- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ସୁମନ

## କାଠହଣାର ଗର୍ବ ଭାଙ୍ଗିଲା



ଡକ୍ଟର ରବିନାରାୟଣ ସାହୁ



ଘଞ୍ଚ ଜଙ୍ଗଲଟିଏ । ଜଙ୍ଗଲଟି ବିଭିନ୍ନ ପ୍ରକାରର ଗଛ ଏବଂ ଲତାରେ ଭରି ରହିଥିଲା । ନାନା ଜାତିର ପକ୍ଷୀମାନଙ୍କ କଳରବରେ ମୁଖରିତ ହେଉଥିଲା ତା'ର ପରିବେଶ । ସେଇ ଜଙ୍ଗଲରେ ଉଡ଼ି ବୁଲୁଥିଲା କାଠହଣା ଚଢ଼େଇଟିଏ । ମୁନିଆଁ ମୁନିଆଁ ତୀକ୍ଷ୍ଣ ଥଣ୍ଟ ଯୋଗୁଁ ତା ମନରେ ଥିଲା ଭାରି ଗର୍ବ । କାହା ସହିତ ମିଶେନା କି କଥା ବି ହୁଏନା । ମୋଟା ମୋଟା ଗଛର ଗଣ୍ଡିକୁ ଥଣ୍ଟରେ ପିଟି ପିଟି ଅତି ସହଜରେ କଣା କରିପାରେ ବୋଲି ନିଜକୁ ସେ ବଡ଼ ମନେ କରେ । ସେ ଗଛ ଗଣ୍ଡିରୁ କେତେବେଳେ ପୋକ ଜୋକ ବାହାର କରି ଖାଇ ଦିଏତ ଆଉ କେତେବେଳେ ଖାଲ କରି କୋରଡ଼ ଭିତରେ ବସା କରି ରହିଯାଏ । ତା' ସହିତ ଯଦି କେଉଁ ଚଢ଼େଇ କେବେ ଝଗଡ଼ା କରେ ସେ ତା'ର ମୁନିଆଁ ମୁନିଆଁ ଥଣ୍ଟରେ ଖୁମ୍ପି ଦେଇ ଡରାଏ । ତା ଶକ୍ତ ଥଣ୍ଟକୁ ଦେଖି ସବୁ ଚଢ଼େଇ ଡରିଯାଆନ୍ତି । ତେଣୁ ନିଜକୁ ବଳୁଆ ବୋଲି ଭାବି ସେ ଅନ୍ୟମାନଙ୍କୁ ନୀଚ ଦୃଷ୍ଟିରେ ଦେଖେ । କାହା ସହିତ ସମ୍ପର୍କ ରଖେନା । ଏକୁଟିଆ ରହେ । ଦିନକର କଥା । ସେଦିନ ସେ ଗୋଟିଏ ପଣସ ଗଛରେ ଆସି ବସିଗଲା । ସେ ଗଛରେ ପଣସ-କଠା ସବୁ ଖୁନ୍ଦି ହୋଇଥିଲା । କାଠହଣା ଚଢ଼େଇ ପଣସ ଗଛର ଗଣ୍ଡିରେ କଣା କରିବ ଭାବି ଜୋର୍ କରି ତା ମୁନିଆଁ ଥଣ୍ଟକୁ ପିଟୁ ପିଟୁ ଥଣ୍ଟଟି ଗୋଟିଏ ପଣସ-କଠା ଭିତରେ ଏମିତି ଲାଖି ଗଲା ଯେ ଯେତେ ଚେଷ୍ଟା କଲେ ବି ଆଉ ବାହାରିଲା ନାହିଁ । ଥଣ୍ଟଟି ଲାଗିଯାଇ ଥିବାରୁ ଶବ୍ଦ ତ କରି ପାରୁ ନଥାଏ, ବିଚରା ନାଚାର ହୋଇ ସେମିତି ପଣସକୁ ଧରି ଛଟପଟ ହେଉଥାଏ । କାଠହଣାର ଏପରି ଅବସ୍ଥାକୁ ସେଇ ଗଛ ଡାଳରେ ବସିଥିବା କାଉଟିଏ ଦେଖି ପାରିଲା । ପ୍ରଥମେ ସେ ଭାବିଲା କାଠହଣାକୁ ଠିକ୍ ହୋଇଛି । ସେ ତା' ଗର୍ବର ଫଳ ପାଇଛି । ପରେ କିନ୍ତୁ ତା' ମନରେ ଟିକିଏ ଦୟା ହେଲା । ତହୁଁ ସେ କାଆ କାଆ ରଡି ଛାଡ଼ିଲା । ତା' ରଡି ଶୁଣି ବହୁତ ପକ୍ଷୀ ସେ ଗଛରେ ଆସି ରୁଣ୍ଡ ହୋଇଗଲେ । କାଠହଣାର ଅବସ୍ଥା ଦେଖି କିଏ କେମିତି ସାହାଯ୍ୟ କରିପାରିବେ ସମସ୍ତେ ଚିନ୍ତା କରିବାକୁ ଲାଗିଲେ । ସେମାନଙ୍କ ଭିତରେ ଶୁଆଟିଏ ଥାଏ । ସିଏ ଚିନ୍ତା କରିବ କ'ଣ । ତହୁଁ ସେ ଡେରି ନ କରି ତା'ର ବଙ୍କା ଥଣ୍ଟରେ କାଠହଣାର ଥଣ୍ଟ ପାଖରୁ ପଣସକୁ ଧିରେ ଧିରେ ଖୁମ୍ପିବାରୁ କାଠହଣା ତା ଥଣ୍ଟକୁ ଆସ୍ତେ ଆସ୍ତେ ବାହାର କରିଦେଲା । ସେଠାରେ ଥିବା ସବୁ ପକ୍ଷୀ ଶୁଆକୁ ଧନ୍ୟବାଦ ଦେଲେ । ନିଜ ଥଣ୍ଟକୁ ନେଇ ଗର୍ବ କରୁଥିବା କାଠହଣା ସେଦିନ ଉଚିତ ଶିକ୍ଷା ପାଇଲା । ଯୋଉ ପକ୍ଷୀମାନଙ୍କ ସହ ସେ ମିଶୁ ନଥିଲା ସେମାନେ ଯେ ତା ବିପଦ ବେଳେ ତାକୁ ସାହାଯ୍ୟ କଲେ ଏଇଆ ଭାବି ତା ମଥା ନଇଁ ଗଲା । ମନରୁ ଗର୍ବ ଭାବ ଦୂର ହେଲା । ଏଥର ସମସ୍ତଙ୍କ ସହିତ ମିଳିମିଶି ସେ ରହିଲା । କାଠହଣାର ପରିବର୍ତ୍ତନ ଦେଖି ସମସ୍ତେ ଖୁସି ହେଲେ । ଏକା ସାଙ୍ଗରେ କାଆ କାଆ, ଟିଁ ଟାଁ, କୁଳରୁ କୁଳୁ ସ୍ୱରରେ ଶୁଆକୁ ଧନ୍ୟବାଦ ଦେଇ ଜଙ୍ଗଲ ଆଡ଼େ ଉଡିଗଲେ । ■

ସ୍ମୃତି ନଗର, ବରଗଡ଼

## ଚିତ୍ର ଅଙ୍କନ








ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନ ନଗର, କଟକ




ଦେବାଂଶୀ ଜେନା
ଷଷ୍ଠ ଶ୍ରେଣୀ
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର





ରିତଭିକ୍ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ





ଆର୍ଯ୍ୟା ଯାଦବ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## କୋହଲି, ପାଡିକଲଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ସୁଦର୍ଶନଙ୍କ ଶତକ ବ୍ୟର୍ଥ


# ଗୁଜରାଟକୁ ହରାଇ ଦ୍ୱିତୀୟରେ ବେଙ୍ଗାଲୁରୁ

ବେଙ୍ଗାଲୁରୁ,୨୪।୪(ଏଜେନ୍ସି): ପ୍ଲେୟର ଅଫ୍ ଦି ମ୍ୟାଚ୍ ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ହାର୍ ମାନିଛି ସାଇ ସୁଦର୍ଶନଙ୍କ ପ୍ରଥମ ଶତକ। ଏଠାରେ ଆଜି ଅନୁଷ୍ଠିତ ଆଇପିଏଲ୍‌ର ୩୪ତମ ଲିଗ୍ ମ୍ୟାଚ୍‌ରେ ସୁଦର୍ଶନଙ୍କ ଶତକକୁ ପଛରେ ପକାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସୁଦର୍ଶନ ୫୮ ବଲ୍‌ରେ୧୦୦ ରନ୍ କରିବା ପରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୩ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ବିରାଟ କୋହଲି ୪୪ ବଲ୍‌ରେ ୮୧ ଓ ଦେବଦତ୍ତ ପାଡିକଲ ୨୭ ବଲ୍‌ରେ ୫୫ ରନ୍ କରିବା ଫଳରେ ବେଙ୍ଗାଲୁରୁ ୧୮.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ବେଙ୍ଗାଲୁରୁ ୭ଟି ମ୍ୟାଚ୍‌ରୁ ୫ମ ବିଜୟ ସହ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଗୁଜରାଟ ଟାଇଟାନ୍ସ ୭ମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ସହ ୭ମ ସ୍ଥାନ ବଜାୟ ରଖିଛି।

ଏହି ମ୍ୟାଚ୍ ଜିତିବାକୁ ବେଙ୍ଗାଲୁରୁ ଆଗରେ ଗୁଜରାଟ ୨୦୬ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ବେଙ୍ଗାଲୁରୁ ୨୪ ରନ୍‌ରେ ଡେବ୍ୟୁଟାଣ୍ଟ ଜ୍ୟାକବ ବେଥେଲ (୧୪)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ଜୀବନଦାନର ସୁଯୋଗ ପାଇଥିବା ବିରାଟ କୋହଲି ଏବଂ ଦେବଦତ୍ତ ପାଡିକଲ ୫୯ଟି ବଲ୍‌ରୁ ୧୧୫ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ୨୭ ବଲ୍‌ରୁ ୨ଚୌକା ଓ ୬ଛକା ସହ ୫୫ ରନ୍‌ରେ ପାଡିକଲଙ୍କୁ ଆଉଟ କରି ରସିଦ୍ ଖାନ୍ ଏହି ଯୋଡି ଭାଙ୍ଗିଥିଲେ। ଏହି ସମୟରେ ମାତ୍ର ୩୨ ରନ୍‌ରେ ପାଡିକଲ ଓ କୋହଲିଙ୍କ ସମେତ ୪ଟି ୱିକେଟ ହରାଇଥିଲା। କୋହଲି ୪୪ ବଲ୍ ଖେଳି ୮ଚୌକା ଓ ୪ଛକା ସହ ସର୍ବାଧିକ ୮୧ ରନ୍ କରିଥିଲେ। ରଜତ ପାଟିଦାର ୮ ଓ ଜିତେଶ ଶର୍ମା ୧୦ ରନ୍‌ରେ ଆଉଟ ହୋଇଥିଲେ। ଅବିଭକ୍ତ ୬ଷ୍ଠ ୱିକେଟରୁ ଟିମ୍ ଡେଭିଡ୍ (୧୦) ଓ କ୍ରୁନାଲ ପାଣ୍ଡ୍ୟା (୧୨ବଲ୍‌ରୁ ୨୩ରନ୍) ୨୦ବଲ୍‌ରୁ ୩୩ ରନ୍ ଉଠାଇ ଦଳକୁ ୭ଟି ବଲ ବାକିଥାଇ ବିଜୟୀ କରାଇଥିଲେ। ରସିଦ୍ ଖାନଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ସାଇ ସୁଦର୍ଶନ ଓ ଶୁବମନ ଗିଲ୍ ପ୍ରଥମ ୱିକେଟରେ ୭୬ବଲ୍‌ରୁ ୧୨୮ ରନ୍ ଉଠାଇବା ଫଳରେ ଗୁଜରାଟ ଏକ ବଡ ସ୍କୋର କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଶେଷ ୪ ଓଭରରେ ବେଙ୍ଗାଲୁରୁ ବୋଲର ମାତ୍ର ୩୫ ରନ୍ ବ୍ୟୟ କରିବା ପରେ ଗୁଜରାଟ ୨୦୫ରନ୍‌ରେ ଅଟକିଥିଲା। ଚଳିତ ସିଜନରେ ପ୍ରଥମ ଆଇପିଏଲ୍ ଶତକ ୫୭ ବଲ୍‌ରେ ହାସଲ କରିବା ପରେ ସୁଦର୍ଶନ ୫୮ ବଲ୍‌ରେ ୧୧ ଚୌକା ଓ ୫ଛକା ସହ ଠିକ୍ ୧୦୦ ରନ୍‌ରେ ଆଉଟ ହୋଇଥିଲେ। ଗିଲ୍ ୨୪ ବଲ୍‌ରେ ୩୨, ଜୋସ ବଟ୍ଲର ୧୬ବଲ୍‌ରେ ୨୫ ଓ ଜେସନ ହୋଲ୍ଡର ମାତ୍ର ୧୦ ବଲ୍‌ରେ ୨୩ ରନ୍ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ସୁଦର୍ଶନ ୪୭ଟି ଇନିଂସରେ ୨୦୦୦ ରନ୍ ପୂରଣ କରି କ୍ରିସ୍ ଗେଲ୍ (୪୮ ମ୍ୟାଚ୍)ଙ୍କ ରେକର୍ଡ ଭାଙ୍ଗିଦେଇଥିଲେ।


ସାଇ ସୁଦର୍ଶନ: ୧୦୦



### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଦିଲ୍ଲୀ ବନାମ ପଞ୍ଜାବ | ହାଇଦରାବାଦ୍ ବନାମ ରାଜସ୍ଥାନ |
| ଭେନ୍ୟୁ-ଦିଲ୍ଲୀ | ଭେନ୍ୟୁ-ଜୟପୁର |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ରାଜସ୍ଥାନ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ହାଇଦରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନଇ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ଭାରତର ବିଜୟ ଅଭିଯାନ

କୋପେନହେଗେନ, ୨୪।୪ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଥୋମାସ ଓ ଉବର କପ୍ ଶୁକ୍ରବାରଠାରୁ ଡେନମାର୍କରେ ଆରମ୍ଭ ହୋଇଛି। ଥୋମାସ କପ୍‌ରେ ଭାରତୀୟ ପୁରୁଷ ଦଳ ୪-୧ରେ କାନାଡ଼ାକୁ ହରାଇ ଅଭିଯାନ ଆରମ୍ଭ କରିଛି। ସିଙ୍ଗଲ୍ସର ପ୍ରଥମ ମ୍ୟାଚରେ ଲକ୍ଷ୍ୟ ସେନ ୨୧-୧୮, ୧୯-୨୧, ୧୦-୨୧ ଗେମ୍‌ରେ ଭିକ୍ଟର ଲାଇଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଭାରତ ୦-୧ରେ ପଛୁଆ ରହିଯାଇଥିଲା। ଏହାପରେ କିନ୍ତୁ ଭାରତୀୟ ପୁରୁଷ ଦଳ ପରବର୍ତ୍ତୀ ୪ଟି ଯାକ ମ୍ୟାଚ ଜିତି ୪-୧ରେ କାନାଡାକୁ ମାତ୍ ଦେଇଥିଲା। ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ଓ କିଦାମ୍ବି ଶ୍ରୀକାନ୍ତ ଏବଂ ଦୁଇଟି ଯାକ ଡବଲ୍ସ ମ୍ୟାଚରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ଏବଂ ଏମଆର ଅର୍ଜୁନ-ହରିହରନ ଯୋଡ଼ି ବିଜୟୀ ହୋଇଥିଲେ।

## କାଉଣ୍ଟିରୁ ବ୍ରେସ୍‌ୱେଲ୍ ବାସନ୍ଦ

ଲଣ୍ଡନ, ୨୪।୪ (ଏଜେନ୍ସି): ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଡଗ୍ ବ୍ରେସୱେଲ୍ କୋକେନ୍ ସେବନ କରି କାଉଣ୍ଟି କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଦ୍ୱିତୀୟଥର ପାଇଁ ଟେଷ୍ଟ ପଜିଟିଭ୍ ଆସିବା ପରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି। ଗତବର୍ଷ ସେପ୍ଟେମ୍ବର ୨୫ରେ ଏସେକ୍ସ କ୍ଲବ୍ ଓ ସମରସେଟ୍ ମଧ୍ୟରେ ଅନୁଷ୍ଠିତ କାଉଣ୍ଟି ମ୍ୟାଚ୍ ସମୟରେ ନମୁନା ସଂଗ୍ରହ କରାଯାଇଥିଲା। ବ୍ରେସୱେଲ ଏହି ଦଣ୍ଡାଦେଶକୁ ଗ୍ରହଣ କରିଛନ୍ତି। ଯେଉଁଥି ପାଇଁ ଏହି ମାମଲାରେ ଆଉ କୌଣସି ଶୁଣାଣି ହୋଇନାହିଁ। ଏହି ବାସନ୍ଦ ପିଛିଲା ଭାବେ ନଭେମ୍ବର ୨୪ ତାରିଖରୁ ଲାଗୁ ହୋଇଛି। ୨୦୨୭ ନଭେମ୍ବର ୨୩ରେ ଏହା ଶେଷ ହେବ।

## ସୁଟିଂ ବିଶ୍ୱକପ: ଦିବ୍ୟାଂଶୁ -ସମ୍ଭାବୀଙ୍କୁ ସ୍ୱର୍ଣ୍ଣ



କାଇରୋ, ୨୪।୪ (ଏଜେନ୍ସି): ଇଜିପ୍ଟରେ ଚାଲିଥିବା ଆଇଏସଏସଏଫ୍ ଜୁନିଅର ସୁଟିଂ ବିଶ୍ୱକପ୍‌ରେ ଭାରତ ସ୍ୱର୍ଣ୍ଣିମ ସଫଳତା ପାଇଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ସମ୍ଭାବୀ କ୍ଷୀରସାଗର ଓ ଦିବ୍ୟାଂଶୁ ଦେୱାଙ୍ଗନ ଯୋଡ଼ି ରେକର୍ଡ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଫାଇନାଲରେ ଏହି ଭାରତୀୟ ଯୋଡ଼ି ୪୯୯.୯ ସ୍କୋର କରି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଚାଇନିଜ ତାଇପେଇର ସି ଚେଇ-ୟିଙ୍ଗ ଓ ଚେନ୍ ୟୁ-ଆନ ଯୋଡ଼ି ୪୯୮.୩ ସ୍କୋର ସହ ରୌପ୍ୟ ପଦକ ଜିତିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସମ୍ଭାବନୀ-ଦିବ୍ୟାଂଶୁ ଯୋଡ଼ି ୬୩୨.୦ ସ୍କୋର କରି ଶୀର୍ଷ ସ୍ଥାନରେ ରହିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୨ ପଦକ ଜିତି ପଦକ ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ କାଂସ୍ୟ ପଦକ ସାମିଲ ରହିଛି।

## ମେ ୧ରୁ ରାଜ୍ୟ ୯ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍

ଭୁବନେଶ୍ୱର, ୨୪।୪ (ସମିସ): ଆସନ୍ତା ମେ ୧ ତାରିଖରୁ ବିଷ୍ଣୁଚରଣ ସେଠୀ ସ୍ମାରକୀ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଆରମ୍ଭ ହେବ। ଅଗ୍ରଣୀ ଚେସ୍ ସଂଗଠନ ମାଷ୍ଟର ଚେସ୍ ଫାଉଣ୍ଡେସନ ଓ ପ୍ରତିଷ୍ଠିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରୁ ଜାତୀୟ ଚେସ୍ ଲାଗି ଖେଳାଳି ମନୋନୟନ କରାଯିବ। ଏଥିରେ ମୋଟ୍ ୨୦ ହଜାର ଟଙ୍କା ପୁରସ୍କାର ରାଶି ରହିଛି। ଉଭୟବର୍ଗର ଶ୍ରେଷ୍ଠ-୧୦ ଖେଳାଳିଙ୍କୁ ନଗଦ ଅର୍ଥରାଶି ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିଭଳି ବିଭିନ୍ନ ବର୍ଗରେ ୪୪ଟି ଟ୍ରଫି ପ୍ରଦାନ କରାଯିବ ବୋଲି ଏମସିଏଫ୍‌ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ କହିଛନ୍ତି। ୧/୧/୨୦୧୭ ସୁଦ୍ଧା ଜନ୍ମଗ୍ରହଣ କରିଥିବା ରାଜ୍ୟର ଯେକୌଣସି ବାଳକ ଓ ବାଳିକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏଥିଲାଗି ପ୍ରବେଶିକା ଦେୟ ୬୦୦ ଟଙ୍କା ରଖାଯାଇଛି। ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଅଧିକ ଜାଣିବା ପାଇଁ ବିକ୍ରମ ବିଶ୍ୱାଳ (ମୋ-୯୮୬୧୦୦୯୬୭୪) ଓ ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ ମହାପାତ୍ର (ମୋ-୬୩୭୧୭୨୨୯୩୯)ଙ୍କୁ ଯୋଗାଯୋଗ କରିବାକୁ ରାଜ୍ୟ ଚେସ୍ ସଂଘ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି କହିଛନ୍ତି।

## ଓପନ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୪ (ସମିସ): କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଶୁକ୍ରବାର ଓପନ୍ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦୦ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀ ଯୋଗଦେଇଛନ୍ତି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଅଲିମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ୍ ପାଲ୍, ବରିଷ୍ଠ ଚିକିତ୍ସକ ଜୟନ୍ତ କୁମାର ପଣ୍ଡା, ଏଲଆଇସିର ବରିଷ୍ଠ ଅଧିକାରୀ ଅସୀମ କୁମାର ଯୋଗଦେଇଥିଲେ। ରାଜ୍ୟ ସଂଘ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, କଟକ ଜିଲ୍ଲା ସଂଘ ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ସୁଦୀପ୍ତା ନନ୍ଦ, ଟେକ୍ନିକାଲ ଡିରେକ୍ଟର ଜୟକୃଷ୍ଣ ପରିଜା ପରିଚାଳନାରେ ସହଯୋଗ କରୁଛନ୍ତି।

## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ବିସ୍ଫୋରକ ଶତକ

# ପୂଜା- ୧୮୧, ରଶ୍ମିତା- ୧୪୧


ପୂଜା ଆର୍ ଦାସ


ରଶ୍ମିତା ଚିନ୍ନାରା

ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଦୁଇଟି ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି। ଭଦ୍ରକର ପୂଜା ଦାସ ୧୮୧ ଓ ବଲାଙ୍ଗିରର ରଶ୍ମିତା ଚିନରା ୧୪୧ ରନର ବିସ୍ଫୋରକ ପାଳି ଖେଳିବା ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୨୦ ଓଭରରେ ୫ ୱିକେଟ୍ ହରାଇ ୨୮୭ ରନ ସଂଗ୍ରହ କରିଥିଲା। ପୂଜା ୮୨ ବଲରେ ସର୍ବାଧିକ ୧୮୧ ରନ କରିଥିଲେ। ଜବାବରେ ମୟୂରଭଞ୍ଜ ୯ ୱିକେଟରେ ୭୦ ରନ କରିବା ସହ ୨୧୭ ରନର ବିଶାଳ ବ୍ୟବଧାନରେ ପରାସ୍ତ ହୋଇଥିଲା। ସେହିଭଳି ରେଭେନସା ଗ୍ରାଉଣ୍ଡରେ ବଲାଙ୍ଗିର ୨୨୬ ରନର ବିଶାଳ ବ୍ୟବଧାନରେ ଦେଓଗଡ଼କୁ ମାତ୍ ଦେଇଛି। ରଶ୍ମିତା (୭୮ ବଲରେ ଅପରାଜିତ ୧୪୧)ଙ୍କ ଶତକ ସହାୟତାରେ ବଲାଙ୍ଗିର ୨ ୱିକେଟରେ ୨୬୪ ରନର ବିରାଟ ସ୍କୋର ଠିଆ କରାଇଥିଲା। ଜବାବରେ ଦେଓଗଡ଼ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୩୮ ରନ କରିଥିଲା।

ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମାଲକାନଗିରି ୯୪ ରନରେ ଜଗତସିଂହପୁରକୁ, କଟକ ୧୮୩ ରନରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୮ ୱିକେଟରେ କେନ୍ଦୁଝରକୁ, ନବରଙ୍ଗପୁର ୨୨ ରନରେ ନୟାଗଡ଼କୁ, ରାଉରକେଲା ୫ ରନରେ କିଟ୍‌କୁ, ବରଗଡ଼ ୭୩ ରନରେ କୋରାପୁଟକୁ ଓ ଗଞ୍ଜାମ ୧୦ ୱିକେଟରେ ନୂଆପଡ଼ାକୁ ପରାସ୍ତ କରିଛି।

## ରାଜ୍ୟ କ୍ୟାଡେଟ୍ ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର,୨୪।୪(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ଆଜି ରାଜ୍ୟ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ମୋଟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଜି ୬ ଓ ୯ ବର୍ଷରୁ କମ୍ କ୍ୟାଡେଟ ବିଭାଗରେ ୧୮୦ଜଣ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୌରୀ ମହାନ୍ତି, ସହ ସମ୍ପାଦକ କାଳୀପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ପ୍ରଶିକ୍ଷିତ ଜଜ୍, ରେଫରି ଏହି ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଆସନ୍ତା ଦିନରେ ସବ୍‌ଜୁନିଅର ଓ ଜୁନିଅର ପ୍ରତିଯୋଗିତା ଆୟୋଜିତ ହେବ। ଏପ୍ରିଲ ୨୬ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

## ନୟାଗଡ଼ରେ ରାଜ୍ୟ ସିନିଅର ଓ ଅନୁଗୋଳରେ ମହିଳା ଚେସ୍

ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ଚଳିତବର୍ଷର ଚେସ ଟୁର୍ଣ୍ଣାମେଣ୍ଟ କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ଏହି କ୍ୟାଲେଣ୍ଡର ଅନୁଯାୟୀ ମେ ମାସରୁ ଜୁନ୍ ମାସ ମଧ୍ୟରେ ସମସ୍ତ ପ୍ରତିଯୋଗିତା ଶେଷ ହେବ ବୋଲି ଅଲ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି। କ୍ୟାଲେଣ୍ଡର ଅନୁଯାୟୀ ରାଜ୍ୟ ସିନିଅର ଚେସ୍ ପ୍ରତିଯୋଗିତା ନୟାଗଡରେ ଅଗଷ୍ଟ ୧୨ରୁ ୧୬ ମଧ୍ୟରେ ଓ ରାଜ୍ୟ ମହିଳା ଚେସ୍ ଅନୁଗୋଳରେ ଜୁନ୍ ମାସରେ ଖେଳାଯିବ। ବାଲେଶ୍ୱରରେ ରାଜ୍ୟ ସିନିଅର ରାପିଡ୍ ଓ ବ୍ଲିଜ୍ ଚେସ୍ ଜୁନ୍‌ରେ ଖେଳାଯିବ। ବିଭିନ୍ନ ଏଜ୍ ଗ୍ରୁପ୍ ଚେସ୍ ମଧ୍ୟରୁ ୭ ବର୍ଷରୁ କମ୍ ଚେସ୍ ଆଇଏସ୍ ଚେସ୍ ସେଣ୍ଟରରେ ମେ ୧୦ରୁ ୧୨, ୯ ବର୍ଷରୁ କମ୍ ଚେସ୍ ଢେଙ୍କାନାଳରେ ଓ ୧୧ ବର୍ଷରୁ କମ୍ ଚେସ୍ କଟକରେ ମେ’ ମାସରେ ଅନୁଷ୍ଠିତ ହେବ। ୧୩ ବର୍ଷରୁ କମ୍ ଚେସ୍ ପୁରୀରେ ମେ ୧୪ରୁ ୧୭, ୧୫ ବର୍ଷରୁ କମ୍ ଚେସ୍ ଭଦ୍ରକରେ ଓ ୧୯ ବର୍ଷରୁ କମ୍ ଚେସ୍ ସୁନ୍ଦରଗଡ଼ରେ ଜୁନ୍ ମାସରେ ଅନୁଷ୍ଠିତ ହେବ। ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଚଳିତବର୍ଷ ଓଡ଼ିଶାରେ ୬ଟି ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହା ଛଡ଼ା ଓଡ଼ିଶାରେ ୫,୦୦୦ ନୂଆ ଚେସ ଖେଳାଳି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ସମ୍ପାଦକ ଭଞ୍ଜ ଜଣାଇଛନ୍ତି।

# ଆଜିଠୁ କଳିଙ୍ଗରେ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ

## ଭାଗନେବେ ୬୦୦ ପ୍ରତିଯୋଗୀ, ମେ ୩ରେ ଉଦ୍‌ଯାପନୀ




ଭୁବନେଶ୍ୱର, ୨୪।୪ (ସମିସ): ଓଡ଼ିଶାର ଜିମ୍ନାଷ୍ଟପ୍ରେମୀଙ୍କ ଲାଗି ଏକ ବଡ଼ ଖବର। ରାଜଧାନୀ ଭୁବନେଶ୍ୱରରେ ଥିବା ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍‌ସ ଜିମ୍ନାଷ୍ଟିକ୍‌ସ। କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ହାଇପରଫର୍ମାନ୍ସ ସେଣ୍ଟରରେ ଏପ୍ରିଲ ୨୫ରୁ ମେ ମାସ ୩ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଭାରତରେ ପ୍ରଥମଥର ଲାଗି ଏକାଥରରେ ଜୁନିଅର ଓ ସିନିଅର ବିଭାଗରେ ଏହି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏହାକୁ ସଫଳ କରିବା ଲାଗି ଅଣ୍ଟା ଭିଡିଛି ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ ଓ ଜିମ୍ନାଷ୍ଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ। ଏହି ଯୁଗ୍ମ ଆୟୋଜକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇବେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହେଲା, ଆସନ୍ତା ଦିନରେ ହେବାକୁ ଥିବା ଏସିଆ ଚାମ୍ପିଅନସିପ୍, ଏସିଆନ୍ ଗେମ୍ସ ଓ କମନୱେଲଥ ଗେମ୍ସ ଲାଗି ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯିବ। ଏଣୁ ଏଥିରେ ଦେଶର ସମସ୍ତ ଶୀର୍ଷ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସମ୍ପାଦକ ଅଶୋକ କୁମାର ସାହୁ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ଶୀର୍ଷ ସ୍ଥାନୀୟ ଜିମ୍ନାଷ୍ଟ ପ୍ରଣତି ନାୟକ, ଯୋଗେଶ୍ୱର ସିଂ, ହର୍ଷିତ ଡି, ତାପେଶ୍ୱରନାଥ ଦାସ ଓ ଓଡ଼ିଶାର ତପନ ମହାନ୍ତି। ଏମାନେ କେବଳ ନିଜ ରାଜ୍ୟ କିମ୍ବା ଅନୁଷ୍ଠାନ ଲାଗି ନୁହେଁ ଦେଶର ଗୌରବ ବଢ଼ାଇବା ଲାଗି ପ୍ରସ୍ତୁତି କରିବେ ବୋଲି ହେଡ୍ କୋଚ୍ ତଥା ଏହି ଚାମ୍ପିଅନସିପ୍‌ର କମ୍ପିଟିସନ ମ୍ୟାନେଜର ଅଶୋକ ମିଶ୍ର କହିଛନ୍ତି।

### ଏକାଥରକେ ଜୁନିଅର ଓ ସିନିଅର

ପ୍ରଥମଥର ଲାଗି ଗୋଟିଏ ଭେନ୍ୟୁରେ ଓ ଏକା ସାଙ୍ଗରେ ଜାତୀୟ ସିନିଅର ଓ ଜୁନିଅର ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏହାକୁ ସୂଚାରୁରୂପେ ପରିଚାଳନା କରିବା ଆୟୋଜକଙ୍କ ଲାଗି ବଡ଼ ଚ୍ୟାଲେଞ୍ଜ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକଙ୍କ ମତରେ ସମସ୍ତ ପ୍ରତିଯୋଗୀ କିପରି ଭଲରେ ଅଂଶଗ୍ରହଣ କରି ଫେରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଜିମ୍ନାଷ୍ଟିକ୍ ଫେଡେରେସନ ଅଫ୍ ଇଣ୍ଡିଆର ଚିଫ୍ ଅପରେଟିଂ ଅଫିସର କଲ୍ଲୋଳ ମୁଖାର୍ଜୀଙ୍କ ମତରେ ଏହି ନ୍ୟାସନାଲ ଚାମ୍ପିଅନସିପ ଯେପରି ତ୍ରୁଟିଶୂନ୍ୟ ହେବ ସେଥିଲାଗି ୩୦୦ ଯୋଗ୍ୟ ଅଫିସିଆଲଙ୍କୁ ପରିଚାଳନାରେ ବିନିଯୋଗ କରାଯାଇଛି। ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ଉପସଭାପତି ଧୀରଜ ପଣ୍ଡା, ଭାରତୀୟ ଜିମ୍ନାଷ୍ଟିକ୍ ପୁରୁଷ ଦଳର କୋଚ୍ ତଥା ପୂର୍ବତନ ନଂ-୧ ଜିମ୍ନାଷ୍ଟ ରାକେଶ ପାତ୍ର, ଓଡ଼ିଶାର ଶୀର୍ଷ ଜିମ୍ନାଷ୍ଟ ତପନ ମହାନ୍ତି ଓ ପ୍ରୀତି ଝଙ୍କାର ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଟିମ୍, ଇଣ୍ଡିଭିଜୁଆଲ ଅଲରାଉଣ୍ଡ ଓ ଆପାରଟସ ଫାଇନାଲ୍ସ ଇଭେଣ୍ଟ ଆୟୋଜିତ ହେବ। ସିନିୟର ବିଭାଗ ସମସ୍ତଙ୍କ ଲାଗି ଉନ୍ମୁକ୍ତ ହୋଇଥିଲାବେଳେ ଜୁନିଅର ପୁରୁଷରେ ୧୮ ବର୍ଷରୁ କମ୍ ଓ ଜୁନିଅର ମହିଳାରେ ୧୫ ବର୍ଷରୁ କମ୍ ଖେଳାଳି ଭାଗନେବେ।

## ଓଡ଼ିଶାରୁ ଭାଗନେବେ ୨୭ ପ୍ରତିଯୋଗୀ



ଭୁବନେଶ୍ୱର, ୨୪।୪ (ସମିସ): ଘରୋଇ ମାଟିରେ ହେବାକୁ ଥିବା ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାରୁ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ତପନ ମହାନ୍ତିଙ୍କ ନେତୃତ୍ୱରେ ଏହି ଜିମ୍ନାଷ୍ଟମାନେ ଏଥର ଅଧିକ ମେଡାଲ ଜିତିବେ ବୋଲି ହେଡ୍ କୋଚ୍ ଅଶୋକ ମିଶ୍ର ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ସର୍ବଦା ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ରହିଆସିଛି। ଏବେ ଆମ ରାଜ୍ୟର ଏକାଧିକ ପ୍ରତିଯୋଗି ବିଭିନ୍ନ ରାଜ୍ୟ ଓ ଅନୁଷ୍ଠାନ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଫଳରେ ଓଡ଼ିଶା ସାମାନ୍ୟ ଦୁର୍ବଳ ହୋଇ ପଡ଼ିଛି। ତଥାପି ଦଳ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ। ଓଡ଼ିଶାରୁ ସିନିଅର ଓ ଜୁନିଅର ପୁରୁଷ ବିଭାଗରେ ମିଳିତଭାବେ ୧୫ଜଣ, ଶକ୍ତିଶାଳୀ ମହିଳା ସିନିଅର ଓ ଜୁନିଅର ବିଭାଗରେ ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଘୋଷଣା କରାଯାଇଛି। ଏଥର କେବଳ ଓଡ଼ିଶାର ଜିମ୍ନାଷ୍ଟଙ୍କୁ ଭାଗ ନେବାର ସୁଯୋଗ ମିଳିଛି ବୋଲି ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘ ସମ୍ପାଦକ ଅଶୋକ ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୨୫ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS